

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୧ ଫେବୃଆରୀ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 11 FEBRUARY 2023
Vol.No. 34 ■ No. 40 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ରମାଦେବୀ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତିଙ୍କ ଉଦ୍‌ବୋଧନ




ଭୁବନେଶ୍ୱର,୧୦/୦୨ (ନି.ପ୍ର): ସଂସଦର ଉଭୟ ଗୃହରେ ଅଧିକାଂଶ ମହିଳା ମାନଙ୍କ ପ୍ରତିନିଧିତ୍ୱ ଗଣତନ୍ତ୍ରର ସ୍ୱର୍ଣ୍ଣିମ ଭବିଷ୍ୟତ ପାଇଁ ଶୁଭ ସୂଚନା ବୋଲି ଶୁକ୍ରବାର ଭୁବନେଶ୍ୱର ଠାରେ ଓଡ଼ିଶାର ପ୍ରଥମ ମହିଳା ବିଶ୍ୱବିଦ୍ୟାଳୟ ରମାଦେବୀ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତନ ଉତ୍ସବରେ ଯୋଗଦେଇ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ କହିଛନ୍ତି । ସେ କହିଛନ୍ତି ଯେ ଭାରତ ହେଉଛି ପୃଥିବୀର ସର୍ବବୃହତ ଗଣତନ୍ତ୍ର ଏବଂ ପ୍ରତିନିଧିତ୍ୱ ହେଉଛି ଏହାର ଆଧାର । ବର୍ତମାନ ପଂଚାୟତରୁ ପାର୍ଲ୍ୟାମେଂଟ ପର୍ଯ୍ୟନ୍ତ ସବୁ ଗଣତାନ୍ତ୍ରିକ ସଂସ୍ଥାରେ ମହିଳା ମାନଙ୍କ ପ୍ରତିନିଧିତ୍ୱ ବଢ଼ିଚାଲିଛି । ପ୍ରଥମ ଥର ପାଇଁ ମହିଳା ସାଂସଦଙ୍କ ସଂଖ୍ୟା ୧୦୦ ଟପିଛି । ପାର୍ଲ୍ୟାମେଂଟର ଉଭୟ ଗୃହରେ ଅଧୁନା ୧୧୫ ଜଣ ମହିଳା ସାଂସଦ ଅଛନ୍ତି । ଏହା ଆମ ଗଣତନ୍ତ୍ରର ବଡ ଉପଲବ୍ଧି । ଏହା ମଧ ଆମ ଗଣତନ୍ତ୍ରର ସ୍ୱର୍ଣ୍ଣିମ ଭବିଷ୍ୟତ ପାଇଁ ଶୁଭ ସୂଚନା ବୋଲି ରାଷ୍ଟ୍ରପତି କହିଛନ୍ତି । ସେ କହିଛନ୍ତି ଯେ ନାରୀ ସଶକ୍ତୀକରଣ ଆଉ ସ୍ଲୋଗାନ୍ ହୋଇ ରହିନାହିଁ, ଏବେ ବାସ୍ତବରେ ପରିଣତ ହୋଇଛି । କଳା, ସାହିତ୍ୟ, ସଂଗୀତ,ନୃତ୍ୟ, କ୍ରୀଡ଼ା, ବିଜ୍ଞାନ ଓ ଅନ୍ୟ ସବୁ କ୍ଷେତ୍ରରେ ମହିଳାମାନେ ସଫଳତା ହାସଲ କରିଛନ୍ତି । ନାରୀ ଓ ପୁରୁଷ ମଧରେ କୌଣସି ପ୍ରଭେଦ ନାହିଁ । ସାମାଜିକ ବ୍ୟବସ୍ଥା ହିଁ ପ୍ରଭେଦ ସୃଷ୍ଟି କରିଛି । ମାତ୍ର ତାହା ଆଜି ଭାଙ୍ଗି ଯାଇଛି । ସବୁ କ୍ଷେତ୍ରରେ ମହିଳାମାନେ ନିଜର ଉତ୍କର୍ଷ ପ୍ରତିପାଦିତ କରିଛନ୍ତି । ସେ କହିଛନ୍ତି ଯେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସମାବର୍ତନ ଉତ୍ସବରେ ଯୋଗଦାନ କରି ମୁଁ ଅତ୍ୟନ୍ତ ଆନନ୍ଦିତ । ଯାହାଙ୍କ ନାମରେ ଏହି ବିଶ୍ୱବିଦ୍ୟାଳୟ ନାମିତ, ଭାରତୀୟ ସ୍ୱାଧୀନତା ସଂଗ୍ରାମର ସ୍ୱନାମଧନ୍ୟା ନେତ୍ରୀ, ସେବା ଓ ସଂକଳ୍ପ ତଥା ତ୍ୟାଗ ଓ ତିତିକ୍ଷାର ପ୍ରତୀକ ରମାଦେବୀଙ୍କ ପ୍ରତି ମୁଁ ସାଦର ସମ୍ମାନ ଜ୍ଞାପନ କରୁଛି । ସେ କହିଛନ୍ତି ଯେ ଓଡ଼ିଶାରେ ଶିକ୍ଷାବିକାଶ, ବିଶେଷତଃ ବାଳିକା-ଶିକ୍ଷା କ୍ଷେତ୍ରରେ ନେତୃତ୍ୱ ନେଇଥିବା ବ୍ୟାସକବି ଫକୀରମୋହନ ସେନାପତି, ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଏବଂ ଉତ୍କଳୀୟ ନବଜାଗରଣର ଅନ୍ୟ ମହାନ କର୍ଣ୍ଣଧାରମାନଙ୍କୁ ମୁଁ ପ୍ରଣାମ ଜଣାଉଛି । ସେ ତାଙ୍କର ପୁରୁଣା ସ୍ମୃତିକୁ ମନେ ପକାଇ କହିଛନ୍ତି ଯେ ପାଠପଢ଼ା ସମୟର ସେ ମୁକ୍ତ ଓ ସ୍ୱଚ୍ଛନ୍ଦ ଜୀବନକୁ କେହି କ'ଣ ଭୁଲି ପାରିବ ? ମୁଁ ତ କଦାପି ଭୁଲି ନାହିଁ । ମୋ ଜୀବନର ଗତିପଥରେ ଏହି ମହାନ୍ ଶିକ୍ଷାନୁଷ୍ଠାନ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିଛି । ଭୁବନେଶ୍ୱର ଠାରୁ ଦୂରରେ ଅବସ୍ଥିତ ମୟୂରଭଞ୍ଜ ଜିଲ୍ଲାର ଏକ ଅଖ୍ୟାତ ଆଦିବାସୀ ପଲ୍ଲୀରୁ ଆସି ମୁଁ ଭୁବନେଶ୍ୱରର ୟୁନିଟ୍-୨ ବାଳିକା ବିଦ୍ୟାଳୟରେ ପାଠପଢ଼ା ଆରମ୍ଭ କରିଥିଲି । ▶▶ପୃଷ୍ଠା ୭

## କଂଗ୍ରେସର 'ହାତ' ଧରିଲେ ବିଜୟ ପଟ୍ଟନାୟକ



ଭୁବନେଶ୍ୱର,୧୦/୦୨ (ନି.ପ୍ର): କଂଗ୍ରେସର 'ହାତ' ଧରିଲେ ବିଜୟ ପଟ୍ଟନାୟକ । ଓଡ଼ିଶାର ପୂର୍ବତନ ମୁଖ୍ୟ ଶାସନ ସଚିବ ହେଉଛନ୍ତି ବିଜୟ । ଦିଲ୍ଲୀ ଏଆଇସିସି କାର୍ଯ୍ୟାଳୟରେ କଂଗ୍ରେସରେ ବିଧିବଦ୍ଧ ଭାବେ ସାମିଲ ହୋଇଛନ୍ତି ବିଜୟ । କଂଗ୍ରେସ ସଭାପତି ମଲ୍ଲିକାର୍ଜୁନେ ଖଡଗେ, ପିସିସି ସଭାପତି ଶରତ ପଟ୍ଟନାୟକ, ଓଡ଼ିଶା ପ୍ରଭାରୀ ଚେଲ୍ଲା କୁମାରଙ୍କ ଉପସ୍ଥିତିରେ କଂଗ୍ରେସରେ ସାମିଲ ହୋଇଛନ୍ତି ବିଜୟ । କଂଗ୍ରେସରେ ଯୋଗ ଦେବା ପରେ ବିଜୟ କହିଛନ୍ତି, ପ୍ରଥମ ଥର ପାଇଁ ରାଜନୀତିରେ ପାଦ ଦେଇଛି । ନୀତି ଆଦର୍ଶକୁ ନେଇ ଆଗକୁ ବଢ଼ିବି । ଓଡ଼ିଶାରେ ଦୁର୍ନୀତି ଓ କୁଶାସନ ଚାଲିଛି । ପ୍ରଶାସନ ଲୋକଙ୍କ ପାଖରେ ପହଞ୍ଚୁନାହିଁ । ମୁଁ ଲୋକଙ୍କ ପାଇଁ କାମ କରିବି । କଂଗ୍ରେସର ଉଦାରବାଦୀ ନୀତି ପାଇଁ ହାତ ଧରିଛି । ରାହୁଲଙ୍କ ଗାନ୍ଧୀଙ୍କ ଭାରତ ଯୋଡ ଯାତ୍ରା, ପ୍ରେମ ଓ ଭଲପାଇବାର ଯାତ୍ରା ବୋଲି କହିଛନ୍ତି ବିଜୟ ।

## ସବୁଠୁ ଛୋଟ ଉପଗ୍ରହର ସଫଳ ଉତ୍କ୍ଷେପଣ : ଇତିହାସ ରଚିଲା ଇସ୍ରୋ



ନୂଆଦିଲ୍ଲୀ,୧୦/୦୨ : ସବୁଠୁ ଛୋଟ ଏସଏସଏଲଭିର ସଫଳ ଉତକ୍ଷେପଣ କରିଛି ଇସ୍ରୋ । ଶୁକ୍ରବାର ଆନ୍ଧ୍ରପ୍ରଦେଶ ଶ୍ରୀହରିକୋଟା ସତୀଶ ଧୱନ ଅନ୍ତରୀକ୍ଷ କେନ୍ଦ୍ରର ଏହି ଛୋଟ ଉପଗ୍ରହ ଏସଏସଏଲଭି-ଡି-ଟୁ ରକେଟ ଲଂଚ କରାଯାଇଛି । ଇତିହାସ ରଚିଲା ଇସ୍ରୋ - ଅବଜରଭେସନ ସାଟେଲାଇଟ ଇଓଏସ-୦୭ ମହାକାଶକୁ ପଠାଯାଇଛି । ମୋଟ ୩ଟି ଉପଗ୍ରହ ସହିତ ଏହି ରକେଟକୁ ଉତକ୍ଷେପଣ କରାଯାଇଛି । ଆମେରିକାର ୧୦.୦୨ କିଲୋଗ୍ରାମ ଜାନୁସ-୧ ସାଟେଲାଇଟ୍ । ଚେନ୍ନାଇର ସ୍ପେଶ୍ ଷ୍ଟାର୍ଟଅପ୍ ସ୍ପେଶ୍ କିଡର ଉପଗ୍ରହ ଆଜାଦିସାଟ୍-୨ । ଇସ୍ରୋ ଉପଗ୍ରହ ଇଓଏସ-୦୭ ସାମିଲ ରହିଛି । ୩ଟି ଉପଗ୍ରହ ୪୫୦ କିଲୋମିଟର ଦୂରରେ ଥିବା ସର୍କୁଲାର କକ୍ଷପଥରେ ଅବସ୍ଥାପିତ ହେବ । ତଥ୍ୟ ଅନୁସାରେ ଏସଏସଏଲଭି ଲଂଚ ଇନ ଡିମାଣ୍ଡ ଆଧାରରେ ଏହା ପୃଥବୀର ୫ଶହ କିଲୋମିଟର ଯାଏଁ ଘୁରି ସାଟେଲାଇଟକୁ ଅବସ୍ଥାପିତ କରିପାରିବ । କମ ସମୟ ମଧରେ ପୃଥବୀର କକ୍ଷ ପଥରେ ଏକାଧିକ ଉପଗ୍ରହକଙ୍କୁ ଅବସ୍ଥାପିତ କରିପାରିବ । ଏହା ଲମ୍ବ ୩୪୦ ମିଟର ଓ ୨ମିଟର ବ୍ୟାସ ଯୁକ୍ତ ଅଟେ । ଏହା ଓଜନ ୧୦୨ ଟନ ରହିଛି । ଇସ୍ରୋ ମୁଖ୍ୟ ଏସ ସୋମନାଥ କହିଛନ୍ତି ଭାରତୀୟ ମହାକାଶ ସଂସ୍ଥା ଆଗକୁ ଅନେକ ବଡ ଯୋଜନା କରୁଛି । ୩ଟି ସାଟେଲାଇଟକୁ କକ୍ଷପଥରେ ପହଂଚାଇବ ଏସଏସଏଲଭି-ଡିଟୁ ଉପଗ୍ରହ । ଅଗଷ୍ଟ ୯ ତାରିଖରେ ଏହି ରକେଟର ପ୍ରଥମ ପରୀକ୍ଷଣ ବିଫଳ ହୋଇଥିଲା ।

## ସମ୍ବଲପୁର ଓକିଲ ସଂଘର ୨୯ ଆଇନଜୀବୀଙ୍କୁ ମିଳିଲା ସର୍ତମୂଳକ ଜାମିନ

ଭୁବନେଶ୍ୱର,୧୦/୦୨ (ନି.ପ୍ର): ଓଡ଼ିଶା ଉଚ୍ଚ ନ୍ୟାୟାଳୟ ସମ୍ବଲପୁରରେ ହାଇକୋର୍ଟ ସ୍ଥାୟୀ ବେଂଚ ଦାବି ଆନ୍ଦୋଳନରେ ସାମିଲ ହୋଇ ଭଙ୍ଗାରୁଜା କରିବା ଅଭିଯୋଗରେ ଗିରଫ ସମ୍ବଲପୁର ଓକିଲ ସଂଘର ୨୯ ଆଇନଜୀବୀଙ୍କୁ ସର୍ତମୂଳକ ଜାମିନ ମଞ୍ଜୁର କରିଛନ୍ତି । ରାଲି ନ କରିବା, ଧାରଣା ନ ଦେବା ସହ ବୟାନବାଜି ନ କରିବାକୁ ସର୍ତ ରଖି ତାଙ୍କୁ ଜାମିନ ପ୍ରଦାନ କରାଯାଇଛି । ଉଲ୍ଲେଖନୀୟ ଯେ ଗତ ବର୍ଷ ଡିସେମ୍ବର ୧୨ ତାରିଖରେ ଗିରଫ ୨୯ ଜଣ ଆଇନଜୀବୀ ଗିରଫ ହୋଇଥିଲେ ।

## ଜମ୍ମୁକାଶ୍ମୀରରେ ମିଳିଲା ଗୁପ୍ତ ଖଣିଜ ଭଣ୍ଡାର, ଠାବ ହେଲା ବିଶାଳ 'ଲିଥିୟମ' ଖଣି



ନୂଆଦିଲ୍ଲୀ,୧୦/୦୨ : ବର୍ଷ ଆରମ୍ଭରୁ ଦେଶ ପାଇଁ ଆସିଛି ବଡ ତଥା ଖୁସିର ଖବର । କାରଣ ଠାବ ହୋଇଛି ବିଶାଳ ଲିଥିୟମ ଭଣ୍ଡାର । ଜମ୍ମୁକଶ୍ମୀରରେ ଏହି ଲିଥିୟମ ଭଣ୍ଡାର ଠାବ ହୋଇଥିବା ଜିଓଲୋଜିକାଲ ସର୍ଭେ ଅଫ ଇଣ୍ଡିଆ ପକ୍ଷରୁ ସୂଚନା ଦିଆଯାଇଛି । ଗୁପ୍ତ ଭଣ୍ଡାର ବାବଦରେ ଯେଉଁ ସବୁ ତଥ୍ୟ ମିଳିଛି ତାକୁ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିଛି ଜିଏସଆଇ । ଏହି ରିପୋର୍ଟରେ କୁହାଯାଇଛି- ଫେବୃଆରୀ ୯ ତାରିଖରେ ଜିଏସଆଇ ଲିଥିୟମ ଓ ସୁନା ବ୍ୟତିତ କିଛି ଖଣିଜ ପର୍ଦାଥର ଭଣ୍ଡାର ଠାବ କରିଛି । ଜମ୍ମୁକଶ୍ମୀର ସଲାଲ-ହିମାମ କ୍ଷେତ୍ରରେ ୫.୦୯ ମିଲିୟନ ଟନର ଏକ ଗୁପ୍ତ ଲିଥିୟମ ଖଣି ଠାବ କରାଯାଇଛି । ୫୧ ଖଣି ମଧରୁ ୫ଟି ଖଣି ସୁନାର ରହିଥିବା ଖଣି ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି । ଲିଥିୟମକୁ ଇଲେକ୍ଟ୍ରୋନିକ ଯାନବାହନ, ମୋବାଇଲ ଫୋନ, କମ୍ପ୍ୟୁଟରର ନିର୍ମାଣ ପାଇଁ ବ୍ୟବହାର କରାଯାଏ । ଲିଥିୟମର ବିରାଟ ବଡ ଖଣି ମିଳିବା ଦେଶ ପାଇଁ ନିଶ୍ଚିତଭାବ ଆଶ୍ୱସ୍ତିଜନକ ଖବର । ଲିଥିୟମ ପାଇଁ ଭାରତକୁ ଅନ୍ୟ ଦେଶମାନଙ୍କ ଉପରେ ଲିଥିୟମ ପାଇଁ ନିର୍ଭର କରିବାକୁ ପଡ଼ିବ ନାହିଁ । ଏହାର ଦ୍ୱାରା ଦେଶର ଆର୍ଥିକ ବିକାଶ ଘଟିବା ସମ୍ଭାବନା ବେଶ ଅଧିକ ରହିଛି । ସେପଟ ଜମ୍ମୁକାଶ୍ମୀର ସମେତ ଆନ୍ଧ୍ରପ୍ରଦେଶ, ଛତିଶଗଡ. ଗୁଜରାଟ, ଝାଡଖଣ୍ଡ, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ଓଡିଶା, ରାଜସ୍ଥାନ ତାମିଲନାଡୁ ଓ ତେଲେଙ୍ଗାନରେ ମଧ ଗୁପ୍ତ ଖଣିଜ ଭଣ୍ଡାର ମିଳିଥିବା ସୂଚନା ରହିଛି । ଭାରତ ୮୦ ପ୍ରତିଶତ ଲିଥିୟମ ଓ ଆଇରନ ବ୍ୟାଟେରୀ ଚୀନରୁ ଆମଦାନୀ କରେ । ଏଥିସହ ଆର୍ଜେଂଟିନା, ଚିଲ୍ଲୀ, ଅଷ୍ଟ୍ରେଲିଆ, ବୋଲବି ପରି ଲିଥିୟମରେ ଭରପୂର ଦେଶ ଉପରେ ଲିଥିୟମ ପାଇଁ ଭାରତ ନିର୍ଭରଶୀଳ ରହିଛି । ଏବେ ଜମ୍ମୁକଶ୍ମୀରରେ ଏହି ବିରାଟ ଲିଥିୟମ ଭଣ୍ଡାର ଠାବ ହେବା ପରେ ଆତ୍ମନିର୍ଭର ଭାରତ ପାଇଁ ଏହା ବଡ ଭୂମିକା ତୁଲାଇପାରେ ।

## ଦୁଇବର୍ଷ ପରେ ସୋସିଆଲ ମିଡିଆକୁ ଫେରିଲେ ଆମେରିକାର ପୂର୍ବତନ ରାଷ୍ଟ୍ରପତି



ନୂଆଦିଲ୍ଲୀ, ୧୦/୦୨ : କ୍ୟାପିଟଲ ହିଂସା ଘଟଣା ପରେ ସୋସିଆଲ ମିଡିଆର ପ୍ରାୟ ସବୁ ପ୍ଲାଟଫର୍ମରୁ ବହିଷ୍କୃତ ହୋଇଥିଲେ । ଏହାର ଦୁଇବର୍ଷ ପରେ ପୁଣି ଚାଲୁ ହେଲା ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଫେସବୁକ ଓ ଇନଷ୍ଟାଗ୍ରାମ ଆକାଉଂଟ । ପୁଣିଥରେ ସୋସିଆଲ ମିଡ଼ିଆ ଫ୍ଲାଟଫର୍ମ ଫେସବୁକ, ଇନଷ୍ଟାଗ୍ରାମକୁ ଫେରିଛନ୍ତି ଡ଼ୋନାଲ୍ଡ ଟ୍ରମ୍ପ । ଏନେଇ ମେଟା ମୁଖପାତ୍ର ଆଣ୍ଡି ଷ୍ଟୋନ ସୂଚନା ଦେଇଛନ୍ତି । ଟ୍ରମ୍ପଙ୍କର ଇନଷ୍ଟାଗ୍ରାମରେ ୨୩ ମିଲିୟନ ଫଲୋଅର୍ସ ଓ ଫେସବୁକରେ ୩୪ ମିଲିୟନ ଫଲୋଅର୍ସ ଅଛନ୍ତି । ଜାନୁଆରୀ ୬, ୨୦୨୧ରେ କ୍ୟାପିଟାଲ ହିଲସ ଦଙ୍ଗା ପରେ ଟ୍ରମ୍ପଙ୍କ ସୋସିଆଲ ମିଡ଼ିଆ ଦୁଇବର୍ଷ କରି ଅଚଳ କରି ଦିଆଯାଇଥିଲା ।

## ଆଦାନୀ-ହିଣ୍ଡେନବର୍ଗ ମାମଲା ସୁପ୍ରିମକୋର୍ଟରେ ଶୁଣାଣି




ନୂଆଦିଲ୍ଲୀ,୧୦/୦୨ : ଆଦାନୀ ଗ୍ରୁପ ଉପରେ ହିଣ୍ଡେନବର୍ଗ ରିସର୍ଚ୍ଚ ଫାର୍ମ ଦେଇଥିବା ରିପୋର୍ଟକୁ ନେଇ ସାରା ଦେଶରେ ହୋ ହାଲ୍ଲା ଲାଗି ରହିଛି । ଏନେଇ ଆଦାନୀଙ୍କ ତରଫରୁ ସୁପ୍ରିମକୋର୍ଟରେ ହିଣ୍ଡେନବର୍ଗ ରିପୋର୍ଟ ବିରୋଧରେ ହୋଇଥିବା ମାମଲାର ଆଜି ଶୁଣାଣି କରିଛନ୍ତି କୋର୍ଟ । ଶୁଣାଣି ବେଳେ କୋର୍ଟ ଆଦାନୀ ଗ୍ରୁପରେ ନିବେଶ କରି କୋଟି କୋଟି ଟଙ୍କା ହରାଇଥିବା ନିବେଶକଙ୍କୁ ନେଇ କୋର୍ଟ ଚିନ୍ତାପ୍ରକଟ କରିଛନ୍ତି । ଭବିଷ୍ୟତରେ ଯେମିତି ଏଭଳି ସ୍ଥିତି ନଦେଖାଦିଏ ତାହା ପାଇଁ ସେବି ବା ଭାରତୀୟ ପ୍ରତିବୃତ୍ତି ବିନିମୟ ବୋର୍ଡ ଠାରୁ ପରାମର୍ଶ ମାଗିଛନ୍ତି । ଏହାସହ ଏକ ବିଶେଷଜ୍ଞ କମିଟି ଗଠନ କରିବାକୁ ସଂକେତ ଦେଇଛନ୍ତି । ଏହି ମାମଲାର ପରବର୍ତ୍ତୀ ଶୁଣାଣି ଚଳିତମାସ ୧୩ ତାରିଖରେ ହେବ ବୋଲି କୁହାଯାଇଛି । ଆବେଦକାରୀଙ୍କ ତରଫରୁ ମାମଲା ଲଢୁଥିବା ଓକିଲ ବିଶାଳ ତିୱାରୀ ଏହି ମାମଲାରେ ଏକ ଯାଂଚ କମିଟି ଗଠନ କରିବାକୁ କୋର୍ଟଙ୍କୁ କହିଥିଲେ । ସେପଟେ ସିଲିସିଟର ଜେନରାଲ କହିଥିଲେ କି ସେ ସେବି ତରଫରୁ କୋର୍ଟରେ ହାଜର ହୋଇଛନ୍ତି । କୋର୍ଟ ଯାହା ପ୍ରଶ୍ନ ପଚାରିବେ ସେ ତାହା ଉପରେ ଉତ୍ତର ରଖିବେ । କୋର୍ଟ କହିଥିଲେ କି ଆମର ଚିନ୍ତା ହେଉଛି କିଭଳି ଭାବେ ଭାରତୀୟ ନିବେଶକଙ୍କୁ ସୁରକ୍ଷା ଦିଆଯାଇପାରିବ । ମୁଖ୍ୟ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ କହିଥଲେ କି ▶▶ପୃଷ୍ଠା ୭

## ରମାଦେବୀ ବିଶ୍ୱବିଦ୍ୟାଳୟକୁ ଏକକ ଓ ବହୁମୁଖୀ ବିଶ୍ୱବିଦ୍ୟାଳୟରେ ରୂପାନ୍ତରିତ କରିବାର ଦାୟିତ୍ୱ ନିଅନ୍ତୁ ରାଜ୍ୟ ସରକାର : ଧର୍ମେନ୍ଦ୍ର



ଭୁବନେଶ୍ୱର,୧୦/୦୨ (ନି.ପ୍ର): ସମାବର୍ତନ ସମାରୋହରେ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରମାଦେବୀ ବିଶ୍ୱ ବିଦ୍ୟାଳୟକୁ ଏକକ ଓ ବହୁମୁଖୀ ବିଶ୍ୱବିଦ୍ୟାଳୟରେ ରୂପାନ୍ତରିତ କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି । ସେ କହିଛନ୍ତି ଏଥିପାଇଁ କେନ୍ଦ୍ର ସରକାର ସବୁପ୍ରକାର ସହଯୋଗ ପ୍ରଦାନ କରିବେ । ରମାଦେବୀ ବିଶ୍ୱବିଦ୍ୟାଳୟ ଓଡ଼ିଶାର ପ୍ରଥମ ମହିଳା ବିଶ୍ୱବିଦ୍ୟାଳୟ । ତେଣୁ ପ୍ରାଥମିକତା ଭିତିରେ ୟୁଜି ଓ ପିଜି କ୍ୟାମ୍ପସକୁ ବ୍ୟାପକ କରିବା ପାଇଁ ସାମୂହିକ ଉଦ୍ୟମ ହେବା ଦରକାର । ଶ୍ରୀ ପ୍ରଧାନ କହିଛନ୍ତି ଯେ, ରାଜନୀତିରେ ଦାୟିତ୍ୱରେ ରହି ମଧ ସମାଜ ସୁଧାରକ ଭାବେ ଓଡିଶାର ସାମାଜିକ ଜୀବନକୁ ପ୍ରଭାବିତ କରିଥିବା ଉତ୍କଳ ଗୌରବ ମଧୁସୂଦନ ଦାସ, ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀଙ୍କ ପରିବାର ସହ ଜଡ଼ିତ ରମାଦେବୀ ଚୌଧୁରୀ ଥିଲେ ସମାଜ ଜୀବନର ଅନନ୍ୟ ପ୍ରତିଭାର ଅଧିକାରିଣୀ । ଆମ ଓଡ଼ିଆ ସାମାଜିକ ଜୀବନରେ ମା'ସୁଭଦ୍ରାଙ୍କ ଠାରୁ ଆରମ୍ଭ କରି ସମ୍ମାନନୀୟା ଦ୍ରୌପଦୀ ମୁର୍ମୁ, ନାରୀନେତ୍ରୀ ଓ ମା' ମାନଙ୍କର ବିଶେଷ ସ୍ଥାନ ଅଛି । ରମାଦେବୀ, ମାଳତୀ ଦେବୀଙ୍କ ଭଳି ଓଡିଆ ନେତ୍ରୀମାନେ ସୁଖ, ସ୍ୱାଚ୍ଛନ୍ଦ୍ୟ ଛାଡି ଘରର ଚଉକାଠରୁ ବାହାରି ଦେଶ ସେବା ପାଇଁ ବାହାରିଥିଲେ । ଏ ଦୁର୍ମୂଲ୍ୟ ବାର୍ତା ବର୍ତମାନର ଯୁବପିଢ଼ିଙ୍କ ପାଖରେ ପହଂଚାଇବା ଆମ କର୍ତବ୍ୟ ହେବା ଉଚିତ୍ । ଅପରପକ୍ଷରେ ଦେଶରେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଛାତ୍ରୀ ମାନଙ୍କ ସଂଖ୍ୟା ତୁଳନାତ୍ମକ ଭାବେ ଅଧିକ ହୋଇଛି । ତୁର୍କିରେ ଭୂମିକମ୍ପରେ ପ୍ରଭାବିତଙ୍କୁ ସାହାଯ୍ୟ କରିବାକୁ ଯାଇଥିବା ଭାରତୀୟ ମହିଳା ଯବାନ ମାନଙ୍କୁ ସେଠାକାର ମାଆ ସ୍ନେହ ଆଦର କରୁଛନ୍ତି । ଆମର ନାରୀ ଶକ୍ତି ବିଶ୍ୱର ସେବା କରିବା ପାଇଁ ଆଗେଇ ଆସିଲେଣି । ଚଳିତବର୍ଷ ଭାରତ ଜି-୨୦ର ଅଧକ୍ଷତା କରୁଥିବା ବେଳେ ଆସନ୍ତା ଏପ୍ରିଲ ମାସରେ ଓଡ଼ିଶାରେ ଜାତୀୟ ସ୍ତରର ଶିକ୍ଷାନୁଷ୍ଠାନକୁ ନେଇ ଭବିଷ୍ୟତ କାର୍ଯ୍ୟ ଉପରେ ବୈଠକ ଅନୁଷ୍ଠିତ ହେବାର ▶▶ପୃଷ୍ଠା ୭

## ୟୁପିରେ ଗ୍ଲୋବାଲ ଇନଭେଷ୍ଟର୍ସ ସମ୍ମିଳନୀ ଉଦ୍‌ଘାଟନ କଲେ ମୋଦି



ନୂଆଦିଲ୍ଲୀ,୧୦/୦୨ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଉତ୍ତରପ୍ରଦେଶର ଲକ୍ଷ୍ନୌରେ ଗ୍ଲୋବାଲ ଇନଭେଷ୍ଟର୍ସ ସମ୍ମିଳନୀ ୨୦୨୩ ର ଉଦଘାଟନ କରିଛନ୍ତି । ଫେବୃଆରୀ ୧୦-୧୨ ପର୍ଯ୍ୟନ୍ତ ଉତ୍ତରପ୍ରଦେଶ ଗ୍ଲୋବାଲ୍ ନିବେଶକ ସମ୍ମିଳନୀ ଚାଲିବ । ଏହା ଉତ୍ତରପ୍ରଦେଶ ସରକାର ପ୍ରଥମଥର ପାଇଁ ଏମିତି ଏକ ସମ୍ମିଳନୀର ଆୟୋଜନ କରୁଛନ୍ତି । ଏହି ସମ୍ମିଳନୀରେ ଶିଳ୍ପପତି, ଏକାଡେମୀ, ଥିଙ୍କ ଟ୍ୟାଙ୍କ ଏବଂ ନେତାମାନେ ଏକାଠି ହେବେ । ଏହି ଅବସରରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଉତ୍ତରପ୍ରଦେଶ ରାଜ୍ୟପାଳ ଆନନ୍ଦିବେନ୍ ପଟେଲ ଏବଂ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ ଉପସ୍ଥିତ ଥିଲେ । ଦେଶର ପ୍ରମୁଖ ଉଦ୍ୟୋଗପତି ଏହି ସମ୍ମିଳନୀରେ ଯୋଗ ଦେଇଛନ୍ତି । ଏହି ନିବେଶକ ସମ୍ମିଳନୀରେ ପ୍ରାୟ ୨୫ ଲକ୍ଷ କୋଟି ଟଙ୍କାର ନିବେଶ ନେଇ ରାଜିନାମା ସ୍ୱାକ୍ଷରିତ ହେବ ବୋଲି ଆଶା କରାଯାଉଛି । ଏହା ଦ୍ୱାରା ଦୁଇ କୋଟି ରୋଜଗାରର ସୁଯୋଗ ସୃଷ୍ଟି କରିବାର ସମ୍ଭାବନା ରହିଛି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି ଯେ ଉତ୍ତରପ୍ରଦେଶ ଇତିହାସରେ ଏହା ପ୍ରଥମ ଥର ହେଉଛି, ଯେତେବେଳେ ▶▶ପୃଷ୍ଠା ୭

# ବିଧାନସଭା ଆଗରୁ ବୁଦ୍ଧିଜିବିଙ୍କ ମତ ଲୋଡ଼ିଲେ ନରସିଂହ

## ବଲାଙ୍ଗୀରର ସମସ୍ୟା ଓ ଦାବି ଉପରେ କଲେ ଆଲୋଚନା

ବଲାଙ୍ଗୀର, ୧୦/୦୨ (ନି.ପ୍ର): ଚିରାଚରିତ ଢଙ୍ଗରେ ପ୍ରତ୍ୟେକ ବିଧାନସଭା ଅଧିବେଶନ ଆଗରୁ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ବଲାଙ୍ଗୀରର ବିଭିନ୍ନ ସାମାଜିକ ସଂଗଠନ, ବୁଦ୍ଧିଜିବି, ଛାତ୍ର ସଂଗଠନ, ବ୍ୟବସାୟୀ ସଂଘ ଓ ନାଗରିକ ସମାଜକୁ ନିମନ୍ତ୍ରଣ କରି ବିଧାନସଭା ଅଧିବେଶନରେ ବଲାଙ୍ଗିର ର କେଉଁ କେଉଁ ସମସ୍ୟା ଓ ଦାବି ବିଧାନସଭାରେ ଉତ୍ଥାପନ କରିବେ ସେ ଉପରେ ନାଗରିକ ସମାଜର ମତ ଲୋଡିଥାନ୍ତି । ଏହି କ୍ରମରେ ବିଧାନସଭା ବଜେଟ ଅଧିବେଶନ ପୂର୍ବରୁ ସ୍ଥାନୀୟ ଏକ ଘରୋଇ ହୋଟେଲରେ ବଲାଙ୍ଗିର ର ସମସ୍ତ ନାଗରିକଙ୍କୁ ଡାକି ଏଥର ମଧ ତାଙ୍କ ଠାରୁ ମତ ଲୋଡିଥିଲେ । ସେ ସୂଚନା ଦେଇଥିଲେ ଯେ ଆମର ଅନେକ ଦାବି ଅଛି, ସମସ୍ୟା ଅଛି କିନ୍ତୁ ଆପଣମାନେ ସେ ଦାବି ସମସ୍ୟା ଭିତରୁ ଏପରି ସମସ୍ୟା ସବୁ ଆଲୋଚନା କରନ୍ତୁ ଯେଉଁ ସବୁକୁ ଆମେ ଆଗାମୀ ଅଧିବେଶନରେ ସରକାରଙ୍କ ଆଗରେ ଉତ୍ଥାପନ କରିବା । ଏହି କ୍ରମରେ ବଲାଙ୍ଗିର ରେ ବହୁ ଦିନର ଦାବି କୃଷି ବିଶ୍ୱ ବିଦ୍ୟାଳୟ, ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟରେ ଶିକ୍ଷକ କର୍ମଚାରୀଙ୍କ ଅଭାବ, ସହରରେ ସିଟି ବସ୍ ଚାଲୁ କରିବା, ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରାଇବା, ବିକଳାଙ୍ଗ ଏବଂ ବୃଦ୍ଧ ବୃଦ୍ଧାଙ୍କ ପାଇଁ ଆଶ୍ରୟ ସ୍ଥଳି ନିର୍ମାଣ, ବଲାଙ୍ଗିର ରେ ସଦ୍ୟ ଦେଖାଯାଇଥିବା ଆଇନ ଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣିବା, କପା ସର୍ବନିମ୍ନ ସହାୟକ ମୁଲ୍ୟରେ ପ୍ରଦାନ କରିବା, ପଶ୍ଚିମ ଓଡିଶା ବିକାଶ ପରିଷଦ ର ମୁଖ୍ୟ କାର୍ଯ୍ୟାଳୟ ବଲାଙ୍ଗିର ରେ ସ୍ଥାପନ କରିବା, ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟରେ ସ୍ମାର୍ଟ ଲାଇବ୍ରେରୀ, ପର୍ଯ୍ୟାପ୍ତ ପରିମାଣରେ ହଷ୍ଟେଲ ସିଟ ଏବଂ ଅଡିଟରିୟମ କାମରେ କ୍ଷିପ୍ରତା ଆଣିବା, ସାମାଜିକ ଅର୍ଥନୈତିକ ଅବସ୍ଥାକୁ ଦେଖି ସରକାର ପ୍ରଦାନ କରୁଥିବା ଅନୁଦାନର ଏକ ସମ୍ପୂର୍ଣ୍ଣ ବିବରଣୀ ସରକାରଙ୍କଠୁ ଆଣିବା, ବନ୍ଧକଟାର ପୁର୍ନଉଦ୍ଧାର କୁ ନେଇ ଉପସ୍ଥିତ ନାଗରିକ ସମାଜ ପ୍ରଶ୍ନ ସହ ବିଧାୟକଙ୍କ ସହ ଆଲୋଚନା କରିଥିଲେ । ଏଥିରୁ ମୁଖ୍ୟତଃ କୃଷି ବିଶ୍ୱ ବିଦ୍ୟାଳୟ ସରକାରଙ୍କ ବଲାଙ୍ଗିର କୁ ଅନୁଦାନ ପ୍ରଦାନର ବିବରଣୀ, ଶିକ୍ଷା କ୍ଷେତ୍ରରେ ଥିବା କର୍ମଚାରୀ ଅଭାବ, ଡାକ୍ତରଖାନାର ଡାକ୍ତର ତଥା କର୍ମଚାରୀ ଅଭାବ, ଲୋୟର ସୁକତେଲ ସମ୍ପୂର୍ଣ୍ଣ କରାଇବା, ପର୍ଯ୍ୟଟନର ବିକାଶ, ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ନିଶ୍ଚିତ ଭାବରେ ଏ ବିଧାନସଭାରେ ସେ ପ୍ରଶ୍ନ ଉତ୍ଥାପନ ସହ ଏହାର ସମାଧାନ ଦିଗରେ ପଦକ୍ଷେପ ନେବେ ବୋଲି ବିଧାୟକ ଶ୍ରୀ ମିଶ୍ର ପ୍ରତିଶୃତି ଦେଇଥିଲେ । ତାହା ସହ ଆଉ କିଛି ଦାବି ଯଥା ରେଲଷ୍ଟେସନ ତଥା ଜନଗହଳି ଅଂଚଳରେ ସେନିଟେରି ନେପକିନ ବଂଟନ କେନ୍ଦ୍ର, ସିଟି ବସ୍ ଇତ୍ୟାଦି ଦାବିକୁ ସେ ନିଶ୍ଚିତ ପୁରଣ କରିପାରିବେ ବୋଲି କହିଥିଲେ । ମତ ବିନିମୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ପ୍ରସିଦ୍ଧ ବାଲୁକା ଶିଳ୍ପି ଓମ୍ ପ୍ରକାଶ ସାହୁ ଡୁଷୁରା ଠାରେ ଥିବା ତେଲନଦୀର ଏକ ସ୍ଥାନରେ ଅତି ଉତମ ପଟୁବାଲି ମିଳୁଥିବାରୁ ସେଠାରେ ଏକ ବାଲୁକା କଳା କେନ୍ଦ୍ର ପ୍ରତିଷ୍ଠା ସହ ୨୫ ରୁ ୩୦ ଲକ୍ଷ ଟଙ୍କାର ଅନୁଦାନ ଯୋଗାଡ କରିପାରିଲେ ସେ ବିଶ୍ୱର ସର୍ବବୃହତ ଏବଂ ସର୍ବୋଚ୍ଚ ଏକ ବାଲୁକା କଳା ତିଆରି କରିବେ ଯାହାକି ଗିନିସ ବୁକ୍ ରେ ସ୍ଥାନ ପାଇବ ବୋଲି ବିଧାୟକ ଶ୍ରୀ ମିଶ୍ରଙ୍କୁ ଅନୁରୋଧ କରିଥିଲେ । ବିଧାୟକ ଶ୍ରୀ ମିଶ୍ର ଯଦି ଆମ ଅଂଚଳ ଓ ତାର କଳାକାର ର ନାଁ ଗିନିସ ବୁକ୍ ରେ ସ୍ଥାନ ପାଇବ ତେବେ ଏଥି ପାଇଁ ଦରକାର ହେଉଥିବା ଅନୁଦାନ ରାଶି ଯୋଗାଡ କରିବା ପାଇଁ ସେ ଉଦ୍ୟମ କରିବେ, ଏହାସହ ସେ କହିଥିଲେ ନାଗରିକ ସମାଜ ଆଜିକାଲି ବିଭିନ୍ନ ସମସ୍ୟାକୁ ନେଇ ଆଉ ମୁହଁ ଖୋଲୁନାହିଁ ତେଣୁ ବଲାଙ୍ଗିର ର ଅନେକ ନ୍ୟାର୍ଯ୍ୟ ଦାବି ଥିଲେ ହେଁ ତାହା ସରକାରଙ୍କ କାନରେ ପଡୁ ନାହିଁ ତେଣୁ ନାଗରିକ ସମାଜ ଛୋଟ ହେଉ କି ବଡ ହେଉ ପ୍ରତ୍ୟେକ ସମସ୍ୟାକୁ ନେଇ ପ୍ରତିକ୍ରିୟାଶୀଳ ହେବାକୁ ଅନୁରୋଧ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ପ୍ରଫେସର ମଧୁସୁଦନ ପତି, ଧର୍ମେନ୍ଦ୍ର ନନ୍ଦ, ପ୍ରକାଶ ଦାଶ, ଗୋପବନ୍ଧୁ ନାଥ, ଡା.ଏଲ୍.କେ. ମହାପାତ୍ର, ନାଗରିକ କମିଟି ସଭାପତି ବେଲାରସିଂ ଭୋଇ, ସଂପାଦକ ମନୋରଂଜନ ସାହୁ, ପୂର୍ବତନ ମହିଳା କଲେଜ ଅଧକ୍ଷା ସୁଷମା ମଂଜରି ମହାପାତ୍ର, ବିକ୍ରମାନନ୍ଦ ବହିଦାର, ମାହେଶ୍ୱରୀ ମହିଳା ଶାଖା, ମୋହନ ଜୈନ, ଗୁରୁ ଘାସିରାମ ମିଶ୍ର, ଅଂଚଳ ପଣ୍ଡା, ସତ୍ୟନାରାୟଣ ଦାଶ, ବିରେନ୍ଦ୍ର ମିଶ୍ର, ଶିବ ପ୍ରସାଦ ନନ୍ଦଙ୍କ ସମେତ ଅନେକ ଛାତ୍ର ଛାତ୍ରୀ ଏବଂ ବୁଦ୍ଧିଜିବି ଆଲୋଚନାରେ ବିଭିନ୍ନ ପ୍ରସ୍ତାବ ଦେଇଥିଲେ ।

# ଖାଉଟି, ସମବାୟ ହସ୍ତତନ୍ତ ଓ ବୟନ ଶିଳ୍ପ କାର୍ଯ୍ୟକାରିତା ଷ୍ଟାଣ୍ଡିଂ କମିଟି ସମୀକ୍ଷା

କନ୍ଧମାଳ, ୧୦/୦୨ (ନି.ପ୍ର): ବିଭାଗୀୟ ଅନୁବନ୍ଧିତ ଷ୍ଟାଣ୍ଡିଂ କମିଟିର ମାନ୍ୟବର ସବ୍-କମିଟି-୩ୟର ଘଟଣାସ୍ଥଳ ପରିଦର୍ଶନ ୬ଷ୍ଠ କାର୍ଯ୍ୟକ୍ରମ୨୦୨୨-୨୩ ଆଜି ଅନୁଷ୍ଠିତ ହୋଇଯାଇଛି । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ସମବାୟ ବିଭାଗ ଏବଂ ହସ୍ତତନ୍ତ ଓ ବୟନ ଶିଳ୍ପ ବିଭାଗର ବିଭିନ୍ନ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ଉପରେ କମିଟି ଆଜି ସମୀକ୍ଷା କରିଛନ୍ତି । ବିଧାୟକ ଅରବିନ୍ଦ ଢାଲି ଓ ମାନ୍ୟବର ବିଧାୟକ ସତ୍ୟନାରାୟଣ ପ୍ରଧାନ ଆଧାର କାର୍ଡ ଲିଙ୍କେଜ୍, ନୂତନ ହିତାଧିକାରୀଙ୍କ ଯୋଗ ଓ ମୃତ ହିତାଧିକାରୀଙ୍କ ବାଦ୍, ମୋବାଇଲ୍ ଓ ବ୍ୟାଙ୍କ ସେଡିଙ୍ଗ୍, ଗୋଦାମ ଗୃହ, ମିଲର୍ ସଂଖ୍ୟା, ଆର୍.ଏମ୍.ସି. ଦ୍ୱାରା ଚାଷୀମାନଙ୍କୁ ଆବଶ୍ୟକୀୟ ପରିବାରଙ୍କ ମୋବାଇଲ୍ ସିଡିଂ ହୋଇଥିବାବେଳେ ଶତକଡ଼ା ୯୬ଭାଗ ପରିବାରଙ୍କର ବ୍ୟାଙ୍କ ଆକାଉଣ୍ଟ ସିଡିଂ ହୋଇପାରିଛିଏବଂ ଶତକଡ଼ା ୧୦୦ ଭାଗ ଆଧାର ସିଡିଂ ହୋଇପାରିଛି । ସେହିପରି ଶତକଡ଼ା ୯୮ଭାଗ ପରିବାରଙ୍କ ବ୍ୟାଙ୍କ ଆକାଉଣ୍ଟ ଭାଲିଡେସନ୍ ହୋଇପାରିଛି । ଜିଲ୍ଲାରେ ସମୁଦାୟ ୨୪ ଗୋଟି ପି.ପି.ସି.ରେ ୧ହଜାର ୮୬୮ଜଣ ଚାଷୀଙ୍କ ଠାରୁ ସମୁଦାୟ ୭୦ ହଜାର ୯୧୭ କ୍ୱିଣ୍ଟାଲ୍ ଧାନ କିଣାଯାଇଛି । ସହକାରୀ ନିର୍ଦ୍ଦେଶକ, ହାଣ୍ଡିକ୍ରାଫ୍ଟ, କନ୍ଧମାଳ , ଫୁଲବାଣୀ ଦେଇଥିବା ତଥ୍ୟ ରୁ ଜଣାପଡ଼ିଛିଯେ, ଜିଲ୍ଲାରେ ସମୁଦାୟ ୧ହଜାର ୧୫୫ଜଣ ହସ୍ତଶିଳ୍ପ କାରିଗର ୫୧ ପ୍ରକାରର ହସ୍ତଶିଳ୍ପ କାର୍ଯ୍ୟ କରୁଛନ୍ତି । ମୁଖ୍ୟତଃ ବାରଖମା, ଜୁନାଗାଁ, କେ. ନୂଆଗାଁ, ଫିରିଙ୍ଗିଆ, ସୁଡ୍ରୁକୁମ୍ପାରେ ଏହି ହସ୍ତଶିଳ୍ପ କାମ ବହୁଳ ପରିମାଣରେ କରାଯାଉଛି । ଜିଲ୍ଲାରେ ୨୭ ଜଣ ପୁରସ୍କୃତ ଓ ଅଭିଜ୍ଞ ତଥା କୁଶଳୀ କାରିଗର କାର୍ଯ୍ୟ କରୁଛନ୍ତି । ଶିଳ୍ପୀ ଉନ୍ନତି ଯୋଜନାରେ ୪୧ଜଣଙ୍କୁ ସମୁଦାୟ ୪ ଲକ୍ଷ ୭୦ହଜାର ଟଙ୍କାର ଆର୍ଥିକ ସହାୟତା ମିଳିଛି । ୨୦୨୧-୨୨ଆର୍ଥିକ ବର୍ଷରେ ୨ଜଣ ହସ୍ତଶିଳ୍ପୀ କାରିଗରଙ୍କୁ ରହିବା ସହିତ କାମ କରିବା ପାଇଁ ଗୃହ ମିଳିଛି । ଉକ୍ତ ସମୀକ୍ଷା ବୈଠକରେ, କନ୍ଧମାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ୍ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହିତ ଧନ୍ୟବାଦ ପ୍ରଦାନ କରିଥିଲେ । କନ୍ଧମାଳ ଉପ-ଜିଲ୍ଲାପାଳ ଶେଷଦେବ ମିଶ୍ରଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

# ବଲାଙ୍ଗିର ଓୟୁଜେର କର୍ମକର୍ତ୍ତା ନିର୍ବାଚନ ପ୍ରଦୀପ୍ତ ସଭାପତି ଅଭୟ ସମ୍ପାଦକ

ବଲାଙ୍ଗୀର, ୧୦/୦୨ (ନି.ପ୍ର): ବଲାଙ୍ଗିର ସହର ସ୍ଥିତ ସାମ୍ବାଦିକ ଭବନ ଠାରେ ଗତକାଲି ଓଡିଶା ସାମ୍ବାଦିକ ସଂଘ ଓ.ୟୁ.ଜେ ବଲାଙ୍ଗିର ଶାଖାର ସାଧାରଣ ପରିଷଦ ବୈଠକ ଓ କର୍ମକର୍ତା ନିର୍ବାଚନ ହୋଇଯାଇଛି । ଆଗାମୀ ଦୁଇ ବର୍ଷ ପାଇଁ ସଭାପତି ଭାବରେ ପ୍ରଦୀପ୍ତ କୁମାର ମିଶ୍ର (ବଦ୍ରୀ), ସାଧାରଣ ସମ୍ପାଦକ ଭାବରେ ଅଭୟ ତ୍ରିପାଠୀ ଓ କୋଷାଧକ୍ଷ ଭାବରେ ଭଗବାନ ମହାନ୍ତି ନିର୍ବାଚିତ ହୋଇଛନ୍ତି । ବଲାଙ୍ଗିର ଉପଖଣ୍ଡ ଉପସଭାପତି ଭାବରେ ଶରତ ଚନ୍ଦ୍ର ମିଶ୍ର, ସହସମ୍ପାଦକ ଭାବରେ ନରେଶ କୁମାର ସାହୁ, ପାଟଣାଗଡ ଉପଖଣ୍ଡ ଉପସଭାପତି ଭାବରେ ପ୍ରବୀଣ ପୁରୋହିତ, ସହସମ୍ପାଦକ ଭାବରେ ତାପସ ବେହେରା, ଟିଟିଲାଗଡ ଉପଖଣ୍ଡ ଉପସଭାପତି ଭାବରେ ସଞ୍ଜୟ ବେହେରା, ସହସମ୍ପାଦକ ଭାବରେ ତରୁଣ ବେହେରା, କଂଟାବାଞ୍ଜି ଉପସଭାପତି ଭାବରେ ପ୍ରଭଜିତ ସିଂ ସାଲୁଜା, ସହସମ୍ପାଦକ ଭାବରେ ସୁରଦାସ ବାଗ ଓ ଗ୍ରାମାଚଂଳ ସମ୍ପାଦକ ଭାବରେ ଅନୀଲ ତ୍ରିପାଠୀ ମନୋନୀତ ହୋଇଥିଲେ । ଶରତ ମିଶ, ଶ୍ରୀବସ୍ତ ବେହେରା, ପୁଷ୍ପକେତୁ ବେହେରା, ହନୀ ସିଂ ମାଖୀଜା, ବଂଶୀଧର ସେଠ୍, ବିଶ୍ୱଜିତ ଦାଶ, ପୂର୍ଣ୍ଣ ଚନ୍ଦ୍ର ପଣ୍ଡା, ବିଜୟ ମିଶ୍ର କାର୍ଯ୍ୟକାରିଣୀ ସଦସ୍ୟ ହୋଇଥିବା ବେଳେ ରାମ କୁମାର ଅଗ୍ରୱାଲ, ଦୟାନୀଧି ସାହୁ, ଶିବ ପରିଡା, ଲକ୍ଷ୍ମୀ କାନ୍ତ ମିଶ୍ର, ଆନନ୍ଦ ମୋଟେ, ସୁଧିର ଚନ୍ଦ୍ର ପଣ୍ଡା, ନବୀନ ପଶାୟତ, ଅନ୍ତୟାମୀ ପଶାୟତ ଉପଦେଷ୍ଟା ଭାବରେ ରହିଛନ୍ତି । ଏହି ସାଧାରଣ ପରିଷଦ ବୈଠକ ଓ ନିର୍ବାଚନ ସଭାରେ ପୂର୍ବତନ ସଭାପତି ତଥା ଦୀପକ ସମଦ୍ଦାର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରିତୁରାଜ ସିଂ, ଦିଲିପ ଭୋଇ, ରଞ୍ଜିତ ବେହେରା, ଆକୁଳ ବେହେରା, ବାରଣ ବୁୟାଁ, ଦିଲିପ କୁମାର ମେହେର, ଚନ୍ଦ୍ର ଭାନୁ ମୋଲାନା, ଶିଶିର କାନ୍ତ ଶତପଥୀ, ଅଶୋକ ତ୍ରିପାଠୀ ଓ ଜିଲ୍ଲାର ଶତାଧିକ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ ।

### ଚିତ୍ରକୋଣ୍ଡା ବ୍ଲକ ଶିକ୍ଷାଧିକାରୀଙ୍କ ମହାନତା

ମାଲକାନଗିରି, ୧୦/୦୨ (ନି.ପ୍ର): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଶିକ୍ଷାଧିକାରୀ ଗାୟତ୍ରୀ ଦେବୀ ଆଜି ସ୍ୱାଭିମାନ ଅଂଚଳର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରୁଥିବା ସମୟ ରେ ସେ ଦୋଳିଆମ୍ବ ଗ୍ରାମରେ ବିଦ୍ୟାଳୟ କୁ ନଯାଇ ବୁଲୁଥିବା ଗୋଟେ ଛୋଟ ବାଳକକୁ ଦେଖିବାକୁ ପାଇଥିଲେ । ସେଠାରୁ ସେ ନିଜେ ବାଳକକୁ ଧରି ତାଙ୍କ ଘରକୁ ଯାଇ ବାଳକ ର ସବୁ ସମସ୍ୟା ପଚାରି ବୁଝିଥିଲେ । ବାଳକର ନାମ ଡମ୍ବରୁ ଧର ପାଙ୍ଗି ପିତା ଧନ ପାଙ୍ଗି ଗ୍ରାମ , ବର୍ଷେ ହେବ ତାଙ୍କ ପିତାଙ୍କ ମୃତ୍ୟୁ ହୋଇଯାଇଛି । ତାଙ୍କ ଘରର ଆର୍ଥିକ ଅବସ୍ଥା ପୁରା ଖରାପ ଥିବାରୁ ସେ ପାଠ ଛାଡି ମାଙ୍କୁ କାମ ରେ ସହଯୋଗ କରୁଥିଲା । ଏଭଳି ଦୁଃଖ କାହାଣୀ ଶୁଣିବା ପରେ ଶିକ୍ଷାଧିକାରୀ ଆଜି ସେ ନିଜ ଖର୍ଚ୍ଚ ରେ ଡମ୍ବରୁ ଙ୍କ ପାଇ ସାର୍ଟ, ପ୍ୟାଂଟ, ଖାତା, ବହି କିଣି ତାଙ୍କ ଘରକୁ ଯାଇ ଦେବା ସହିତ ନିଜ ହାତରେ ପିନ୍ଧାଇ ଦେଇଥିଲେ ଏବଂ ଡମ୍ବରୁଙ୍କୁ ଧରି ପାପର ମେଟଲା ବିଦ୍ୟାଳୟ ରେ ଯାଇ ନାମ ଲେଖାଇବା ସହ ତାର ସମସ୍ତ ଦାୟିତ୍ୱ ନିଜେ ନେବେ ବୋଲି ସ୍ଥିର କରିଥିଲେ ।

### ଖପ୍ରାଖୋଲ ବନ କର୍ମଚାରୀ ନାଗ ସାପ ଉଦ୍ଧାର କଲେ

ବଲାଙ୍ଗୀର, ୧୦/୦୨ (ନି.ପ୍ର): ଫେବୃଆରୀ ୮, ୨୦୨୩ ରେ, ପ୍ରାୟ ୦୪.୦୦ ପୂର୍ବାହ୍ନରେ, ହରିଶଙ୍କର ରେଞ୍ଜର କର୍ମଚାରୀମାନେ ଖାପ୍ରାଖୋଲର ଓଡିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ନିକଟରେ ଏକ ଭାରତୀୟ ନାଗ ସାପକୁ ଉଦ୍ଧାର କରିଥିଲେ । ଏହି ସାପକୁ ଶ୍ରୀ ନୃପରାଜ ଠାକୁର (ୱାଇଲ୍ଡ ଲାଇଫ ପ୍ରୋଟେକ୍ସନ ସ୍କ୍ୱାଡ଼), ଚାଉଲବାଞ୍ଜୀ ଭିଏସଏସର ଗ୍ରାମବାସୀଙ୍କ ସହ ଉଦ୍ଧାର କରିଥିଲେ । ଉଦ୍ଧାର ହେବା ପରେ ସାପକୁ ଏହାର ପ୍ରାକୃତିକ ବାସସ୍ଥାନକୁ ଛାଡି ଦିଆଯାଇଥିଲା ।

# ବିଜେପି ପକ୍ଷରୁ ବିଭିନ୍ନ ଦାବି ନେଇ ବଲାଣି ଖଣି ଫାଟକ ସମ୍ମୁଖରେ ଆନ୍ଦୋଳନ

ବଲାଣି, ୧୦/୦୨ (ନି.ପ୍ର): ବିଜେପି ପକ୍ଷରୁ ବଲାଣି ଖଣି ଫାଟକ ସମ୍ମୁଖରେ ବିଭିନ୍ନ ଦାବି ନେଇ ଆନ୍ଦୋଳନ କରାଯାଇଛି । ବିଜୁ ଠିକା ମଜଦୂର ସଂଘର କାର୍ଯ୍ୟକାରୀ ସଭାପତି କମଳାପତି ଯାଦବଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ । ଆନ୍ଦୋଳନ ଯୋଗୁଁ ବଲାଣି ଖଣିର ଡି-ଏରିଆ ଏବଂ ପାନପୋଷ କ୍ଷେତ୍ରରୁ ୬୦୦ ଟିପିଏଚକୁ ଲୌହ ପଥର ପରିବହନ ଦୀର୍ଘ ୪ ଘଣ୍ଟା ଧରି ବାଧାପ୍ରାପ୍ତ ହୋଇଥିଲା । ବଲାଣି ଖଣିରେ କାର୍ଯ୍ୟରତ ଠିକା ଶ୍ରମିକ ବିଭିନ୍ନ ସୁବିଧାରୁ ବଂଚିତ ହେଉଥିବା ବେଳେ ଏ ନେଇ ବିଭିନ୍ନ ସମୟରେ ବିଜୁ ଠିକା ଶ୍ରମିକ ସଂଘ ପକ୍ଷରୁ ଆନ୍ଦୋଳନ କରାଯାଉଥିଲେ ସୁଦ୍ଧା ଦାବି ପୂରଣ ହେଉନଥିବାରୁ ସଂଘ ପକ୍ଷରୁ ବଲାଣି ଖଣି କର୍ତୃପକ୍ଷଙ୍କ ବିରୋଧରେ ନାରାବାଜି କରିଥିଲେ । ଦାବି ମଧ୍ୟରେ ଠିକା କର୍ମଚାରୀଙ୍କ ସହିତ ପରିବାର ସଦସ୍ୟଙ୍କୁ ବଲାଣି ଖଣି ତଥା ରାଉରକେଲା ସ୍ଥିତ ଇସ୍ପାତ ଜେନେରାଲ ହସ୍ପିଟାଲରେ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା, ଠିକା ଶ୍ରମିକଙ୍କୁ ରାତ୍ରିକାଳୀନ ଭତା ପ୍ରଦାନ କରିବା, ସମସ୍ତ ଶ୍ରମିକ ସଂଗଠନକୁ ଠିକା କର୍ମଚାରୀ ନିଯୁକ୍ତିରେ ଦିଆଯାଉଥିବା ଅଗ୍ରାଧିକାର ରେ ବିଜୁ ଠିକା ଶ୍ରମିକ ସଂଘକୁ ସାମିଲ କରିବା, ଠିକା କର୍ମଚାରୀଙ୍କୁ ବଲାଣି ଖଣି ପକ୍ଷରୁ କ୍ୱାଟର୍ସ ପ୍ରଦାନ କରିବା ପ୍ରମୁଖ ଦାବି ରହିଥିଲା । ଏ ନେଇ ବଲାଣି ଖଣି ପକ୍ଷରୁ ଏକ ବୈଠକ ପାଇଁ ପ୍ରସ୍ତାବ ଆସିବା ପରେ ଏକ ୬ ଜଣିଆ ଦଳ ବଲାଣି ଖଣିର ମୁଖ୍ୟ ମହାପ୍ରବନ୍ଧକ ଜୟଦେବ ଚଟ୍ଟୋପାଧାୟଙ୍କ ସହିତ ଆଲୋଚନା କରିଥିଲେ । ଶ୍ରୀ ଚଟ୍ଟୋପାଧାୟ ବିଭିନ୍ନ ଦାବି ସହିତ ବଲାଣି ଖଣିରେ ଠିକା ଶ୍ରମିକ ନିଯୁକ୍ତିରେ ବିଜୁ ଠିକା ମଜଦୂର ସଂଘକୁ ଅଗ୍ରାଧିକାର ଦେବା ନେଇ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହାର କରାଯାଇଥିଲା ।

# ସର୍ବ ଭାରତୀୟ ସଫ୍ଟ ବଲ ଚମ୍ପିୟାନସିପ୍ ଉଦ୍‌ଯାପିତ

ପୁରୀ, ୧୦/୦୨ (ନି.ପ୍ର): ପୁରୀରେ ଗତ ୫ ତାରିଖ ଠାରୁ ଆରମ୍ଭ ହୋଇଥିବା ୪୪ ତମ ସର୍ବ ଭାରତୀୟ ସଫ୍ଟ ବଲ ଚମ୍ପିୟାନସିପ ଆଜି ଉଦଯାପିତ ହୋଇ ଯାଇଛି । ମହିଳା ବିଭାଗରେ ମହାରାଷ୍ଟ୍ର ଓ ପୁରୁଷ ବିଭାଗରେ ଆନ୍ଧ୍ରପ୍ରଦେଶ ଦଳ ଚାମ୍ପିଅନ ହୋଇଥିବା ବେଳେ ଉଭୟ ବିଭାଗରେ ପଞ୍ଜାବ ଦଳ ରନର ଅପ ହୋଇଛି ।ଆଜି ଅନୁଷ୍ଠିତ ପୁରୁଷ ବିଭାଗ ଗ୍ରାଣ୍ଡ ଫାଇନାଲ ମ୍ୟାଚରେ ଆନ୍ଧ୍ର ପ୍ରଦେଶ ଦଳ ସଂଘର୍ଷ ପୂର୍ଣ ଭାବେ ଲଢେଇ କରି ପଞ୍ଜାବ ଠାରୁ ୧-୦ରେ ଜିତି ଚାମ୍ପିଅନ ହୋଇଥିଲା । ସେହିପରି ମହିଳା ବିଭାଗ ରେ ମହାରାଷ୍ଟ୍ର ଦଳ ୫-୦ରେ ପଞ୍ଜାବକୁ ହରାଇ ଚମ୍ପିୟାନ ହୋଇଥିଲା । ଚମ୍ପିୟାନସିପ ରେ ପୁରୁଷ ବର୍ଗ ରେ ଛତିଶ ଗଡ ଓ ମହିଳା ବର୍ଗ ରେ କେରଳ ଟିମ୍ ତୃତୀୟ ସ୍ଥାନ ହାସଲ କରି ବ୍ରୋଂଚ ମେଡାଲ ହାତେଇ ଛନ୍ତି । ସେହିପରି ମହିଳା ବିଭାଗରେ ଶ୍ରେଷ୍ଠ ପିଚର ଭାବେ ମହାରାଷ୍ଟ୍ରର ସ୍ୱପ୍ନାଲି ଭାଇତାଣ୍ଡୁ,ଶ୍ରେଷ୍ଠ କ୍ୟାଚର ଭାବେ ମହାରାଷ୍ଟ୍ରର ଐଶ୍ୱର୍ଯ୍ୟ ପୁରୀ,ତଥା ଶ୍ରେଷ୍ଠ ଖେଳାଳି ଭାବେ ପଞ୍ଜାବ ର ମଂପ୍ରୀତ ସିଂ ପୁରସ୍କୃତ ହୋଇଥିଲେ ।ସେହିପରି ପୁରୁଷ ବିଭାଗରେ ଶ୍ରେଷ୍ଠ ପିଚର ଭାବେ ପଞ୍ଜାବର ସୁରେଶ ,ଶ୍ରେଷ୍ଠ କ୍ୟାଚର ଭାବେ ଆନ୍ଧ୍ରପ୍ରଦେଶ ର ରାମ ବାବୁ, ଶ୍ରେଷ୍ଠ ଖେଳାଳି ଆନ୍ଧ୍ର ପ୍ରଦେଶର ସାଗର ବାବୁ ପୁରସ୍କୃତ କାରାଯାଇଥିଲା । ଭାରତର ବିଭିନ୍ନ ରାଜ୍ୟ ରୁ ୨୬ ଟି ପୁରୁଷ ଓ ୨୪ ଟି ମହିଳା ଦଳ ଏହି ଚାମ୍ପିଅନସିପ ରେ ଭାଗ ନେଇଥିବା ବେଳେ ଆଜି ଉଦଯାପନି ଉତ୍ସବରେ ପୁରସ୍କାର ବିତରଣ କରଯାଇଥିଲା । ପୁରୀ ତାଳ ବଣିଆ ସ୍ପୋର୍ଟସ କମ୍ପ୍ଲେକ୍ସ ରେ ଅନୁଷ୍ଠିତ ଉଦଯାପନି ଉତ୍ସବ ରେ ଓଡ଼ିଆ ଲିଫ୍ଟ ଇରିଗେଶନ କର୍ପୋରେଶନ ର ଅଧକ୍ଷ ଅମରେଶ ପତ୍ରୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଚମ୍ପିୟାନ ଟିମ୍ କୁ ଟ୍ରଫି ପ୍ରଦାନ୍ କରିବା ସହ ପୁରସ୍କୃତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିଜୁ ଯୁବ ଜନତା ଦଳ ର ଉପ ସଭାପତି ଶୁଭାଶିଷ ଖୁଣ୍ଟିଆ ଙ୍କ ସହ ପୁରୀ ଜିଲା କ୍ରୀଡା ଅଧିକାରି ଚନ୍ଦନ କୁମାର ସାହୁ, ଜିଲ୍ଲା ସୁଚନା ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ,ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସରୋଜ କାନ୍ତ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ । ପୁରୀ ରେ ଏହି ସର୍ବ ଭାରତୀୟ ସଫ୍ଟ ବଲ ଚମ୍ପିୟାନସିପ ରେ ଭାଗ ନେଇ ଖେଳାଳି ବେଶ୍ ଉତ୍ସାହିତ ହୋଇଥିବାବେଳେ ଆଗାମୀ ଦିନରେ ସଫ୍ଟ ବଲ କ୍ରୀଡା କୁ ଓଡ଼ିଶାରେ ଲୋକ ପ୍ରିୟ କରାଇବା ଦିଗରେ ଏଭଳି ଟୁର୍ଣ୍ଣାମେଂଟ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ । ପୁରୀ ଜିଲ୍ଲା ପ୍ରଶାସନର ସହଯୋଗ ତଥା ରାଜ୍ୟ ସଫ୍ଟବଲ ସଂଘ ପକ୍ଷରୁ ଏହି ପ୍ରତିଯୋଗିତା ପରିଚାଳନାରେ ରାଜ୍ୟ ସଫ୍ଟବଲ ସଙ୍ଘର ସଭାପତି ଦୀପକ ଗୌଡ଼,ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ,ଯୁଗ୍ମ ସମ୍ପାଦକ ରାଜକିଶୋର ପଟ୍ଟନାୟକ,ସୌମିତ୍ର ହରିଚନ୍ଦନ, ସତିକାନ୍ତ ପଟ୍ଟନାୟକ, ରାକେଶ ମିଶ୍ର,ନିରଞ୍ଜନ ମିଶ୍ର, ସୌରଭ ରଥ,ଏଲୋରା କାନୁନଗୋ, ଅରବିନ୍ଦ ଦାସ, ସୁଚାରିତା ପଟ୍ଟନାୟକ, ସୌଭାଗ୍ୟ ସାହୁ, ସୌମ୍ୟ ରଞ୍ଜନ ସାହୁ, ବିଷ୍ଣୁ ପଶୁପାଳକ, ଅମୀୟ ନାଗ, ଲଖନ ଆଚାରି, ଅଶୋକ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ ।

# ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ପ୍ରକଳ୍ପ ହୃଦୟ ଖୋଲା ଅନୁଦାନ ଖର୍ଚ୍ଚ ବେଳକୁ କୃପଣ ଭଳି

ବଲାଙ୍ଗୀର, ୧୦/୦୨ (ନି.ପ୍ର): ଚଳିତ ବଜେଟରେ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ପାଇଁ ରେକର୍ଡ ପରିମାଣ ଅର୍ଥ ୧୫୯୯ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଗତ ଆର୍ଥିକ ବର୍ଷ ତଥା ୨୨-୨୩ ବଜେଟରେ ୮୯୧ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା ଓ ୨୧-୨୨ ଆର୍ଥିକ ବର୍ଷରେ ୧୦୦୦ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା । କେନ୍ଦ୍ର ସରକାର ହାତ ଖୋଲି ଏହି ଅବହେଳିତ ପ୍ରକଳ୍ପ ପାଇଁ ପ୍ରଚୁର ଟଙ୍କା ବଜେଟ ବ୍ୟୟରେ ଘୋଷଣା କରୁଥିବା ବେଳେ ଖର୍ଚ୍ଚ କିନ୍ତୁ କୃପଣ ଭଳି କରୁଥିବା କଥା ବଲାଙ୍ଗିରର ବିଶିଷ୍ଟ ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡା ଏକ ସମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି । ବଜେଟ ବ୍ୟୟ ଘୋଷଣା ପରେ ଖୋର୍ଦ୍ଧା ରୋଡ-ବଲାଙ୍ଗୀର ରେଳପଥକୁ ସଂଯୋଗ କରୁଥିବା ସମ୍ପୃକ୍ତ ଅଂଚଳବାସୀଙ୍କ ମଧ୍ୟରେ ଯେତିକି ଆନନ୍ଦ ପ୍ରକାଶ ପାଉଛି ରେଳପଥ ନିର୍ମାଣ ପାଇଁ କରାଯାଉଥିବା ବାର୍ଷିକ ଖର୍ଚ୍ଚର ପରିମାଣକୁ ଦେଖିଲେ ସେତିକି ନିରାଶାଜନକ ବୋଲି ଶ୍ରୀ ପଣ୍ଡା କହିଛନ୍ତି । ପ୍ରତ୍ୟେକ ବର୍ଷର ବଜେଟ ଘୋଷଣା ସହ କରାଯାଉଥିବା ବାର୍ଷିକ ଖର୍ଚ୍ଚକୁ ତୁଳନା କଲେ ସରକାର ଅଭ୍ୟାସଗତ ଭାବେ ପ୍ରତିବର୍ଷ ଏଭଳି କୁନ୍ଥୁ କୁନ୍ଥୁ ହୋଇ ଖର୍ଚ୍ଚ କରୁଥବା ଜଣାପଡିଛି । ବଜେଟରେ ଘୋଷଣା କରାଯାଉଥିବା ଅର୍ଥକୁ ପ୍ରକଳ୍ପରେ ବିନିଯୋଗ କରିବା ପାଇଁ କ୍ଷେତ୍ର ପ୍ରସ୍ତୁତି ବିଷୟରେ ଅଜ୍ଞ ରହି ଅନ୍ଧ ଭାବରେ କେବଳ ବ୍ୟୟ ଘୋଷଣା କରିବା ଦ୍ୱାରା ଏଭଳି ସ୍ଥିତି ଉପୁଜିଛି ବୋଲି ଶ୍ରୀ ପଣ୍ଡା କହିଛନ୍ତି । ରାଜନୈତିକ ଅଭିସନ୍ଧିମୂଳକ ଶସ୍ତା ଜନପ୍ରିୟତା ପାଇଁ ଦେଶର ବଜେଟ ବ୍ୟୟ ଅଟକଳ ଘୋଷଣା କରାଯାଉଥିବା କଥା ଖୋର୍ଦ୍ଧା ରୋଡ-ବଲାଙ୍ଗିର ପାଇଁ ଘୋଷିତ ବଜେଟ ଅର୍ଥ ଓ ଖର୍ଚ୍ଚର ପରିମାଣକୁ ଦେଖିଲେ ସ୍ପଷ୍ଟ ଜଣାପଡୁଛି ବୋଲି ଶ୍ରୀ ପଣ୍ଡା କହିଛନ୍ତି । ସୂଚନା ଅଧିକାର ଆଇନ ବଳରେ ପୂର୍ବତଟ ରେଳ କାର୍ଯ୍ୟଳୟରୁ ସୂଚନା କର୍ମୀ ଶ୍ରୀ ପଣ୍ଡାଙ୍କୁ ମିଳିଥିବା ତଥ୍ୟରୁ ଜଣାପଡିଛି ଯେ, ଗତ ବର୍ଷ ତଥା ୨୨-୨୩ ଆର୍ଥିକ ବର୍ଷରେ ପ୍ରକଳ୍ପ ପାଇଁ ବଜେଟ ବ୍ୟୟ ଥିଲା ୮୯୧ କୋଟି ୧୧ ଲକ୍ଷ ଟଙ୍କା କିନ୍ତୁ ଖର୍ଚ୍ଚ ହୋଇଛି ମାତ୍ର ୨୮୭ କୋଟି ୩୬ ଲକ୍ଷ ଟଙ୍କା ଯାହାକି ଘୋଷିତ ଅର୍ଥର ମାତ୍ର ୩୨ ପ୍ରତିଶତ ଅଟେ । ଠିକ ସେହିପରି ୨୧-୨୨ ଆର୍ଥିକ ବର୍ଷ ବଜେଟରେ ଘୋଷଣା କରାଯାଇଥିବା ୧୦୦୦ କୋଟି ୫୦ ଲକ୍ଷ ଟଙ୍କାରୁ ଖର୍ଚ୍ଚ କରାଯାଇଛି ମାତ୍ର ୩୭୧ କୋଟି ୮୪ ଲକ୍ଷ ଟଙ୍କା ଯାହାକି ଘୋଷିତ ମୂଲ୍ୟର ମାତ୍ର ୩୫ ପ୍ରତିଶତ ଅଟେ । ଠିକ ସେହିପରି ବିଗତ ୧୨ ବର୍ଷର ବଜେଟ ଘୋଷଣା ଓ ଖର୍ଚ୍ଚ ସମ୍ପର୍କିତ ତଥ୍ୟକୁ ଅନୁଧ୍ୟାନ କଲେ ସ୍ପଷ୍ଟ ହୋଇଛି ଯେ, ବିଗତ ଦଶନ୍ଧିର ବଜେଟରେ ଘୋଷଣା କରାଯାଇଥିବା ଅର୍ଥରାଶିର ଅର୍ଦ୍ଧେକ ଅର୍ଥ ମଧ ଖର୍ଚ୍ଚ କରାଯାଇ ନାହିଁ । ବିଗତ ବଜେଟମାନଙ୍କରେ ଘୋଷଣା କରିଛନ୍ତି ଯେତିକି ତାଠୁ ଫେରିଛି ଅଧିକ । ପ୍ରତ୍ୟେକ ବର୍ଷ ବାରମ୍ବାର ମନଲୋଭା ବଜେଟ ଦିଆଯାଉଛି ସତ କିନ୍ତୁ ଘୋଷିତ ଅର୍ଥର ଅଧାରୁ ଅଧିକ ଫେରି ଯାଉଛି । ପଶ୍ଚିମ ଓଡିଶାର ଜନସାଧାରଣଙ୍କୁ ଭୁଆଁ ବୁଲାଇବା ପାଇଁ ଏଭଳି କରା ଯାଉଥିବା ଅଭିଯୋଗ ଆଣିଛନ୍ତି ହେମନ୍ତ । ଏଭଳି ଆକର୍ଷଣୀୟ ବଜେଟ ଘୋଷଣା ପଛରେ ଶସ୍ତା ଜନପ୍ରିୟତା ପାଇଁ ରାଜନୈତିକ ଅଭିସନ୍ଧି ରହିଥିବା ଅଭିଯୋଗ ଆଣିବା ସହ ଏହା ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ପାଇଁ ଅତ୍ୟନ୍ତ ବିପଦଜନକ ବୋଲି ସୂଚନା କର୍ମୀ ଶ୍ରୀ ପଣ୍ଡା କହିଛନ୍ତି ।

### ଜୀବିକା ନିର୍ବାହରେ ଉନ୍ନତି ଆଣିବା ପାଇଁ କୃଷକମାନଙ୍କୁ ସହାୟତା

ବଲାଙ୍ଗୀର, ୧୦/୦୨ (ନି.ପ୍ର): ହରିଶଙ୍କର ଏଫଏମୟୁ ଅଧୀନରେ ଥିବା ବ୍ରାହ୍ମଣୀ ଭିଏସଏସର ପ୍ରଗତିଶୀଳ କୃଷକ ଶ୍ରୀ ଅଶୋକ ରଣା ଉଦ୍ୟାନ କୃଷି ବିଭାଗର ସହଯୋଗରେ ଶ୍ରୀ ରଣା ନିଜ ଜମିରେ ଆଳୁ ଚାଷ କରୁଛନ୍ତି । ଗତ ମାସରେ ଶ୍ରୀ ରାଣା ସବସିଡି ହାରରେ ୧.୫ କ୍ୱିଂଟାଲ ଆଳୁ ମଞ୍ଜି ପାଇଥିଲେ ଏବଂ ସେ ପ୍ରାୟ ୨୫ କ୍ୱିଂଟାଲ ଆଳୁ ଅମଳ କରିବେ ବୋଲି ଆଶା କରୁଛନ୍ତି । ଏହା ଏକ ଉଲ୍ଲେଖନୀୟ ସଫଳତା, ଏବଂ ଆମେ ତାଙ୍କର କଠିନ ପରିଶ୍ରମ ଏବଂ ନିଷ୍ଠା ପାଇଁ ଶ୍ରୀ ରାଣାଙ୍କୁ ହୃଦୟରୁ ଅଭିନନ୍ଦନ ଜଣାଉଛୁ । ଫସଲ ଉତ୍ପାଦନ ବୃଦ୍ଧି ତଥା ଜୀବିକା ନିର୍ବାହରେ ଉନ୍ନତି ଆଣିବା ପାଇଁ କୃଷକମାନଙ୍କୁ ସହାୟତା ତଥା ସହଜ କରିବା ପାଇଁ ଆମ ଜଙ୍ଗଲ ଯୋଜନା ଦଳ ନିରନ୍ତର କାର୍ଯ୍ୟ କରିଆସୁଛି । ଶ୍ରୀ ରଣାଙ୍କ ସଫଳତା ଆମର ପ୍ରୟାସର ଫଳପ୍ରଦତାର ପ୍ରମାଣ ଏବଂ ସମସ୍ତ କୃଷକଙ୍କ ପାଇଁ ପ୍ରେରଣା ଭାବରେ କାର୍ଯ୍ୟ କରେ । ଆମେ ଆଶା କରୁଛୁ ଯେ ଏହି ସଫଳ ଉଦ୍ୟମ ଅଧିକ କୃଷକଙ୍କୁ ଆଧୁନିକ କୃଷି ପ୍ରଣାଳୀ ଗ୍ରହଣ କରିବାକୁ ଉତ୍ସାହିତ କରିବ ।

# କୃଷି ସମ୍ପ୍ରସାରଣ ତାଲିମ୍ ଶିବିର ଉଦ୍‌ଯାପିତ

ମାଲକାନଗିରି, ୧୦/୦୨ (ନି.ପ୍ର): କାଲିମେଲା ଜିଲ୍ଲା କୃଷି କାର୍ଯ୍ୟାଳୟରେ ଦୁଇ ଦିନ ଧରି ଚାଲିଥିବା କୃଷି ସଂପ୍ରସାରଣ ତାଲିମ ଶିବିର ଆଜି ଉଦଯାପିତ ହୋଇଯାଇଛି । ଉଦଯାପନୀ ଦିବସରେ ଜିଲ୍ଲା କୃଷି ଅଧିକାରୀ ସୁବ୍ରତ କୁମାର ପାଢୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଶୁଭେନ୍ଦୁ ବିଶ୍ୱାସ, ଜଳ ବିଭାଜିକା ମିଶନର ଟିମ୍ ଲିଡର ନିହାର ରଂଜନ ଜେନା, ସହକାରୀ କୃଷି ଅଧିକାରୀ ସୁକାନ୍ତି ବାକା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସୌର ଜଳନିଧି ଯୋଜନା, ମୃତିକା ସ୍ୱାସ୍ଥ୍ୟକାର୍ଡ ଯୋଜନା, ଧାଡ଼ିରୁଆ ଧାନ ପଦ୍ଧତି ଓ ଚିନାବାଦାମ ଚାଷ ଯୋଜନା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଂଚାଇ ଯୋଜନା, ମୋ ପୋଖରୀ ଯୋଜନା, ଓଡ଼ିଶା ମିଲେଟ ମିଶନ ଭଳି ଯୋଜନା ସଂପର୍କରେ କାଲିମେଳା ବ୍ଲକର ସମସ୍ତ ପଂଚାୟତରୁ ଆସିଥିବା କୃଷି ମିତ୍ର, ପ୍ରାଣୀ ମିତ୍ର, ଏମ୍ କେ, ସି ଆର୍ ପି ଓ ବ୍ୟାଙ୍କ ମିତ୍ରମାନଙ୍କୁ ତାଲିମ ଦିଆଯାଇଥିଲା ।

# ୫୯ ନଂ ଜାତୀୟ ରାଜପଥ ଗଦ୍ରଙ୍ଗିଆ ଘାଟିରେ ଡ଼କାୟତି

କନ୍ଧମାଳ, ୧୦/୦୨ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଗଦ୍ରଙ୍ଗିଆ ଘାଟି ୫୯ ନଂ ଜାତୀୟ ରାଜପଥରେ ଡକାୟତି । ବନ୍ଧୁକ ମୁନରେ ଟଙ୍କା ଲୁଟି ନେଲେ ଦୁର୍ବୃତ । ଘାଟି ଉପରେ ଚଳନ୍ତା ଟ୍ରକକୁ ଅଟକାଇ ମାରଣାସ୍ତ୍ର ଦେଖାଇ ମାଡ଼ ମାରି ଟଙ୍କା ଲୁଟିନେଲେ ଦୁର୍ବୃତ । ଏନେଇ ଥାନାରେ ଏତଲା ପରେ ପୋଲିସ୍ ପକ୍ଷରୁ ଛାନଭିନ୍ ଆରମ୍ଭ ହୋଇଛି । ସୂଚନା ପ୍ରକାରେ, ଗତକାଲି ସନ୍ଧ୍ୟା ସମୟରେ ମୁନିଗୁଡ଼ାରୁ ଫ୍ଲାଏ ଆସ୍ ବୋଝେଇ କରି ଏକ ଟ୍ରକ୍ ନମ୍ବର (ଓଆର୍ ୦୭ପି-୩୦୦୪) ଭଞ୍ଜନଗର ଅଭିମୁଖେ ଆସୁଥିବା ବେଳେ ପରମପାଙ୍ଗା ସ୍କୁଲର ପ୍ରଧାନ ଶିକ୍ଷକ ବିଧାନ ଚନ୍ଦ୍ର ଜେନା ଟ୍ରକକୁ ଲିଫ୍ଟ ମାଗି ବାଲିଗୁଡ଼ା ଆସୁଥିଲେ । କିଛି ବାଟ ଆସିବା ପରେ ଗଦ୍ରଙ୍ଗିଆ ଘାଟିରେ କିଛି ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଗାଡ଼ି ଅଟକାଇବା ପରେ ଡ୍ରାଇଭର ମୁଣ୍ଡରେ ବନ୍ଧୁକ ଲଗାଇ ଉଭୟଙ୍କୁ ମାଡ଼ ମାରି ଗାଡ଼ି ଭଙ୍ଗାରୁଜା କରିବା ସହ ଡ୍ରାଇଭର ଓ ପ୍ରଧାନଶିକ୍ଷକଙ୍କ ନିକଟରୁ ୨୬ ହଜାର ୭୮୦ ଟଙ୍କା ଲୁଟି ନେଇଥିବା ବାଲିଗୁଡ଼ା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ପ୍ରକାରେ ପୋଲିସ୍ ଘଟଣାସ୍ଥଳରେ ପହଂଚି ଛାନଭିନ୍ ଆରମ୍ଭ କରିଛି ।

## ଶୀତ ଦିନେ ହେୟାର ପ୍ୟାକ୍



♦ ଦୁଇଟି କଦଳୀ, ଦୁଇଟି ଅଣ୍ଡା, ଗୋଟିଏ ଲେମ୍ବର ରସ ଏବଂ ଦୁଇଟି ଭିଟାମିନ - କ୍ୟାପସୁଲ ମିଶାଇ ଲେପ ପ୍ରସ୍ତୁତ କରନ୍ତୁ । ଏହି ଲେପକୁ କେଶରେ ଲଗାଇ ୩୦/୪୦ ପରେ ଧୋଇ ଦିଅନ୍ତୁ । ଏହି ଲେପ ସପ୍ତାହରେ ଦୁଇ ଥର ବ୍ୟବହାର କଲେ କେଶ ଭଲ ରହିବ ।

♦ ଦୁଇଟି ଅଣ୍ଡାରେ  କିଛି ଅଲିଭ୍ ତେଲ ମିଶାଇ ବ୍ୟବହାର କରିପାରିବେ । ଏହା ଦ୍ୱାରା କେଶର ଚମକ ବଢ଼ିବ ।

♦ ଗୋଟିଏ ଚାମଚ ମୁଲତାନୀ ମାଟି ଏବଂ ଗୋଟିଏ ଚାମଚ ବେସନରେ ଅଧ କପ୍ ଭିନିଗାର ମିଶାଇ କେଶରେ ଲଗାନ୍ତୁ ଏବଂ ୧୫/୨୦ମିନିଟ୍ ପରେ କେଶକୁ ସେମ୍ପୁରେ ସଫା କରି ଦିଅନ୍ତୁ । ଶୁଷ୍କ କେଶ ପାଇଁ ଯେକୌଣସି ତେଲ ମିଶାଇ ବ୍ୟବହାର କରିପାରିବେ ।

♦ ୨/୩ ଚାମଚ ଶିକାକାଇ ଗୁଣ୍ଡ, ରାତିରୁ ବତୁରା ଯାଇଥିବା ଗୋଟିଏ ଚାମଚ ମେଥି ଓ ଗୋଟିଏ ଚାମଚ ମୁଗ ଏବଂ ଗୋଟିଏ ଅଣ୍ଡାକୁ ଭଲ ଭାବରେ ମିଶାଇ ଲେପ ତିଆରି କରନ୍ତୁ । ଏହି ଲେପକୁ ସାମ୍ପୁ ଭଳି କେଶରେ ବ୍ୟବହାର କରନ୍ତୁ ।

♦ ଦହି ମଧ କେଶ ପାଇଁ ଲାଭଦାୟକ । ଏହା କେଶକୁ ଚିକ୍କଣ ଓ ଆକର୍ଷଣୀୟ କରିବା ସହ ରୂପି ମଧ କମ୍ କରିଥାଏ । ଗୋଟିଏ କପ୍ ବସା ଦହିରେ ଗୋଟିଏ ଅଣ୍ଡାର କେବଳ ହଳଦିଆ ଅଂଶ ଓ ଗୋଟିଏ ଚାମଚ ଲେମ୍ବୁରସ ମିଶାନ୍ତୁ । ଏହି ପ୍ୟାକ୍‌କୁ କେଶରେ ଲଗାଇ ଅଧଘଣ୍ଟା ପରେ ସଫା କରିଦିଅନ୍ତୁ ।

♦ ଗୋଟିଏ ଚାମଚ ମହୁରେ ଦୁଇ ଚାମଚ ଜଡା ତେଲ ଏବଂ ଗୋଟିଏ ଅଣ୍ଡା ମିଶାଇ ସେହି ମିଶ୍ରଣକୁ କେଶରେ ଲଗାଇପାରିବେ । ଏହାକୁ ଲଗାଇବାର ଗୋଟିଏ ଘଣ୍ଟାପରେ କେଶ ସଫା କରିଦେବେ ।

## ସକାଳ ଧ୍ୟାନର ଉପଯୋଗିତା



♦ ଧ୍ୟାନ କଲେ ଉଭୟ ମନ ଓ ମସ୍ତିଷ୍କ ସୁସ୍ଥ ରହିଥାଏ ବୋଲି ବିଶେଷଜ୍ଞଙ୍କ ମତ । ନିୟମିତ ଭାବେ ଏଇ ଅଭ୍ୟାସ କଲେ ତାହାର ସୁଫଳ ଖୁବ୍ ଶୀଘ୍ରଅ ଦେଖିବାକୁ ମିଳେ ।

♦ ଶଯ୍ୟା ତ୍ୟାଗ ପରେ ଖଟ ଉପରେ ବସି ୫-୭ ମିନିଟ୍ ଧ୍ୟାନ କରିପାରିବେ। ରକ୍ତଚାପ ଓ ଅବସାଦଗ୍ରସ୍ତ ରୋଗୀ ଧ୍ୟାନ ପ୍ରତ୍ୟହ କଲେ ଏହାର ସୁଫଳ ଜାଣିପାରିବେ ।

♦ ଧ୍ୟାନ କରିବାର କୌଣସି ନିର୍ଦ୍ଦିଷ୍ଟ ବୟସ ସୀମା ନାହିଁ । ପିଲାଠାରୁ ବୟସ୍କ ଏଇ ସରଳ ଉପାୟକୁ ନିଜ ଦୈନିକ ଜୀବନରେ ସାମିଲ କରାଇପାରିବେ । ତେବେ ପ୍ରାତଃ କାଳରେ ଧ୍ୟାନ କଲେ ତାହାର ଉତ୍ତମ ପ୍ରଭାବ ପଡ଼ିଥାଏ ବୋଲି ବିଶେଷଜ୍ଞଙ୍କ ମତ ।

♦ ଧ୍ୟାନ ଏକପ୍ରକାର ଶକ୍ତି, ଏହାର ପ୍ରଭାବରେ ଉଭୟ ତନ ଓ ମନ ସୁସ୍ଥ ରହିଥାଏ । ଏବର ଯୁବପିଢ଼ି ଉପରେ କାମର ଚାପ ଖୁବ୍ ଅଧିକ । ଏସବୁକୁ ନିୟନ୍ତ୍ରଣରେ ରଖିବା ସହ ଚାପମୁକ୍ତ ଜୀବନ ଅତିବାହିତ କରିବାକୁ ଚାହୁଁଥିଲେ ଯୋଗ କଲେ ଉତ୍ତମ ପ୍ରଭାବ ଜାଣିପାରିବେ ।

## ପାରିବାରିକ ବନ୍ଧନକୁ ମଜବୁତ କରେ 'ଫ୍ୟାମିଲି ଡିନର'



ବର୍ତ୍ତମାନ ସମୟରେ ପୂରା ପରିବାର ଏକାଠି ବସି ଖାଇବାର ଧାରା ଦେଖିବାକୁ ମିଳୁନାହିଁ । ଗୋଟିଏ ସମୟ ଥବଲା ଯେତେବେଳେ ପରିବାରର ସମସ୍ତେ ଗୋଟିଏ ସ୍ଥାନରେ ବସି ଏକାଠି ଖାଉଥିଲେ । କର୍ମ ବ୍ୟସ୍ତତା, ଦାୟିତ୍ୱ ଓ ଅନ୍ୟ କାରଣରୁ ଏହା ଆଉ ହେଉନାହିଁ । ଯେତେବେଳେ ଟିକିଏ ସମୟ ମିଳୁଛି ପରିବାର ସହ କଥାବାର୍ତ୍ତା ହେବା ବଦଳରେ ଟିଭି ଦେଖିବାକୁ, ମୋବାଇଲ ଗେମ୍ ଖେଳିବାକୁ ଅନେକ ପସନ୍ଦ କରୁଛନ୍ତି । ମାତ୍ର ମନେ ରଖିବା ଦରକାର ଯେ, ପାରିବାରିକ ବନ୍ଧନକୁ ମଜବୁତ କରିବାକୁ ହେଲେ ଏକାଠି ସମସ୍ତେ ଖାଇବା ମଧ ବେଶ୍ ମହତ୍ୱ ରଖେ । ଆଉ ଏହି କ୍ଷେତ୍ରରେ ଘରର ମହିଳାମାନେ ମଧ ବଡ଼ ଭୂମିକା ନେବା ଦରକାର । ନିକଟରେ ଏକ ଗବେଷଣାରୁ ଜଣାପଡ଼ିଛି ଯେ, ଏକୁଟିଆ ଖାଉଥିବା ବ୍ୟକ୍ତିଙ୍କ ତୁଳନାରେ ପରିବାର ସହିତ ଏକାଠି ଖାଉଥିବା ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ ବେଶ ଭଲ ରହିଥାଏ। ବିଶେଷ କରି ପରିବାର ସହ  ତୁଳନାରେ ପରିବାର ସହ ମିଶି ଖାଉଥିବା ବ୍ୟକ୍ତିମାନେ ଅଧିକ ଫଳ ଓ ପନିପରିବା ଖାଇଥାନ୍ତି । ସେହିପରି ପରିବାର ସହ ଏକାଠି ବସି ଖାଉଥିବା ବ୍ୟକ୍ତିମାନେ ମାନସିକ ଶାନ୍ତି ମଧ ବେଶ ଭଲ ରହିଥାଏ । କାରଣ ପରସ୍ପର ମଧ୍ୟରେ ଚର୍ଚ୍ଚା ଓ ଆଲୋଚନା ଅନେକ ସମସ୍ୟାର ସମାଧାନର ବାଟ କାଢ଼ିଥାଏ ।

## ୧୦ ମାସିଆ ପୁସ୍ତକ ପ୍ରେମୀ



ଶୀର୍ଷକ:- ପଢ଼ି ଆଶ୍ଚର୍ଯ୍ୟ ଲାଗୁଥିବ; କିନ୍ତୁ ଏହା ସମ୍ପୂର୍ଣ୍ଣ ସତ । ସାଧାରଣ ଭାବେ ଛୋଟ ଶିଶୁଙ୍କର ସମୟ ଖେଳକୁଦ କିମ୍ବା ଶୋଇବାରେ କଟିଥାଏ । ପଢ଼ିବା ଭଳି କୌଣସି କଥା ସେମାନଙ୍କ ମନକୁ ବୁଝାପଡ଼ି ନଥାଏ । ଆଜିକାଲି ଶିଶୁଙ୍କ ପାଇଁ ମୋବାଇଲ୍ ସବୁକିଛି । କିନ୍ତୁ ଏବେ ସୋସିଆଲ୍ ମିଡିଆରେ ଜଣେ  ୧୦ ମାସିଆ ଶିଶୁ ବିଷୟରେ ଖୁବ୍ ଚର୍ଚ୍ଚା ଚାଲିଛି । ଶୁଣିବାକୁ ମିଳୁଛି, ଏତେ କମ୍ ବୟସରେ ସେ ବହି ପଢ଼ା ଶୁଣିବାକୁ ପୂରା ପାଗଳ । ଦିନସାରା କେହି ନା କେହି ତାକୁ ବହି ପଢ଼ି ଶୁଣାଇବା ନିତାନ୍ତ ଜାରୁରୀ । କିଛି ନ ବୁଝିଲେ ବି ତାକୁ ବହି ପଢ଼ା ଶୁଣିବାରୁ କ'ଣ ମିଳୁଛି କେହି ଜାଣିପାରୁ ନାହାନ୍ତି । ହେଲେ ତା'ର ଏହି ଅଭ୍ୟାସ ପରିବାର ଲୋକଙ୍କୁ ନିୟାନ୍ତ କରିପକେଇଲାଣି । ଏହି ପୁସ୍ତକ ପ୍ରେମୀଙ୍କ ନାଁ ହେଉଛି ଏମ୍ମେଟ୍ । ଏମ୍ମେଟ୍ ଦିନରାତି କେବଳ ବହି ପଢ଼ା ଶୁଣିବାକୁ ପସନ୍ଦ କରୁଛି । ବହି ପଢ଼ା ମଝିରୁ ବନ୍ଦ କଲେ, ସେ ଜୋର୍‌ସୋର୍‌ରେ କାନ୍ଦିବାକୁ ଲାଗୁଛି । ଏଣୁ ତା' ସାମ୍ନାରେ ଅନବରତ ବହି ପଢ଼ିବାକୁ ପଡୁଛି । କେବଳ ଶୋଇବା ବ୍ୟତୀତ ଅନ୍ୟ କୌଣସି ସମୟରେ ପରିବାର ଲୋକଙ୍କୁ ଏମ୍ମେଟ୍ ପାଖରୁ ନିସ୍ତାର ନାହିଁ । ଖେଳକୁଦ ନକରି ସେ କେବଳ ବହି ପଢ଼ା ଶୁଣୁଛି । ତା'ର ଏହ କୌତୁକିଆ ଅଭ୍ୟାସ ଏବେ ଲୋକଙ୍କୁ ହସିବାର ଖୋରାକ୍ ତ ଯୋଗାଉଛି କିନ୍ତୁ ପରିବାର ଲୋକଙ୍କ ହୋସ୍ ଉଡ଼ାଇ ଦେଲାଣି ।

## ଆତ୍ମବିଶ୍ୱାସ ବଢ଼ାଇବା ପାଇଁ

କୌଣସି କାମ କରିବା ପୂର୍ବରୁ ଆତ୍ମବିଶ୍ୱାସ ରହିବାର ନିହାତି ଜରୁରୀ । ନହେଲେ କାମଟି ସୁଚାରୁ ରୂପେ ସମ୍ପାଦିତ ହୋଇ ନଥାଏ । ଏମିତି କେତେକ ବ୍ୟକ୍ତି ବିଶେଷ ଅଛନ୍ତି ଯେଉଁମାନଙ୍କର ଆତ୍ମବିଶ୍ୱାସ ଉପରେ ଶତ ପ୍ରତିଶତ ଭରସା ନଥାଏ । ତେଣୁ ସେମାନେ କୌଣସି କାମ କରିବା ସମୟରେ ଅଯଥା କଥାକୁ ଆଶ୍ରୟ କରି ଆଗେଇ ଥାଆନ୍ତି । ଫଳରେ ସେ କରୁଥିବା କାମ ପ୍ରଭାବିତ ହୋଇଥାଏ । ନିଜର ଆତ୍ମବିଶ୍ୱାସ ବଢ଼ାଇବାର ଏକ ସହଜ ଉପାୟ ହାତ ପାଆନ୍ତାରେ ରହିଛି । ଯଦି ଜଣେ ବ୍ୟକ୍ତିର କଥାବାର୍ତ୍ତା ଶୈଳୀ ଅଧିକାଂଶ ସମୟ ସକାରାତ୍ମକ ରହେ ତେବେ ତାହାର ପ୍ରଭାବ ଆତ୍ମବିଶ୍ୱାସ ଉପରେ ପଡ଼ିଥାଏ । ଏଭଳି ତଥ୍ୟ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି । ୟୁନିଭର୍ସିଟି ଅଫ ଚିକାଗୋର ମନୋବିଜ୍ଞାନୀମାନେ ଏନେଇ ଗବେଷଣା କରିଥିଲେ । ଏହି ସମୟରେ ଗବେଷଣା ପରିସରଭୁକ୍ତ ବ୍ୟକ୍ତିମାନଙ୍କର ମାନସିକତା (କାମ କରିବା ସମୟରେ) କିପରି ରହୁଛି ତାହା ଲକ୍ଷ୍ୟ କରା ଯାଉଥିଲା । ବିଶେଷ ଭାବରେ ଯେଉଁମାନେ ଅନ୍ୟମାନଙ୍କ ସହ ଖୁସି ମିଜାସରେ କଥାବାର୍ତ୍ତା କରୁଥିଲେ ସେମାନଙ୍କର କାମ କରିବା ପ୍ରତି ଆତ୍ମବିଶ୍ୱାସ ଅନ୍ୟମାନଙ୍କ ତୁଳନାରେ ଦୃଢ଼ ଥିବାର ଦେଖିବାକୁ ମିଳିଥିଲା । ହେଲେ ଏସବୁ ନିଜର ମାନସିକତା ଉପରେ ହିଁ ନିର୍ଭର କରିଥାଏ ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି ।

## ବ୍ରଣରୁ ରକ୍ଷା ପାଇବାରୀ ଘରୋଇ ଉପାୟ

**ଯୁବତୀମାନଙ୍କର ଏକ ପ୍ରମୁଖ ସମସ୍ୟା ହେଲା ତ୍ୱଚାରେ ବ୍ରଣ ହେବା । ବ୍ରଣ ତ୍ୱଚାର ସୌନ୍ଦର୍ଯ୍ୟକୁ ଖରାପ କରିବା ସହ ଏହାର ଦାଗ ମଧ ସହଜରେ ଯାଇନଥାଏ । ଏଣୁ ଏହାର ସୁନ୍ଦର ତଥା ସରଳ ଘରୋଇ ଉପଚାର ହେଲା ଶୁଦ୍ଧ ହଳଦୀକୁ ନିଜ ସୌନ୍ଦର୍ଯ୍ୟ ଚର୍ଚ୍ଚାରେ ସାମିଲ କରାନ୍ତୁ ।**

♦ ୧ ଚାମଚ ଶୁଦ୍ଧ ମହୁ ଓ ଅଧ ଚାମଚ ହଳଦୀକୁ ମିଶାଇ ବ୍ରଣ ଉପରେ ଲଗାନ୍ତୁ । ୧୦-୧୨ ମିନିଟ୍ ପରେ ଥଣ୍ଡା ପାଣିର ଛିଟା ମରିବେ । ନିୟମିତ ଏପରି କଲେ ବ୍ରଣ ଦୂର ହେବା ସହ  ଦାଗ ମଧ ଦୂର ହୋଇଥାଏ।

♦ ୧ଚାମଚ ଦହିରେ ଅଧ ଚାମଚ ହଳଦୀ ମିଶାଇ ସେହି ପ୍ୟାକକୁ ବ୍ରଣରେ ଲଗାଇବା ସହ ପୂରା ମୁହଁରେ ମଧ ଲଗା ଇପାରିବେ । ପ୍ୟାକ୍ ଶୁଖିବା ପରେ ଭଲ ଭାବେ ମୁହଁ  ଧୋଇନିଅନ୍ତୁ । ସପ୍ତାହକୁ ୩-୪ଥର ଏପରି କରିବା ଉଚିତ ।

♦ ନିମ୍ବ ପତ୍ର ଗୁଣ୍ଡ  ୨ଚାମଚରେ ୧ଚାମଚଜ ହଳଦୀ ଓ ଦହି ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ । ଏହି ପ୍ୟାକ୍ ତ୍ୱଚା ପାଇଁ ଆଣ୍ଟିସେପଟିକ୍ ଭଳି କାମ କରିଥାଏ । ବ୍ରଣ ଓ ଦାଗରୁ ରକ୍ଷା ପାଇବା ନିମନ୍ତେ ନିୟମିତ ଏହି ପ୍ୟାକ୍ ଲଗାଇବା ଭଲ ।




♦ ୧ବଡ଼ ଚାମଚ ଲେମ୍ବୁ ରସରେ ଅଧ ଚାମଚ ହଳଦୀ ଗୁଣ୍ଡ ମିଶାଇ ତାହାକୁ ବ୍ରଣରେ ଲଗାଇପାରିବେ । ୧୦-୧୨ ମିନିଟ୍ ପରେ ତ୍ୱଚାକୁ ଥଣ୍ଡା ପାଣିରେ ଧୋଇ ନିଅନ୍ତୁ ।

♦ ବେସନ, ହଳଦୀ ତଥା ଦହି ପ୍ୟାକ୍ ମଧ ବ୍ରଣକୁ ଦୂରେଇ ବାରେ ସାହାଯ୍ୟ କରେ । ଅନ୍ୟ ଏକ ଘରୋଇ ପ୍ୟାକ୍ ହେଲା ଚନ୍ଦନଗୁଣ୍ଡ



ପାଉଡର ଓ ଚିମୁଟାଏ ହଳଦୀରେ କଞ୍ଚା ଖିର ମିଶାଇ ତ୍ୱଚାରେ ଲଗାଇପାରିବେ ।

♦ କଞ୍ଚା ଖିର ଓ ଚିମୁଟାଏ ହଳଦୀର ପ୍ୟାକ୍ ମଧ ବ୍ରଣ ଦାଗ ଦୂର କରିବାରେ ସହାୟକ ହୋଇଥାଏ

♦ ଦୈନିକ ସ୍ନାନ ପୂର୍ବରୁ ଘିକୁଆରୀ ରସରେ ଚିମୁଟାଏ ହଳଦୀ ମିଶାଇ ପବ୍ୟାକ୍ ଭଳି ତ୍ୱଚାରେ ଲଗାନ୍ତୁ । ମାସେ ଏହି ପ୍ୟାକ୍ ଲଗାଇଲେ ତ୍ୱଚାରୁ ବ୍ରଣ ଓ ଦାଗ ଦୂର ହୋଇଥାଏ ।

## ସ୍ମରଣ ଶକ୍ତି ହ୍ରାସ କରେ ଚିନ୍ତା

ଚିନ୍ତାମୁକ୍ତ ନହେଲେ ଆପଣଙ୍କ ସ୍ମରଣଶକ୍ତି ଦୁର୍ବଳ ହୋଇଯିବ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି । ନିକଟରେ ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟରେ କରାଯାଇଥିବା ଏକ ଅଧ୍ୟୟନରେ ଜଣାପଡ଼ିଛି ଯେ ଚିନ୍ତାଗ୍ରସ୍ତ କରାଉଥିବା ହରମୋନ ସ୍ତର ଅଧିକ ବୃଦ୍ଧି ପାଇବା ଯୋଗୁଁ ମସ୍ତିଷ୍କର ରଚନାତ୍ମକ ଶକ୍ତି ଓ ସ୍ମରଣ ଶକ୍ତି ହ୍ରାସ ପାଇଥାଏ । ଏହି ଅଧ୍ୟୟନରେ ଅଧ୍ୟୟନକର୍ତ୍ତା ରବର୍ଟ ସାପୋଲ୍ସି ଏକ ମୂଷା ଉପରେ ଏହି ପରୀକ୍ଷା କରିଥିଲେ । ମୂଷାଠାରେ ଦେଖାଯାଇଥିବା ଅବସାଦ ପାଇଁ ଦାୟୀ କର୍ଟିକୋଷ୍ଟେରନ ନାମକ ହରମୋନ ମାନବ ମଧ୍ୟରେ ଥିବା କର୍ଟସୋଲ ସହ ସମାନ ।

## ଚମତ୍କାରରେ ପରିପୂର୍ଣ୍ଣ ମୁଣ୍ଡେଶ୍ୱରୀ ମନ୍ଦିର





ମା' ମୁଣ୍ଡେଶ୍ୱରୀଙ୍କ ମନ୍ଦିର ଭାରତର ସବୁଠୁ ପ୍ରାଚୀନ ମନ୍ଦିର ମଧ୍ୟରୁ ଅନ୍ୟତମ । ପ୍ରତ୍ନତାତ୍ତ୍ୱିକ ପ୍ରମାଣ ଆଧାରରୁ ଜଣାଯାଏ, ଅନେକ ବିଦ୍ୱାନଙ୍କ ମତରେ ଏହି ମନ୍ଦିର ବିଭିନ୍ନ ପ୍ରକାରର ଚମତ୍କାରରେ ପରିପୂର୍ଣ୍ଣ । ମା' ଦୁର୍ଗା ଏବଂ ଭଗବାନ ଶିବଙ୍କୁ ସମର୍ପିତ ଏହି ମନ୍ଦିର କୈମୁର ପର୍ବତ ଉପରେ ପ୍ରାୟ ୬୦୮ ଫୁଟ୍ ଉଚ୍ଚରେ  ଅବସ୍ଥିତ । ଏଠାରୁ ହସ୍ତଗତ ହୋଇଥିବା ଶିଳାଲେଖ ଅନୁସାରେ, ମନ୍ଦିରଟି ଅନେକବର୍ଷରୁ ଏଠାରେ ଦଣ୍ଡାୟମାନ ରହିଛି । ମାର୍କଣ୍ଡେୟ ପୁରାଣ ଅନୁସାରେ, ମାତା ଭଗବତୀ ଏଠାରେ ଅତ୍ୟାଚାରୀ ଅସୁର ମୁଣ୍ଡର ବଧ କରିଥିଲେ । ଏହି କାରଣରୁ ମା'ଙ୍କ ନାମ ମୁଣ୍ଡେଶ୍ୱରୀ ରହିଛି । ଶ୍ରଦ୍ଧାଳୁଙ୍କ ଅନୁସାରେ, ମା' ମୁଣ୍ଡେଶ୍ୱରୀ ରହିଛି । ଶ୍ରଦ୍ଧାଳୁଙ୍କ ଅନୁସାରେ, ମା' ମୁଣ୍ଡେଶ୍ୱରୀଙ୍କ ନିକଟରେ ଯିଏ ପବିତ୍ର ମନରେ କିଛି ଆଶା କରେ, ତାହା ନିଶ୍ଚୟ ପୂରଣ ହୁଏ । ଏଠାରେ ପ୍ରତିଦିନ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥାଏ ।

## ପିତ୍ତକୋଷରେ ପଥର




ସାଧାରଣରେ ପିତ୍ତକୋଷରେ ବିଭିନ୍ନ ପ୍ରକାର ରୋଗ ଦେଖାଯାଇଥାଏ । ସେଗୁଡ଼ିକ ହେଲା ହଠାତ୍ ପିତ୍ତକୋଷ ଫୁଲିଯିବା, ଦରଜ ହେବା, ଜ୍ୱର ହେବା, ହଳଦିଆ ପରିସ୍ରା ହେବା ଇତ୍ୟାଦି । ଏହାକୁ ଏକ୍ୟୁଟ କୋଲେସିସ୍ ଟାଇଟିସ୍ କୁହାଯାଏ । ହଠାତ୍ ଏହି ରୋଗ ଆରମ୍ଭ ହୁଏ । ରୋଗୀ ପେଟରେ ଯନ୍ତ୍ରଣା ଅନୁଭବ କରେ । ଭୀଷଣ ଜ୍ୱର ହୁଏ ବାନ୍ତି ଏବଂ ହଳଦିଆ ପରିସ୍ରା ହୁଏ । ବେଳେବେଳେ ଆଖି ହଳଦିଆ ଦେଖାଯାଏ । ଆପେନଡ଼ିକସ୍ ବା ଯକୃତ ପଥରର ଲକ୍ଷଣ ନାରୀମାନଙ୍କ ଠାରେ ଅଧିକ ହୋଇଥାଏ । ବିଶେଷକରି ମୋଟା ସ୍ତ୍ରୀ ଲୋକ, ଛୁଆପିଲା ଥିବା ସ୍ତ୍ରୀ ଲୋକ, ୪୦ ବର୍ଷ ବା ତା' ଠାରୁ ଅଧିକ ବର୍ଷର ନାରୀଠାରେ ଏହି ରୋଗ ବେଶୀ ଦେଖାଯାଏ । ଏପରି ହେଲେ ପିତତ୍ତକୋଷ ଫୁଲିଯାଏ ଏବଂ ବ୍ୟଥା ହୁଏ । ପିତ୍ତକୋଷରେ ପଥର ଅଧିକ ଭାବରେ ନାରୀମାନଙ୍କର ହୁଏ ପିତ୍ତକୋଷରେ ପଥର ହେବାରେ ବିଭିନ୍ନ କାରଣ ରହିଛି । ତେବେ ମୂଳ କାରଣ ହେଲା ପିତ୍ତକୋଷରେ ଥିବା ପିତ୍ତ ଜମିଗଲେ ଏହା ଧୀରେଧୀରେ ଟାଣ ହୋଇଯାଏ ଏବଂ ପଥର ପରି ଶକ୍ତ ହୋଇଥାଏ । ଏହାକୁ ପିତ୍ତକୋଷରେ ପଥର କୁହାଯାଏ । ପିତ୍ତକୋଷରେ ପଥର ଥିଲେ ଏବଂ ହଠାତ୍ ସଂକ୍ରମଣ ନହେଲେ ଅନେକ ଦିନ ପର୍ଯ୍ୟନ୍ତ କୌଣସି ଲକ୍ଷଣ ଦେଖାଯାଏ ନାହିଁ । ଅନେକ କ୍ଷେତ୍ରରେ ଦେଖାଯାଇଛି କୌଣସି କାରଣରୁ ପେଟରେ ଅଲଟ୍ରାସୋନୋଗ୍ରାଫି କରିବା ବେଳେ ଏହା ଜଣାପଡ଼େ । ପିତ୍ତକୋଷରେ ପଥର ଥିଲେ ଏବଂ ସଂକ୍ରମଣ ହୋଇନଥିଲେ ଏହାର କୌଣସି ନିର୍ଦ୍ଦିଷ୍ଟ ଲକ୍ଷଣ ନଥାଏ । କେବଳ ବେଳେବେଳେ ପେଟ ଫୁଲାଇବା, ଅଧିକ ଚର୍ବିଜାତୀୟ ଖାଦ୍ୟ ଖାଇଲେ ହଜମ ନହେବା, ଆମ୍ବିଳା ହେକୁଟିରୁ ଅମ୍ଳପିତ୍ତ ହୋଇଥିବା ଜଣାପଡ଼େ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଶାଳୀନତାର ଅବକ୍ଷୟ...

ଭାରତର ସର୍ବୋଚ୍ଚ ପ୍ରତିମଧ ସଭା ତଥା ଗଣତନ୍ତ୍ରର ମନ୍ଦିର ପାର୍ଲାମେଣ୍ଟରେ ସଦସ୍ୟମାନଙ୍କ ଆଚରଣ ଅନେକଙ୍କୁ ବିସ୍ମିତ କରିଛି। ସଂସଦୀୟ ଶାଳୀନତା ରକ୍ଷାରେ ଯେମିତି ଅବକ୍ଷୟ ଦେଖାଯାଉଛି, ତାହା ଚିନ୍ତାର କାରଣ ହେଉଛି। କେବଳ ଆମ ଦେଶରେ କାହିଁକି, ଅନେକ ଗୁଡ଼ିଏ ଦେଶରେ ନିର୍ବାଚିତ ନେତା ଓ ପ୍ରତିନିଧିମାନଙ୍କର ଆଚରଣ ନିମ୍ନମୁଖୀ ହେଉଥିବାର ଦେଖାଯାଉଛି। କଥା କଥାରେ ମୂଳ ପ୍ରସଙ୍ଗରୁ ବାହାରକୁ ଚାଲିଯିବା, ତ ଆଉ କେତେବେଳେ ଟେବୁଲ ଚେୟାର ଫିଙ୍ଗିବା, ହାତାହାତି ହେବା ଆଉ କାହାରିକୁ ବିସ୍ମିତ କରୁନାହିଁ । ଏପରିକି ଗଣତନ୍ତ୍ରର ଜନନୀ କୁହାଯାଉଥିବା ଯୁକ୍ତରାଜ୍ୟ ବ୍ରିଟେନ୍‌ରେ ସାଂସଦମାନେ ବାରମ୍ବାର ବାଟ ହୁଡ଼ିବାର ନଜରକୁ ଆସିଛି। ରାଷ୍ଟ୍ରପତିଙ୍କ ସଂସଦର ମିଳିତ ଅବେଶନକୁ ଉଦ୍‌ବୋଧନ ଉପରେ ବିତର୍କ ହୋଇଥିଲା। ବିତର୍କ ଶେଷରେ ଉତ୍ତର ରଖି ଗୃହର ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ, ବିଗତ ଉପା ଶାସନ କାଳ ଥିଲା ଦୁର୍ନୀତିର କାଳ । ଏହି ସମୟରେ ତତ୍କାଳୀନ ସରକାର ଅନେକ ସ୍କାମ୍ ଓ ଭ୍ରଷ୍ଟାଚାରରେ ଲିପ୍ତ ଥିଲେ। କଂଗ୍ରେସ ଉପରେ ବର୍ଷିଛନ୍ତି ମୋଦି, କହିଛନ୍ତି ସୁଯୋଗକୁ ସମସ୍ୟାରେ ପରିଣତ କରିବାରେ ଏହି ଦଳ ମାହିର୍ । ୧୪୦କୋଟି ଲୋକଙ୍କର ସାମର୍ଥ୍ୟ ଦେଖି କଂଗ୍ରେସ କିଭଳି ନିରାଶ ହୋଇଛି, ତାହା ବିଶ୍ୱ ଦେଖୁଛି। ମତଦାତାମାନଙ୍କ ଦ୍ୱାରା ବାରମ୍ବାର ପ୍ରତ୍ୟାଖ୍ୟାତ ହେବା ପରେ ସୁଦ୍ଧା ଦଳ ସେମିତି କିଛି ଶିକ୍ଷା ଲାଭ କରିନଥିବାର ଦର୍ଶାଇଛନ୍ତି ପ୍ରଧାନମନ୍ତ୍ରୀ। ମୋଦିଙ୍କର ବକ୍ତବ୍ୟ ଉପରେ ତର୍ଜମା କରି କିଏ କେଉଁ ପ୍ରତିକ୍ରିୟା ରଖୁଥାଇ ପାରନ୍ତି । ମାତ୍ର ସୁଯୋଗକୁ ସମସ୍ୟାରେ ପରିଣତ କରିଥିବା କଂଗ୍ରେସର ନେତୃତ୍ୱ ବାବଦରେ ଜାଣିବା ମହଲରେ କ୍ୱଚିତ୍ ମତାନୈକ୍ୟ ରହିଛି । ପ୍ରସଙ୍ଗ ଉଠିଛି ଶିଳ୍ପପତି ଗୌତମ ଆଦାନିଙ୍କୁ ନେଇ। ହିଣ୍ଡନବର୍ଗ ପକ୍ଷରୁ ଶିଳ୍ପପତିଙ୍କ ସମ୍ପର୍କରେ ପ୍ରକାଶ ହୋଇଥିବା ରିପୋର୍ଟରେ ଯେଉଁ ତଥ୍ୟ ଦିଆଯାଇଛି, ସେଥିରେ ମୋଦିଙ୍କ ପ୍ରଧାନମନ୍ତ୍ରୀତ୍ୱ ଆଦାନିଙ୍କ ଉତ୍‌ଥାନ ପାଇଁ ଦାୟୀ ବୋଲି କାନେ ଦର୍ଶାଯାଇଛି। ଆଦାନିଙ୍କ ବିଷୟରେ ତୃଣମୂଳ କଂଗ୍ରେସ ସାଂସଦ ମହୁଆ ମୈତ୍ର ଯେଉଁଭଳି ଲୋକସଭାରେ ଅପଶବ୍ଦ ପ୍ରୟୋଗ କରି ହଟହଟାର ସମ୍ମୁଖୀନ ହୋଇଛନ୍ତି, ତାହା ସମସ୍ତେ ଦେଖିଛନ୍ତି । ବିଜେପିର ସାଂସଦମାନଙ୍କ ସମାଲୋଚନା ପରେ ବିବାଦୀୟ ବିବୃତିକୁ ବିବରଣୀରୁ ବାଦ୍ ଦିଆଯାଇଛି । ବିଶ୍ୱର ଧନୀ ତାଲିକାରେ ଗୌତମଙ୍କ ଶୀର୍ଷକୁ ଉଠିବା ପଛରେ ପୃଷ୍ଠପୋଷକତାର ଉଲ୍ଲେଖ କରି ଅପଶବ୍ଦ ବ୍ୟବହାର କରି ୨୦୦୪ରୁ ୨୦୧୪ ଦଶନ୍ଧିକୁ ଦୁର୍ନୀତିରେ ପରିପୂର୍ଣ୍ଣ କାଳଖଣ୍ଡ ବୋଲି ବର୍ଣ୍ଣନା କରିଥିବା ପ୍ରଧାନମନ୍ତ୍ରୀଙ୍କ ଭାଷଣରେ ଆଦାନିଙ୍କ ବାବଦରେ କିଛି ଉଲ୍ଲେଖ ନଥିବା ଦେଖି କଂଗ୍ରେସର ସଭ୍ୟମାନେ ନିରାଶ ହୋଇଛନ୍ତି। ଏଥରେ କିଛି ଅସ୍ୱାଭାବିକତା ଥାଇନପାରେ। ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟ ସାମଗ୍ରିକ ରୂପରେ ଦେଶର ଚିତ୍ର ଉପରେ ପର୍ଯ୍ୟବସିତ ଥିଲା। ସେ କେଉଁଥିପାଇଁ ଶିଳ୍ପପତିଙ୍କ ଶୀର୍ଷକୁ ଉଠିବା ପଛରେ କଥିତ ପୃଷ୍ଠପୋଷକତା ନେଇ ନିରବ ରହିଲେ, ତାହା ପ୍ରସଙ୍ଗ ହୋଇନପାରେ। ସଂସଦୀୟ ଶାଳୀନତାକୁ ପ୍ରାଥମିକତା ପ୍ରଦାନ ପଛରେ ସମସ୍ତ ସଦସ୍ୟଙ୍କର ଅବଶ୍ୟ ଯୋଗଦାନ ମହତ୍ତ୍ୱ ରଖୁଛି। ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷଙ୍କ ଉପରେ ଟୀକା ଟିପ୍‌ପଣୀ କରିବା ପ୍ରଧାନମନ୍ତ୍ରୀଙ୍କ ଭାଷଣର ଉଦ୍ଦେଶ୍ୟ ନଥିଲା ବୋଲି ଭାଷ୍ୟକାରମାନେ କହୁଛନ୍ତି। ରାଷ୍ଟ୍ରପତିଙ୍କ ପାର୍ଲାମେଣ୍ଟକୁ ଉଦ୍‌ଘାଟନୀ ଅଭିଭାଷଣ ଉପରେ ସଂସଦର ଉଭୟ କକ୍ଷରେ ମତ ରଖିବାର ସ୍ୱାଧୀନତା ସଦସ୍ୟମାନଙ୍କର ରହିଛି। ଏହି କ୍ରମରେ କଂଗ୍ରେସ ନେତା ରହୁଲ ଗାନ୍ଧି ଅନ୍ୟ ପ୍ରସଙ୍ଗ ଭିତରେ ହିଣ୍ଡନବର୍ଗଙ୍କ ଆଦାନି ସମ୍ପର୍କିତ ରିପୋର୍ଟ ନେଇ ମୋଦି ସରକାରଙ୍କୁ ସମାଲୋଚନା କରିଥିଲେ । ୨୦୨୪ରେ ହେବାକୁ ଥିବା ସାଧାରଣ ନିର୍ବାଚନକୁ ନେଇ ଗୃହରେ ସରଗରମ ବିତର୍କ କରିବା ପାଇଁ ମଉକା ଖୋଜୁଥାଇପାରନ୍ତି ରାହୁଲ। ଆଦାନିଙ୍କ ସହ ମୋଦିଙ୍କ ଫଟୋକୁ ଦେଖାଇ ରାହୁଲ ମୋଦିଙ୍କୁ ଟାର୍ଗେଟ୍ କରିବା ବେଳକୁ ବିଜେପି ସାଂସଦମାନେ ରବର୍ଟ ଭଦ୍ରାଙ୍କ ସହ ଆଦାନିଙ୍କ ଫଟୋ ଦେଖାଇ କଂଗ୍ରେସ ନେତୃତ୍ୱକୁ ଭ୍ରମିତ କରିବା ସକାଶେ ଉଦ୍ୟତ ଥିଲେ। ଏଥରୁ ସୂଚିତ ହେଉଛି ଯେ, ଆମର ସଂସଦୀୟ ଶାଳୀନତାରେ ଅବକ୍ଷୟ ଆସିଯାଉଛି। ଶିକ୍ଷିତ ଓ ପ୍ରଭାବଶାଳୀ ବ୍ୟକ୍ତି ବାଦ୍ ଯାଉନାହାଁନ୍ତି। ଏହା ଯେମିତି ହେଲେ ଅନୁଚିତ୍ ପରମ୍ପରା ସୃଷ୍ଟି କରିବ। ସ୍ଥିତି ନିର୍ବିଶେଷରେ ଆମର ସଂସଦୀୟ ଗଣତନ୍ତ୍ରକୁ ଅଧିକ ଦୃଢ଼ କରିବା ଲକ୍ଷ୍ୟରେ ଆଗକୁ ବହୁଦୂର ଯିବାର ଅଛି। ପରସ୍ପର ପ୍ରତି ଆକ୍ଷେପ ତାହାର ଉପଚାର ନୁହେଁ । ବରଂ ସହିଷ୍ଣୁତା ହିଁ ପାରସ୍ପରିକ ବିଚାର ପ୍ରତି ଉଚିତ ନ୍ୟାୟ ଏହି ଦିଗରେ ଉଭୟ ଆଚରଣ ଓ ଉଚ୍ଚାରଣକୁ ଗଣତାନ୍ତ୍ରିତ ପରମ୍ପରାକୁ ବଳିଷ୍ଠ କରିବା ଦିଗରେ ସହାୟକ ହେବ ବୋଲି ବିଚାର କରାଯାଉଛି ।

# ସୂର୍ଯ୍ୟ ମନ୍ଦିରର ଐତିହାସିକ ପୃଷ୍ଠଭୂମି ଓ ବାଲି କଢା ପ୍ରସଙ୍ଗ



ଭାଗୀରଥୀ ସ୍ୱାଇଁ

ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କର ସୂର୍ଯ୍ୟ ମନ୍ଦିରର କଳାକୃତି, ସଂସ୍କୃତି, ସ୍ଥାପତ୍ୟ ଓ ଐତିହ୍ୟ ବିଶ୍ୱରେ ଅନନ୍ୟ ଓ ଅଦ୍ୱିତୀୟ। ଏହି ପ୍ରାଚୀନ ଐତିହ୍ୟ ସଂପନ୍ନ ମନ୍ଦିର ନିଜର କଳାକୃତି ପାଇଁ କୋଣାର୍କ ସୂର୍ଯ୍ୟ ମନ୍ଦିର ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଏହାର ଐତିହ୍ୟ ଓ କଳାକୃତି ପାଇଁ ଦେଶ ବିଦେଶରୁ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିବା ପାଇଁ ଆସିଥାନ୍ତି । କୋଣାର୍କ ସୂର୍ଯ୍ୟ ମନ୍ଦିରର ତିନି ଦିଗରେ ଦୁଇ ଦୁଇଟି ସ୍ତମ୍ଭ ସହିତ ତିନି ଗୋଟି ଦ୍ୱାରା ବନ୍ଧ, ପୂର୍ବ ଦ୍ୱାରା ଉପରିସ୍ଥ ଦୁଇ ବହୁଭୂଜ ସ୍ତମ୍ଭୋ ପରି ସଂସ୍ଥାପିତ ନବଗ୍ରହ ପାଟ ଯାହାକି ଅଧୁନା ସ୍ଥାନାନ୍ତରେ ରକ୍ଷିତ। ସିଂହ ଦ୍ୱାରସ୍ଥ ଅଧୁନା ସ୍ଥାନଚ୍ୟୁତ ଦୁଇ ସିଂହ ମୂର୍ତ୍ତି ଏବଂ ବର୍ତ୍ତମାନ ବିଲୁପ୍ତ ତୋରଣ, ଦକ୍ଷିଣ ଦ୍ୱାରର ଦୁଇ ଘୋଡ଼ା ଏବଂ ଉତ୍ତର ଦ୍ୱାରର ଦୁଇ ହାତୀଙ୍କର ମୂର୍ତ୍ତି ରହିଥିବା ପ୍ରସିଦ୍ଧ ଐତିହାସିକ ସ୍ୱର୍ଗତ କୃପାସିନ୍ଧୁ ମିଶ୍ର ନିଜ ରଚିତ କୋଣାର୍କ ପୁସ୍ତକରେ ଉଲ୍ଲେଖ କରିଛନ୍ତି। ରାଜା ନରସିଂହ ଦେବଙ୍କ ଦ୍ୱାରା ନିର୍ମିତ ନାଟମନ୍ଦିରର ପୂର୍ବ ଦ୍ୱାରରେ ଯେଉଁ ପ୍ରକାଣ୍ଡ ଗଜସିଂହ ମୂର୍ତ୍ତି ଦୁଇଟି ବିଦ୍ୟମାନ। ଏଥିରୁ ଜଣାଯାଏ ସିଂହର ଉଦର ତଳେ ଏକ ହସ୍ତୀ ଚିପା ହୋଇ ରହିଅଛନ୍ତି। ଏହାର ନାଭି ଓ ପଛଗୋଡ ଦୁଇଟି ଛଡ଼ା ସିଂହର ଅନ୍ୟ କୌଣସି ଅଂଶ ଗଜ ସହ ସଂଲଗ୍ନ ହୋଇନାହିଁ। ଦେଢ ଇଂଚ ବ୍ୟାସ ବିଶିଷ୍ଟ ଏକ ଗୋଲାକାର ଲୁହା ଗଜ ଦ୍ୱାରା ସିଂହର ନାଭି ହାତୀର ପିଠି ସଙ୍ଗେ ଯୋଡ଼ା ହୋଇଛି। ଏହା ହିଁ ନାଭିଠାରୁ ମସ୍ତକ ପର୍ଯ୍ୟନ୍ତ ସିଂହର ସମସ୍ତ ଭାର ସମ୍ଭାଳି ରଖିଛି ବୋଲି ଐତିହାସିକ ସ୍ୱର୍ଗତ କୃପାସିନ୍ଧୁ ମିଶ୍ର ମତବ୍ୟକ୍ତ କରିଛନ୍ତି । ମାଦଳା ପାଞ୍ଜିରୁ ଜଣାଯାଏ ସୂର୍ଯ୍ୟ ମନ୍ଦିରର ନିର୍ମାଣ ସମୟ ୧୨୦୦ ଶକାବ୍ଦ ବା ୧୨୭୮ ବୋଲି ଜଣାଯାଏ । ଭଗବାନ ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବ କୁଷ୍ଠ ରୋଗାକ୍ରାନ୍ତ ହୋଇ କୋଣାର୍କ ସନ୍ନିକଟ ଚନ୍ଦ୍ରଭାଗା ନଦୀ କୂଳରେ ଘୋର ତପସ୍ୟା କରି ରୋଗରୁ ମୁକ୍ତି ପାଇଁ ଭଗବାନ ସୂର୍ଯ୍ୟ ନାରାୟଣଙ୍କ ପ୍ରସନ୍ନ କରିଥିଲେ। ତଦନୁଯାୟୀ ପବିତ୍ର ଶାମ୍ବଦଶମୀ ତିଥିରେ ପଦ୍ମପତ୍ରରେ ଭଗବାନ ସୂର୍ଯ୍ୟ ନାରାୟଣଙ୍କୁ ଅବଲୋକନ କରି କୁଷ୍ଠରୋଗାକ୍ରାନ୍ତ ଶାମ୍ବ ରୋଗରୁ ମୁକ୍ତି ପାଇଥିଲେ। ଏହି ଦିନ ମାଘ ଶୁକ୍ଳ ସପ୍ତମୀ ମକର ସଂକ୍ରାନ୍ତି ତିଥି ଥିଲା ବୋଲି କିମ୍ବଦନ୍ତୀରୁ ଜଣାଯାଏ। କୋଣାର୍କ ସୂର୍ଯ୍ୟ ମନ୍ଦିରର ଶିଳ୍ପ କଳା ମିଶରଦେଶୀୟ ଓ ଭାରତୀୟ କଳାର ସମିଶ୍ରଣ। ଏହି କାରଣରୁ ସୂର୍ଯ୍ୟ ମନ୍ଦିରର ଐତିହ୍ୟ ଓ ସଂସ୍କୃତି ବିଶ୍ୱରେ ଅନନ୍ୟ ଓ ଅଦ୍ୱିତୀୟ ।କୋଣାର୍କ ସୂର୍ଯ୍ୟ ମନ୍ଦିର ସମ୍ମୁଖରେ ଏକ ଅରୁଣ ସ୍ତମ୍ଭ ରହିଥିଲା। ଏହି ଅରୁଣ ସ୍ତମ୍ଭକୁ ସୂର୍ଯ୍ୟ ମନ୍ଦିର ସମ୍ମୁଖରୁ ମରହଟ୍ଟା ଶାସନ କାଳରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପୂର୍ବ ଦ୍ୱାରରେ ଅବସ୍ଥାପିତ କରାଯାଇଥିଲା। ଏହା ପ୍ରସିଦ୍ଧ ଐତିହାସିକ ରାଜେନ୍ଦ୍ର ଲାଲ ମତବ୍ୟକ୍ତ କରିଛନ୍ତି। ଐତିହାସିକ ଷ୍ଟର୍ଲିଙ୍କ ମତାନୁସାରେ କୋଣାର୍କ ସୂର୍ଯ୍ୟ ମନ୍ଦିର ୧୨୪୧ ଖ୍ରୀଷ୍ଟାବ୍ଦରେ ଲାଙ୍ଗୁଳା ନରସିଂହ ଦେବଙ୍କ ଦ୍ୱାରା ନିର୍ମାଣ ହୋଇଥିବା ମତବ୍ୟକ୍ତ କରିଛନ୍ତି। ମାଦଳା ପାଞ୍ଜିକୁ ଛାଡିଦେଲେ କୋଣାର୍କର ପ୍ରଥମ ଐତିହାସିକ ପ୍ରମାଣ ଆବୁଲ ଫାଜଲଙ୍କ ଆଇନୀ ଆକବରୀରେ ଦେଖିବାକୁ ମିଳେ। ଇଂରେଜ ସରକାରଙ୍କ ଶାସନ କାଳରେ କୋଣାର୍କ ସୂର୍ଯ୍ୟ ମନ୍ଦିରକୁ ଲୁଣାପବନ ଓ ଭୂସ୍ଖଳନ ଦାଉରୁ ରକ୍ଷା କରିବା ପାଇଁ ୧୯୦୩ ମସିହାରେ ବ୍ରିଟିଶ ସରକାର ଏସିଏଟିକ ସୋସାଇଟି ମାଧ୍ୟମରେ ସୂର୍ଯ୍ୟ ମନ୍ଦିରର ଜଗମୋହନର ସୁରକ୍ଷା ପାଇଁ ଗର୍ଭଗୃହରେ ବାଲି ଭର୍ତ୍ତି କରାଯାଇଥିଲା। ସମୟାନୁସାରେ ଏହି ବାଲି ଦବିବା ଯୋଗୁଁ ମନ୍ଦିର ପ୍ରତି ବିପଦ ସୃଷ୍ଟି ଆଶଙ୍କା ପ୍ରକାଶ ପାଇଥିଲା। ଫଳରେ ୧୯୦୩ ମସିହାରେ ସୂର୍ଯ୍ୟ ମନ୍ଦିର ଜଗମୋହନର ଗର୍ଭଗୃହରେ ଭର୍ତ୍ତି କରାଯାଇଥିବା ବାଲି କାଢିବା ପାଇଁ ବିଶ୍ୱ ସ୍ତରୀୟ ବିଶେଷଜ୍ଞ, ଐତିହାସିକ, ସ୍ଥପତି ମାନଙ୍କୁ ନେଇ ୨୦୧୦ ମସିହାରେ ଆନ୍ତର୍ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ବ୍ରିଟିଶ ସରକାରଙ୍କ ପରେ କେନ୍ଦ୍ର ସରକାରଙ୍କ ଏଏସଆଇ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂର୍ଯ୍ୟ ମନ୍ଦିର ସୁରକ୍ଷା ଓ ସଂରକ୍ଷଣ ନିମନ୍ତେ ୧୯୯୬ ମସିହାରେ ସୂର୍ଯ୍ୟ ମନ୍ଦିର ପ୍ରବେଶ ଶୁଳ୍କ ବ୍ୟବସ୍ଥା ଲାଗୁ କରାଯାଇଥିଲା। ୨୦୧୦ ମସିହାରେ ବିଶେଷମାନଙ୍କୁ ନେଇ ଅନୁଷ୍ଠିତ କର୍ମଶାଳାର ନିର୍ଯାଶ ଅନୁଯାୟୀ ବିଶେଷଜ୍ଞ କମିଟି ସୁପାରିସ ଆଧାରରେ ସୂର୍ଯ୍ୟ ମନ୍ଦିର ଜଗମୋହନର ଗର୍ଭଗୃହରୁ ବାଲି କାଢ଼ିବା ପାଇଁ ଏଏସଆଇ ପକ୍ଷରୁ ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଏସଆଇ ପକ୍ଷରୁ ବାଲି କାଢିବା ପୂର୍ବରୁ ସୂର୍ଯ୍ୟ ମନ୍ଦିର ପରିସରରେ ପ୍ଲାଟଫର୍ମ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ମାତ୍ର ଏଠାରେ ପ୍ରଶ୍ନ ଉଠେ ଯେ ସୂର୍ଯ୍ୟମନ୍ଦିରରୁ ବାଲି କାଢିବା ପରେ ମନ୍ଦିର ପ୍ରତି କୌଣସି ବିପଦ ନାହିଁ ତ ବୋଲି ଐତିହାସିକମାନଙ୍କ ମନରେ ନାନା ପ୍ରଶ୍ନ ଉଙ୍କି ମାରୁଛି। ସୂର୍ଯ୍ୟ ମନ୍ଦିରର ସୁରକ୍ଷା ଓ ସଂରକ୍ଷଣ ଭାରତୀୟ ସଂସ୍କୃତିର ଭବିଷ୍ୟତ ବଂଶଜ ମାନଙ୍କ ପାଇଁ ଏକ ସମ୍ବେଦନଶୀଳ ବିଷୟ ଭାବେ ଅଭିହିତ କରାଯାଇପାରେ। ଏହି ଘଟଣା ସମ୍ପର୍କରେ ସୂର୍ଯ୍ୟ ମନ୍ଦିର ଦାୟିତ୍ୱରେ ଥିବା ଏଏସଆଇ କର୍ତ୍ତୃପକ୍ଷ ସ୍ଥାନୀୟ ଅଂଚଳର ଜନସାଧାରଣ, ବୁଦ୍ଧିଜୀବୀ ଓ ସଂସ୍କୃତି ବିଶାରଦ ଓ ଐତିହାସିକ ମାନଙ୍କୁ ଅବଗତି ନିମନ୍ତେ ସ୍ୱଷ୍ଟ ମତ ରଖିବା ଜରୁରୀ ବୋଲି ସ୍ଥାନୀୟ ଅଂଚଳବାସୀଙ୍କ ମନରେ ନାନା କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ସୂର୍ଯ୍ୟ ମନ୍ଦିର ସଂରକ୍ଷଣ ଓ ସୁରକ୍ଷା ପାଇଁ ଏଏସଆଇ ବିଶେଷଜ୍ଞ କମିଟିର ପରାମର୍ଶ ଓ ବିଚାରବିମର୍ଷ କରି ସୂର୍ଯ୍ୟ ମନ୍ଦିର ଜଗମୋହନର ଗର୍ଭଗୃହରୁ ବାଲି କାଢ଼ିବା ପ୍ରସଙ୍ଗ ଉପରେ ଯତ୍ନବାନ ହେବା ଜରୁରୀ। ଏହି ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ଏଏସଆଇ କର୍ତ୍ତୃପକ୍ଷ ବାଲି କାଢିବା ପରେ ମନ୍ଦିରର ସ୍ଥିତି ବଜାୟ ରହିବ ନା ଏହି ପ୍ରାଚୀନ ଐତିହ୍ୟ ଓ ସଂସ୍କୃତି ସଂପନ୍ନ କୀର୍ତ୍ତିରାଜି ବିପଦ ସୃଷ୍ଟି ହେବା ତାହା ସାର୍ବଜନୀନ ହେବା ସଂସ୍କୃତି ବିଶାରଦ, ଐତିହାସିକ, ଗବେଷକ ତଥା ସ୍ଥାନୀୟ ଅଂଚଳର ଜନସାଧାରଣମାନଙ୍କ ମନରେ ଏକ ଉତ୍କଣ୍ଠାର ବାତାବରଣ ଭାବେ ଦଣ୍ଡାୟମାନ ସଦୃଶ କହିଲେ ଅତ୍ୟୁକ୍ତି ହେବନାହିଁ।

> ୨୦୧୦ ମସିହାରେ ବିଶେଷଜ୍ଞମାନଙ୍କୁ ନେଇ ଅନୁଷ୍ଠିତ କର୍ମଶାଳାର ନିର୍ଯାସ ଅନୁଯାୟୀ ବିଶେଷଜ୍ଞ କମିଟି ସୁପାରିସ ଆଧାରରେ ସୂର୍ଯ୍ୟ ମନ୍ଦିର ଜଗମୋହନର ଗର୍ଭଗୃହରୁ ବାଲି କାଢ଼ିବା ପାଇଁ ଏଏସଆଇ ପକ୍ଷରୁ ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଏସଆଇ ପକ୍ଷରୁ ବାଲି କାଢିବା ପୂର୍ବରୁ ସୂର୍ଯ୍ୟ ମନ୍ଦିର ପରିସରରେ ପ୍ଲାଟଫର୍ମ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି।


ବରିଷ୍ଠ ସାମ୍ବାଦିକ
କୋଣାର୍କ, ପୁରୀ
ମୋ - ୯୩୪୮୪୧୮୭୪୩.


# ୨୦୨୩-୨୦୨୪ର ବଜେଟ୍ କେତେ ଠିକ କେତେ ଭୁଲ



କାଳି ଦାସ

କେନ୍ଦ୍ର ସରକାରଙ୍କ ବିତ୍ତ ମନ୍ତ୍ରୀ ସୀତାରାମାନ ପଞ୍ଚମଥର ପାଇଁ ୨୦୨୩ -୨୦୨୪ ଆର୍ଥିକ ବର୍ଷ ପାଇଁ ଭାରତର ବଜେଟ ପ୍ରସ୍ତୁତ କଲେ । ବିଗତ ଦିନରେ କୋରୋନା ମହାମାରୀର ପ୍ରକୋପ ଏବଂ ରୁଷିଆ ଓ ୟୁକ୍ରେନ ଭିତରେ ଲାଗିଥିବା ଯୁଦ୍ଧ ସବୁ କିଛି ଆଖିରେ ରଖି ଏହି ବଜେଟ ପ୍ରସ୍ତୁତ କରାଯାଇଛି ।

ସରକାରଙ୍କ ତରଫରୁ ଏହି ବଜେଟକୁ ବହୁତ ପ୍ରଶଂସା କରାଯାଇଥିଲା ବେଳେ ବିରୋଧି ଏହାକୁ ନୈରାଶ୍ୟ ଜନକ ବଜେଟ କହି ସମାଲୋଚନା କରିଛନ୍ତି ।

ନିର୍ମଳା ସୀତାରମଣ ନିଜ ବଜେଟକୁ "ସପ୍ତର୍ଷି" କହିଛନ୍ତି। ଏହି ବଜେଟରେ ସାତୋଟି ବିଷୟ ଉପରେ ପ୍ରାଥମିକତା ଦିଆ ଯାଇଛି ।

'ସିକଲ ସେଲ' ରୋଗର ନିବାରଣ ପାଇଁ ଘୋଷଣା କରାଯିବା ସହିତ ପିଏମ ପିଭିଟିଜି ଡେଭଲପମେଣ୍ଟ ମିଶନ ରେ ଆଦିବାସୀ ସମୁଦାୟଙ୍କ ଉନ୍ନତି ପାଇଁ ୧୫୦୦ କୋଟି ଟଙ୍କା ବ୍ୟୟ କରାଯିବ ।

୨୦୨୩ - ୨୦୨୪ ଆର୍ଥିକ ବର୍ଷରେ ରେଲୱେ ପାଇଁ ୨.୫୦ ଲକ୍ଷ କୋଟି ଟଙ୍କା ବ୍ୟୟ କରାଯିବ । ଯାତ୍ରୀଙ୍କ ସୁବିଧାକୁ ଆଖିରେ ରଖି ଦୁରନ୍ତ, ରାଜଧାନୀ, ହମସଫର ପରି ଟ୍ରେନ ଗୁଡିକରେ ୧୦୦୦ଟି କୋଚକୁ ସ୍ଥାନ ଦିଆଯିବ ।

ଆମ ଦେଶର ସାମରିକ ବାହିନୀଙ୍କ ପାଇଁ ୨୦୨୩-୨୦୨୪ ଆର୍ଥିକ ବର୍ଷରେ ୫.୯ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରାଯିବ । ଗତ ବର୍ଷ ବଜେଟରେ ୫.୨୫ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା ।

କେନ୍ଦ୍ର ସରକାର ଚାକିରିଆ ଗୋଷ୍ଠୀଙ୍କୁ ଆଖିରେ ରଖି ୨୦୨୩ - ୨୦୨୪ ଆର୍ଥିକ ବର୍ଷର ବଜେଟ ତିଆରି କରିଛନ୍ତି । ଏହି ବଜେଟରେ ବ୍ୟକ୍ତିଗତ ଟେକ୍ସକୁ କମ କରାଯାଇଛି । ପୂର୍ବରୁ ପାଞ୍ଚ ଲକ୍ଷ ଟଙ୍କା ରୋଜଗାର କରୁଥିବା କର୍ମଚାରୀଙ୍କୁ ଯେଉଁ ଟେକ୍ସ ଦେବାକୁ ପଡୁଥିଲା ତାହା ବର୍ତ୍ତମାନ ବଢା ଯାଇଛି । ଟେକ୍ସ ସୀମା ସାତ ଲକ୍ଷ କରାଯାଇଛି । ତା ସହିତ ଧନୀ ଲୋକମାନେ ଯେଉଁମାନଙ୍କର ବାର୍ଷିକ ଆୟ ପାଞ୍ଚ କୋଟି ଟଙ୍କା ରହିଛି ସେମାନେ ଯା ପୂର୍ବରୁ ୪୨.୭୪% ଟେକ୍ସ ଦେଇଥିଲେ ବର୍ତ୍ତମାନ ସେମାନଙ୍କୁ କେବଳ ୩୯% ଟେକ୍ସ ଦେବାକୁ ପଡିବ ।

ମନ୍ତ୍ରୀଙ୍କ କହିବା ଅନୁସାରେ ମାତ୍ର ନ ବର୍ଷରୁ ବିଜେପି ଶାସନରେ ଭାରତର ଆର୍ଥନୀତି ଦଶମ ସ୍ଥାନରୁ ପଞ୍ଚମ ସ୍ଥାନରେ ଆସି ପହୁଞ୍ଚିଛି । ମନ୍ତ୍ରୀଙ୍କ ସପ୍ତର୍ଷି ଯୋଜନାରେ ଦେଶର ଆର୍ଥନୀତି ଆଗକୁ ବଢିବ ବୋଲି ବିଜେପି ନେତାମାନେ କହୁଛନ୍ତି ।

ଏହି ସପ୍ତର୍ଷି ଯୋଜନାର ପ୍ରଥମ ଯୋଜନା ହେଉଛି "ନିରନ୍ତନ ବିକାଶ"। ଦେଶର ସର୍ବାଙ୍ଗୀନ ବିକାଶକୁ ମୂଳ ଆଧାର କରାଯିବ ବୋଲି ବିତ୍ତମନ୍ତ୍ରୀ କହିଛନ୍ତି । ସେଥିରେ ଦେଶର ସବୁ ବର୍ଗର ଲୋକଙ୍କୁ ବିକାଶରେ ସାମିଲ କରାଯିବ ।

ଦ୍ୱିତୀୟ ଯୋଜନା ହେଉଛି ବଞ୍ଚିତଙ୍କ ପାଇଁ ବିତ୍ତମନ୍ତ୍ରୀ ଦେଶର ସମସ୍ତ ସୁବିଧାରୁ ବଞ୍ଚିତ ହୋଇଥିବା ବର୍ଗଙ୍କୁ ନିଜ ବଜେଟରେ ପ୍ରାଧାନ୍ୟ ଦେଇଛନ୍ତି । ସେମାନଙ୍କ ବିକାଶ ହିଁ ଦେଶର ବିକାଶ ବୋଲି ବର୍ଣ୍ଣନା କରିଛନ୍ତି ।

ଦେଶର ବୁନିଆଦି ବ୍ୟବସ୍ଥା ଉପରେ ଖର୍ଚ୍ଚ କରିଯିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି ।

ଅର୍ଥମନ୍ତ୍ରୀ ଯୁବକଙ୍କର କ୍ଷମତାକୁ କି ପରି ପ୍ରକାଶ କରାଯାଇ ପାରିବ ତାହେଲେ ଯୁବ ପିଡି ଆଗକୁ ଆସିବେ ଏବଂ ଦେଶର ଅର୍ଥନୀତି ଆଗକୁ ବଢିବ। ଅର୍ଥମନ୍ତ୍ରୀ ନିଜ ବଜେଟରେ ହରିତ ବିକାଶର କଥା ମଧ କହିଛନ୍ତି। ଏହା ଦ୍ୱାରା ଦେଶର କୃଷକ ଲାଭବାନ ହେବେ । ଦେଶର ଆର୍ଥନୀତିର ବିକାଶ ପାଇଁ କୃଷକର ଅବଦାନକୁ ଆମେ ଏଡାଇ ପାରିବା ନାହିଁ ।

ଶିକ୍ଷା ପାଇଁ ଅର୍ଥମନ୍ତ୍ରୀ ଏକଲବ୍ୟ ଯୋଜନା ଆଣିଛନ୍ତି, ଏହି ଯୋଜନାରେ ୩୮,୮୦୦ ଶିକ୍ଷକ ନିଯୁକ୍ତି ପାଇବେ । ଏବଂ ଏକଲବ୍ୟ ମଡେଲ ରେସିଡେନ୍ସିଏଲ ସ୍କୁଲ ତିଆରି ହେବେ । ଏଥିରେ ଗାଁ ଗହଳିର ଏସଟି ଛାତ୍ର ଓ ଛାତ୍ରୀମାନେ ପଢିବାକୁ ସୁଯୋଗ ପାଇବେ। ପ୍ରତ୍ୟେକ ସ୍କୁଲ ରେ ୪୮୦ ଜଣ ଛାତ୍ର ବା ଛାତ୍ରୀ ସ୍ଥାନ ପାଇବେ । ପ୍ରତ୍ୟେକ ସ୍କୁଲ ରେ ଛାତ୍ର ଓ ଛାତ୍ରୀଙ୍କ ସଂଖ୍ୟା ସମାନ ରହିବ । ଏବଂ ଏହି ସ୍କୁଲ ଗୁଡିକରେ ୧୦% ଅଣ ଆଦିବାସୀ ଛାତ୍ର ମଧ ପଢିପାରିବେ ।

ମନ୍ତ୍ରୀ ନିର୍ମଳା ସିତାରମନ ୧୫୭ ନର୍ସିଙ୍ଗ କଲେଜ ଖୋଲିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ବିରୋଧୀଙ୍କ କହିବା ଅନୁସାରେ କେବେଳ କଲେଜ ଖୋଲିଦେଇ ପିଲାମାନଙ୍କୁ ନର୍ସିଙ୍ଗ କଲେଜ ରେ ପଢାଇଲେ ହେବ ନାହିଁ ବରଂ ପଢା ସରିଗଲା ପରେ ପିଲାମାନଙ୍କୁ କିଭଳି ଚାକିରି ମିଳିବ ସେହି ବିଷୟରେ ସରକାର ଭାବି ବା କଥା ବୋଲି କହିଛନ୍ତି ।

ବିଜେପି ସରକାର ଏହି ବଜେଟକୁ "ଅମୃତ କାଳ"ର ବଜେଟ ବୋଲି କହୁଛି । ଅର୍ଥମନ୍ତ୍ରୀ ଏକ ଘଣ୍ଟା ୨୭ ମିନିଟର ଅଭିଭାଷଣରେ ଅନେକ ଗୁଡିଏ ଦିଗକୁ ଛୁଇଁଚନ୍ତି । ବିଜେପିର ନ ବର୍ଷର ଶାସନରେ ଭାରତ ଦଶମ ସ୍ଥାନରୁ ଅର୍ଥନୀତିରେ ବିଶ୍ୱର ପଞ୍ଚମ ସ୍ଥାନକୁ ଆସିପାରିଛି ବୋଲି କହି ବାହାବାହା ନେଲା ବେଳେ ବିରୋଧୀ ଏହାକୁ ବିରୋଧ କରିଛନ୍ତି। ବିଜେପି ଦଳ ଏହାକୁ ନିଜର ସଫଳତା ବୋଲି ମାନୁଥିବାବେଳେ ବିରୋଧୀ ବେରୋଜଗାର ଓ ଦରଦାମ ବୃଦ୍ଧି ପାଇଁ ବିଜେପିକୁ ଦାଇ କରିଛନ୍ତି ।

> ଅର୍ଥମନ୍ତ୍ରୀ ଯୁବକଙ୍କର କ୍ଷମତାକୁ କି ପରି ପ୍ରକାଶ କରାଯାଇ ପାରିବ ତାହେଲେ ଯୁବ ପିଡି ଆଗକୁ ଆସିବେ ଏବଂ ଦେଶର ଅର୍ଥନୀତି ଆଗକୁ ବଢିବ। ଅର୍ଥମନ୍ତ୍ରୀ ନିଜ ବଜେଟରେ ହରିତ ବିକାଶର କଥା ମଧ କହିଛନ୍ତି। ଏହା ଦ୍ୱାରା ଦେଶର କୃଷକ ଲାଭବାନ ହେବେ । ଦେଶର ଆର୍ଥନୀତିର ବିକାଶ ପାଇଁ କୃଷକର ଅବଦାନକୁ ଆମେ ଏଡାଇ ପାରିବା ନାହିଁ ।


ବ୍ରହ୍ମପୁର,
ଖୋଡ଼ାସିଙ୍ଗ କଳିଙ୍ଗନଗର,
ମୋ: ୭୨୦୫୧୦୦୮୩୯





## ବସନ୍ତ ଆସିଛି

**କନ୍ଦର୍ପ ବେହେରା**



ଆମ୍ବ ବଉଳରେ ବାସନା ଭରିକି
ବସନ୍ତ ଋତୁଟି ଆସିଛି,
ମଳୟ ବହୁଛି ଶିହରଣ ଆଣି
ମନରେ ପୁଲକ ଭରିଛି ।

ମୁରୁକି ମୁରୁକି ହସୁଛି ବସନ୍ତ
ମନକୁ ଚୋରାଇ ନେଇଛି,
ଆମ୍ବ ଡାଳେବସି କୋଇଲୀ ନାନୀଟି
ମଧୁର ଗୀତ ସେ ଗାଉଛି ।

ବସନ୍ତ ଋତୁକୁ ଭୁଲିବାର ନୁହଁ
ମନରେ ଆନନ୍ଦ ଦେଇଛି,
ବରଷକ ପରେ ମରତ ଆସିଛି
ବସନ୍ତ ବସନ୍ତ ବାସୁଛି ।

ଶୀତ ଟଳିଗଲା ଆସିଲା ଫଗୁଣ
ଦୋଳ ପରବଟି ଆସିବ,
ପ୍ରଜାପତି ସତେ ଫୁଲରୁ ଫୁଲକୁ
ଡେଇଁ ଡେଇଁ ଏବେ ନାଚିବ ।

ଗଛେ ଆମ୍ବ କଷି ଧରିଲାଣି ମିତ
ପିଲାଙ୍କୁ ଆନନ୍ଦ ଭରିଲା,
ଆମ ଗାଆଁ ମିଳି ବଉଳ ବସିଲା
ତାଥେଇ ତାଥେଇ ନାଚିଲା ।


କବି କୁଟୀର, ସା/ପୋ-ଡଇଁଚା,
ଭାୟା-ରେଢ଼ାଖୋଲ,
ଜି-ସମ୍ବଲପୁର -୭୬୮୧୦୬
ମୋ: ୭୦୭୭୫୭୯୩୧୭


## ତୁର୍କୀରେ ଭୂକମ୍ପ

**ରମେଶ ଚନ୍ଦ୍ର ନାୟକ**



ବସୁଧା ଥରିଲା ପ୍ରଳୟ ବହିଲା
ପ୍ରାକୃତିକ ଦୁର୍ବିପାକ,
ତୁର୍କୀ ଇସ୍ରାଏଲ ସିରିଆ ଥରିଲା
ଭୂକମ୍ପ ଖେଳାଏ ଶୋକ ।

ଶିଶୁଠାରୁ ବୃଦ୍ଧ କେତେ ପ୍ରାଣଘାତ
ଭୂକମ୍ପର ତାଣ୍ଡବରେ,
ତାସ୍ ଘର ପରି ପଡ଼ିଲା ଉଜୁଡି
କୋଠା ବାଟି ରସାତଳେ ।

କ୍ଷତ ବିକ୍ଷତଙ୍କ ଅବା ମୃତକଙ୍କ
ଆତ୍ମୀୟ ସୋଦର ମାନ,
କାନ୍ଦ ବୋବାଳିରେ ମୂର୍ଚ୍ଛିତ ଯାଆନ୍ତି
ହରାଇକି ବାସସ୍ଥାନ ।

ପୋଲ ବନ୍ଧ ବାଡ କେତେ ରେଳଗଡ
ଭାଙ୍ଗିରୁଜି ଧୂଳିସାତ,
ଉଦ୍ଧାର କାର୍ଯ୍ୟରେ ସୈନ୍ୟ
ସ୍ୱେଚ୍ଛାସେବୀ
ଦୃଶ୍ୟ ଦେଖି ଥରେ ହୃଦ ।

ଦେଶ ବିଦେଶରୁ ହୃଦୟ କୋଣରୁ
ସାନ୍ତ୍ୱନାର ସ୍ରୋତ ଛୁଟେ,
ଭାରତ ସର୍କାର ଶୋକ ବାର୍ତ୍ତା ଦେଇ
ଦିଏ ସହାୟତା ହାତେ ।

ରାଷ୍ଟ୍ରବିପ୍ଲ ବେଳେ ଉତ୍ସବ ସ୍ଥଳରେ
ଅବା ଶ୍ମଶାନର ଘାଟେ,
ଯେଉଁ ଲୋକଟିଏ ହୋଇଥାଏ ଛିଡା
ପ୍ରକୃତ ବନ୍ଧୁ ସେ ଅଟେ ।


କେଶରପୁର, ବକ୍ସି ବଜାର, କଟକ
ମୋ : ୭୯୭୮୧୫୧୭୧୦


## ଡାକୋଟା

**ଭରତ ଚନ୍ଦ୍ର ଦାଶ**

ବିଜୁଙ୍କ
ବିମାନ କେବଳ
ଝଡରେ ହିଁ ଉଡିପାରେ
କି ସ୍ୱର୍ଦ୍ଧିତ ସ୍ୱର
ଯାହା ମୋ ପ୍ରାଣରେ
ସଂଚାରିଥିଲା
ଶତ ସିଂହର ବଳ
ଡେଣା ଭରିଥିଲା
ଯୋଜନ ଯୋଜନ ଉଡିବାର
ଅପ୍ରତିହତ ଶକ୍ତି
ଯାହାର କର ସ୍ପର୍ଶରେ
ମୋର ସ୍ଫୁଲିଙ୍ଗ
ପ୍ରତିଟି ଡେଣାରେ
ସପ୍ତ ସିନ୍ଧୁ ଅତିକ୍ରମ
କରିଯିବାରେ ଆଗ୍ନେୟ
ଶପଥ ମୋତେ କରିଥିଲା
ଚଳଚଞ୍ଚଳ ଦୁର୍ବାର ଅଭିପ୍ସା
ଅସମ୍ଭବ ଶବ୍ଦ ଏଠି
କେଉଁକାଳୁ ନିଶ୍ଚିହ୍ନ ନିଃଶବ୍ଦ
ଝଡର ଇଗଲ ମୁଁ ଯେ
ସମୟ ଜାଣିଛି
ସମୟକୁ ଅତିକ୍ରମୀ କାଳରେ
ଅନତିକ୍ରମ ସତ୍ତାଟିଏ
ଏବେ ବାର୍ଦ୍ଧକ୍ୟରେ
ଜରାଜୀର୍ଣ୍ଣ ଶକ୍ତିରହିତ
ଡାକୋଟା ମୋ ନାମ।

ମୁଁ ଦେଖିଛି
ଅନୁଭବିଛି ସଂଗ୍ରାମର
ଭୀଷଣତର ବିଭୀଷିକା
ବୀର ପ୍ରସବିନୀ ଭାରତର
ଶୌର୍ଯ୍ୟ ବୀର୍ଯ୍ୟରେ ବଳବାନ
ସୁପୁତ୍ରମାନଙ୍କୁ
କିନ୍ତୁ ଭୂମିପୁତ୍ର ବିଜୟାନନ୍ଦ
ଏକ ଆଗ୍ନେୟ ସ୍ଫୁଲିଙ୍ଗ
ଦୁର୍ବାର ଦୁଃସାହସର
ଏକ ଅନିର୍ବାଣ ଦୀପଶିଖା
ପରାଜୟ ଓ ଅସମ୍ଭବର
ବହୁ ଉର୍ଦ୍ଧ୍ୱରେ ଉଡୁଥିବା
ବିଜୟ ରୂପୀ ଝଡର ଇଗଲ ।
ବିଜୁବାବୁ ଜ୍ଞାନଦେବୀ
ଦୁହେଁ ଦୁହିଁଙ୍କ ଠାରୁ ଶକ୍ତିରେ
ନୁହେଁ ଭିନ୍ନାଭିନ୍ନ
ଶୌର୍ଯ୍ୟର ଓ ଅସୀମ ସାହସର
ପ୍ରଜ୍ଜ୍ୱଳିତ ଐଶ୍ୱରିକ ଦୀପ୍ତି
ମୁଁ ଧନ୍ୟ ଆଜି ସ୍ମୃତିରେ
ପ୍ରୀତିରେ ଆତିଥ୍ୟରେ
ଉତ୍କଳ ଜନନୀର



ଉର୍ଦ୍ଧ୍ୱସ୍ୱଳ ମାଟିର ସ୍ପର୍ଶ ପାଇ।

ମୁଁ ବାର୍ଦ୍ଧକ୍ୟରେ
ଶକ୍ତିହୀନ ବଳବୀର୍ଯ୍ୟହୀନ
ଜରା ବ୍ୟାଧିର କୀଟ ଦଂଶନରେ
ମୋ ଶରୀର ଅସ୍ପୃଶ୍ୟ
ଅରୂପରେ ପରିତ୍ୟକ୍ତ
କେଉଁ ଏକ ଅପାଂକ୍ତେୟ ସ୍ଥାନେ
ପିତା ଗୁଣେ ପୁତ୍ର
ଶେଷେ ଚିହ୍ନିଲା ଯେ ମୋତେ
ନବଜନ୍ମ ପାଇ ମୁଁ ଧନ୍ୟ
ନବୀନଙ୍କ କର ସ୍ପର୍ଶରେ
ମୁଁ ଫେରିପାଇବି ମୋର
ହୃତ ଗୌରବକୁ
ଏକୋଇଶ ଜୁଲାଇ
ଉଣେଇଶ ଶତଚାଳିଶର
ସେ ଗୌରବାବହ ଇତିହାସ
ଏବେ ସ୍ପଷ୍ଟ ମନେ ଅଛି ମୋର
ମହମ୍ମଦ ହତା ଓ ସୁଲତାନ ସାହାରିର୍
ଡଚ ବିଦ୍ରୋହୀମାନଙ୍କ ଚକ୍ରବ୍ୟୁହ
ଭେଦକରି ବିଜୁବାବୁ
ଆଣିଥିଲେ ଇଣ୍ଡୋନେସିଆରୁ ।

ନେହେରୁଙ୍କ ପ୍ରଶଂସାରେ
ବିଜୁବାବୁଙ୍କ ବୀରତ୍ୱ
ଦିଲ୍ଲୀ ଦରବାରେ ବେଶ୍
ଚର୍ଚ୍ଚା ହେଉଥିଲା
ମୁଁ କିନ୍ତୁ ଫାଟି ପଡୁଥିଲି
ଆନନ୍ଦରେ ଦେଶ ପାଇଁ
ଜାତିପାଇଁ କିଛି ମହତ୍
କାର୍ଯ୍ୟ ହେଲା ଭାବି ।

ମୁଁ ଡାକୋଟା ମୋ ଦେହରେ
ଲେଖା ଅଛି ଉତ୍କଳର
ବୀରତ୍ୱର କଥା
କଳିଙ୍ଗର ବରପୁତ୍ର
ବିଜୁବାବୁ ବିଜୟାନନ୍ଦ
ବିଜୟର ମୂର୍ତ୍ତିମନ୍ତ
ଏକ ଅମଳିନ ଗାଥା ।


ସଦସ୍ୟ, ଓଡିଶା ସାହିତ୍ୟ ଏକାଡେମୀ
ମାର୍କୋଣା, ବାଲେଶ୍ୱର - ୭୫୬
୧୨୬
ମୋ: ୯୪୩୭୩୭୨୧୬୬








# ଧ୍ୱନି ପ୍ରତିଧ୍ୱନି

ଆମ କୁନାକୁନିଙ୍କ ଆପଣା ପୃଥିବୀ ୫ | ଶନିବାର, ୧୧ ଫେବୃୟାରୀ ୨୦୨୩




କାର୍ତ୍ତିକ ସାଇଁ

# ମିନା ଅପାଙ୍କ ରାମାୟଣ ଟୁଙ୍ଗି (୭୪)

## ରାମ ଲକ୍ଷ୍ମଣଙ୍କ ନାଗପାଶରୁ ମୁକ୍ତି

(ପୂର୍ବ ପ୍ରକାଶିତ ଉତ୍ତାରୁ)

"ରାମଙ୍କ ବାଣରେ କ୍ଷତାକ୍ତ ହୋଇ ଯୁଦ୍ଧ କ୍ଷେତ୍ରରୁ ପଳାୟନ କଲା ଲଙ୍କାପତି ରାବଣ" ମିନା ଅପା ରାମାୟଣ କଥା ଆରମ୍ଭ କଲେ ।

ରାବଣ ଚିନ୍ତାରେ ପଡ଼ିଗଲା । ସେ କୌଣସି ପ୍ରକାରେ ସୀତାଙ୍କୁ ଫେରାଇ ଦେବାକୁ ଚାହୁଁନଥିଲା । ଯୁଦ୍ଧରେ ତାର ଅନେକ ସେନାପତି ଓ ସୈନ୍ୟ ମୃତ୍ୟୁମୁଖରେ ପଡ଼ି ସାରିଥିଲେ ।

ରାବଣ ଚିନ୍ତିତ ଥିଲାବେଳେ ତାର ଦୁଷ୍ଟ ମନ୍ତ୍ରୀମାନେ ତାକୁ ମନ୍ତ୍ରଣା ଦେଲେ ଯେ ସେ ତାଙ୍କ ମଧ୍ୟମ ଭ୍ରାତା କୁମ୍ଭକର୍ଣ୍ଣର ସାହାଯ୍ୟ ନିଅନ୍ତୁ । "କୁମ୍ଭକର୍ଣ୍ଣ ଏପରି ବୀର ଯିଏ ଲଙ୍କାପତି ରାବଣକୁ ମାରିପାରିବ ।" ମନ୍ତ୍ରୀମାନେ ଉପଦେଶ ଦେଲେ ।





ମାତ୍ର କୁମ୍ଭକର୍ଣ୍ଣ ବର୍ତ୍ତମାନ ମହାନିଦ୍ରାରେ । ତାର ନିଦ୍ରାରେ ବ୍ୟାଘାତ ସୃଷ୍ଟି ହେଲେ ସେ ଅନେକ ଅନିଷ୍ଟ କରିପାରେ । ତାଙ୍କୁ ନିଦ୍ରା ଭଂଗ କରିବା କଷ୍ଟ । ଚିନ୍ତା କଲା ରାବଣ ।

ରାବଣ ଭୀଷଣ ଭାବରେ ଡରି ଯାଇଥିଲା । କୁମ୍ଭକର୍ଣ୍ଣର ସାହାଯ୍ୟ ଏବେ ତାର ଆବଶ୍ୟକ । ତାର ନିଦ୍ରା ଭାଂଗିଲା ବେଳକୁ ରାବଣର ବହୁତ କ୍ଷତି ହୋଇପାରେ । ତେଣୁ ସେ ସଂଗେ ସଂଗେ କୁମ୍ଭକର୍ଣ୍ଣଙ୍କୁ ନିଦ୍ରାରୁ ଉଠେଇବାକୁ ଆଦେଶ ଦେଲେ ।

କୁମ୍ଭକର୍ଣ୍ଣର ଜନ୍ମ ବୃତ୍ତାନ୍ତ ବଡ଼ ବିଚିତ୍ର । ତାକୁ ବହୁତ ଭୋକ ଲାଗେ । ତା ଆଖିକୁ ଯିଏ କେହି ବି ଆସେ ତାଙ୍କୁ ସେ ଖାଇଦିଏ । କୁମ୍ଭକର୍ଣ୍ଣ ପିଲାଦିନୁ ବହୁତ ବଳଶାଳୀ ଥିଲା ଓ ଦେବତା ମାନବ ସମସ୍ତଙ୍କୁ ହଇରାଣ କରୁଥିଲା । ତା ଦ୍ୱାରା ଅତିଷ୍ଠ ହୋଇ ଦେବରାଜ ଇନ୍ଦ୍ର ବ୍ରହ୍ମାଙ୍କୁ ପ୍ରାର୍ଥନା କଲେ ଓ ସଂସାରକୁ ରକ୍ଷା କରିବାକୁ ନିବେଦନ କଲେ ।

ବ୍ରହ୍ମା ନିଜେ ଆସି କୁମ୍ଭକର୍ଣ୍ଣର କାର୍ଯ୍ୟକଳାପ ଦେଖିଲେ । ନିରୀହ ଜୀବଜନ୍ତୁଙ୍କୁ ସେ ମାରୁଛି, ଘର ଭାଙ୍ଗୁଛି । ଏତାଦୃଶ କାର୍ଯ୍ୟ ଦେଖି ବ୍ରହ୍ମା କୁମ୍ଭକର୍ଣ୍ଣକୁ ମଲାପରି ଶୋଇ ରହିବାକୁ ଅଭିଶାପ ଦେଲେ । ବ୍ରହ୍ମାଙ୍କର ଏପରି ଅଭିଶାପ ପାଇ କୁମ୍ଭକର୍ଣ୍ଣ ଶୋଇ ପଡ଼ିଲା । ପରେ ରାବଣ ବ୍ରହ୍ମାଙ୍କୁ ଶାପ ଫେରାଇ ନେବାକୁ ପ୍ରାର୍ଥନା କରନ୍ତେ ବ୍ରହ୍ମା ତାଙ୍କ ଶାପର କିଛି ପରିବର୍ତ୍ତନ କଲେ । ଛଅ ମାସରେ ଦିନେ ତାର ନିଦ ଭାଙ୍ଗିବ ଓ ସେ ଉଠି ଯାହା ଇଚ୍ଛା ତା ଖାଇବ । ସେଦିନ କେହି କୁମ୍ଭକର୍ଣ୍ଣକୁ ଯୁଦ୍ଧରେ ହରାଇ ପାରିବେ ନାହିଁ । ମାତ୍ର ଛଅ ମାସ ନ ପୂରୁଣୁ ତାଙ୍କୁ ଉଠାଇଲେ ତାର ମୃତ୍ୟୁ ସୁନିଶ୍ଚିତ । କହିଲେ ପ୍ରଜାପତି ବ୍ରହ୍ମା ।

ବ୍ରହ୍ମାଙ୍କ ବର ହିସାବରେ କୁମ୍ଭକର୍ଣ୍ଣ ଘୋର ନିଦ୍ରାରେ ଥିଲା । ତାକୁ ଉଠାଇବା ଅସମ୍ଭବ ଥିଲା । ମାତ୍ର ରାବଣ ଆଦେଶରେ କୁମ୍ଭକର୍ଣ୍ଣକୁ ଉଠାଇବା ପାଇଁ ସବୁ ବ୍ୟବସ୍ଥା କରାଗଲା । ତା ଆଗରୁ ତା ଆଖପାଖରେ ଯଥେଷ୍ଟ ଖାଦ୍ୟ ପଦାର୍ଥ ରଖାଯାଇଥିଲା ।

କୁମ୍ଭକର୍ଣ୍ଣର ଅସମୟରେ ନିଦ ଭାଙ୍ଗିଲା । ଉଠିବା ମାତ୍ରେ ସେ ଖାଦ୍ୟ ଖୋଜିଲା । ତା ସାମ୍ନାରେ ରଖାଯାଇଥିବା ମାଂସ, ଅନ୍ୟ ଖାଦ୍ୟ ଖାଇଲା ଓ ମଦିରା ପାନ କଲା । ପେଟ ଭରପୂର ହେଲାପରେ ସେ ସେଠାରେ ଥିବା ରାବଣର ଦୂତକୁ ରାଗରେ ଅନେଇଲା । "ମୋତେ ଅସମୟରେ ଉଠାଇବାର କାରଣ କଣ ?"

ଡରି ଡରି ଅତି ବିନମ୍ରତା ସହ ରାବଣର ଦୂତ କହିଲା- ମହାରାଜା ରାବଣ ବଡ଼ ସଂକଟରେ ପଡ଼ିଛନ୍ତି । ସେ ଆପଣଙ୍କୁ ତୁରନ୍ତ ଦେଖା କରିବାକୁ ଚାହାନ୍ତି ।

ଭାତୃଭକ୍ତ କୁମ୍ଭକର୍ଣ୍ଣ ଚିହିଁକି ଉଠିଲା ଓ ଶଯ୍ୟା ଛାଡ଼ି ସଂଗେ ସଂଗେ ରାବଣ ଦରବାର ଦିଗରେ ପ୍ରସ୍ଥାନ କଲା ।

କୁମ୍ଭକର୍ଣ୍ଣ ଉଠିବା ଖବର ଶ୍ରୀରାମଙ୍କ ପାଖରେ ପହଂଚି ଯାଇଥିଲା । ବିଭୀଷଣଙ୍କଠାରୁ ଶ୍ରୀରାମ କୁମ୍ଭକର୍ଣ୍ଣ ସଂପର୍କରେ ସମସ୍ତ ଖବର ବୁଝିନେଇଥିଲେ । ସେ ଜାଣିଗଲେ- କୁମ୍ଭକର୍ଣ୍ଣ ଅସମୟରେ ଉଠିଛି, ତେଣୁ ତାର ବିନାଶ ସହଜ ହେବ । ସେ ତାଙ୍କର ବୀରମାନଙ୍କୁ ପ୍ରସ୍ତୁତ ହେବାକୁ ଆଦେଶ ଦେଲେ ।

ମଦିରାଶକ୍ତ କୁମ୍ଭକର୍ଣ୍ଣରୁ ନିଦ ଠିକ୍ ଭାବରେ ଭାଙ୍ଗି ନଥିଲା । ସେ ଟଳିଟଳି ଜ୍ୟେଷ୍ଠ ଭ୍ରାତା ରାବଣର ଦରବାରରେ ପହଂଚିଲା ଓ ତାକୁ ଅସମୟରେ ଉଠାଇବାର କାରଣ ପଚାରିଲା ।

ରାବଣ ଜାଣିଥିଲା-କୁମ୍ଭକର୍ଣ୍ଣ ଅସମୟରେ ଉଠିଲେ ତାର ବିନାଶ ଅବଶ୍ୟମ୍ଭାବୀ । ମାତ୍ର ଘୋର ସଂକଟରେ ଥିବା ଦଶାନନ ନିଜ ଜୀବନ ଓ ସୀତାଙ୍କ ପ୍ରତି ମୋହ ଲାଗି ନିଜ ଭାଇକୁ ବଳି ଦେବାକୁ ପ୍ରସ୍ତୁତ ଥିଲା ।

ଅଧା ନିଦରେ ଥିବା କୁମ୍ଭକର୍ଣ୍ଣକୁ ରାବଣ ତାର ଦୁଃଖ କଥା କହିଲା ଓ ରାମ ଲକ୍ଷ୍ମଣଙ୍କୁ ମାରିବାକୁ ଆଦେଶ ଦେଲା ।

ମିନା ଅପା ରାମାୟଣ କଥା ଏଇଠି ରଖିଲେ ।

(କ୍ରମଶଃ)

+ମୋ: ୯୯୮୦୩୦୦୭୫୧

# ଖୋଜିବ ଯେମିତି, ପାଇବ ସେମିତି



ଶ୍ରୀ ସୁବ୍ରତ ମଲିକ



ଅନେକ ବର୍ଷ ପୂର୍ବର କଥା । ସେତେବେଳେ ବ୍ରହ୍ମ ଦେଶ ନାମକ ରାଜ୍ୟଟିଏ ଥିଲା, ଯାହାକୁ ଶାସନ କରୁଥିଲେ ରାଜା ରବୀନ୍ଦ୍ର ଦେବ । ଧନଧାନ୍ୟ ଓ ସୁଖ ସମୃଦ୍ଧିରେ ରାଜ୍ୟଟି ପରିପୂର୍ଣ୍ଣ ଥିଲା । ପ୍ରଜାମାନେ ଶାନ୍ତିରେ ବସବାସ କରୁଥିଲେ । ରାଜା କିନ୍ତୁ କିଛି ଦିନ ଧରି ନିଜ ଜୀବନର କିଛି ନା କିଛି ଦୋଷ ତ୍ରୁଟି ବାହାର କରୁଥିଲେ ଓ ସେହି କାରଣରୁ ଚିନ୍ତିତ ରହୁଥିଲେ ।

ବହୁ ଦିନ ପରେ ସେହି ରାଜ୍ୟକୁ ରାଜ୍ୟର ରାଜଗୁରୁ ହିମାଳୟରୁ ତପସ୍ୟା ସାରି ନିଜ କୁଟୀରକୁ ଫେରି ଆସିଥିବାର ଖବର ରାଜା ଜାଣିବାକୁ ପାଇଲେ । ସେ କାଳ ବିଳମ୍ବ ନ କରି ରାଜଗୁରୁଙ୍କ ନିକଟକୁ ଦୂତ ଦ୍ୱାରା ରାଜଉଆସକୁ ଆସିବାକୁ ନିମନ୍ତ୍ରଣ କଲେ । ରାଜଗୁରୁ ରାଜାଙ୍କ ନିମନ୍ତ୍ରଣ ରକ୍ଷା କରି ରାଜଉଆସରେ ପହଞ୍ଚିଗଲା ପରେ ରାଜା ତାଙ୍କୁ ନିଜର ସମସ୍ୟା ଜଣାଇଲେ ।

ରାଜାଙ୍କ ସମସ୍ୟାକୁ ଶୁଣି ରାଜଗୁରୁ ରାଜାଙ୍କୁ ରାଜବଗିଚାକୁ ସଙ୍ଗେ ସଙ୍ଗେ ନେଇଗଲେ ଓ ଗୋଲାପ ଫୁଲ ଗଛ କେଉଁଠି ଅଛି ବୋଲି ପ୍ରଶ୍ନ କଲେ । ବିଭିନ୍ନ ପ୍ରକାରର ରଙ୍ଗବେରଙ୍ଗୀ ଫୁଲଗଛରେ ଭର୍ତ୍ତି ରାଜବଗିଚାଟି ସାଧବ ବହୂଟେ ପରି ଦେଖା ଯାଉଥିଲା । ରାଜା ଚାରିଆଡେ ନଜର ବୁଲାଇ ଆଣି ଗୋଲାପ ଗଛ ଲାଗିଥିବା ସ୍ଥାନକୁ ରାଜଗୁରୁଙ୍କୁ ନେଇଗଲେ । ଏହିପରି ଭାବରେ ରାଜଗୁରୁ ଗୋଟିଏ ଗୋଟିଏ କରି ଭିନ୍ନ ଭିନ୍ନ ଫୁଲ ଗଛର ନାମ ନେଇ ତାହା କେଉଁଠି ଅଛି ବୋଲି ପ୍ରଶ୍ନ କରୁଥିଲେ ଓ ରାଜା ସେହି ଗଛ ନିକଟକୁ ରାଜଗୁରୁଙ୍କୁ ନେଇଯାଉଥିଲେ ।

ଏହିପରି କିଛି ସମୟ ଗଲା ପରେ ରାଜା ରାଜଗୁରୁଙ୍କୁ ଏପରି କରିବାର କାରଣ ପଚାରିଲେ । ଉତ୍ତର ଦେବାକୁ ଯାଇ ରାଜଗୁରୁ କହିଲେ, ବଗିଚାରେ ଅନେକ ପ୍ରକାରର ଫୁଲ ଗଛ ଥିଲେ ମଧ ମୁଁ ଯେତେବେଳେ ତୁମକୁ ଏକ ନିର୍ଦ୍ଦିଷ୍ଟ ଫୁଲ ଗଛ କେଉଁଠି ଅଛି ବୋଲି କହୁଥିଲି, ତୁମେ ସେହି ଫୁଲ ଗଛକୁ ଖୋଜି ମୋତେ ସେଠାକୁ ନେଇଯାଉଥିଲ । ଏ ଦୁନିଆଟି ମଧ ଠିକ ସେମିତି । ଆମେ ଯାହା ଖୋଜିବା, ତାହା ହିଁ ପାଇବା । ତୁମ ନୀତି ଓ କାର୍ଯ୍ୟ ପାଇଁ ପ୍ରଜାମାନେ ଖୁବ୍ ଆନନ୍ଦରେ ଅଛନ୍ତି । ରାଜ୍ୟରେ ଧର୍ମ, ସତ୍ୟ, ନ୍ୟାୟର ଶାସନ ଚାଲିଅଛି । ତେଣୁ ତୁମ ଦ୍ୱାରା ହେଉଥିବା ଭଲ କାର୍ଯ୍ୟକୁ ସବୁବେଳେ ଗୁରୁତ୍ୱ ଦିଅ । ଜୀବନରେ ଘଟୁଥିବା ଛୋଟ ବଡ଼ ନକରାତ୍ମକ ଘଟଣାରେ ଚିନ୍ତିତ ନ ହୋଇ ରାଜକାର୍ଯ୍ୟ କରିଚାଲ ।'

ରାଜା ରାଜଗୁରୁଙ୍କ ପରାମର୍ଶ ଶୁଣି ଖୁସି ହେଲେ ଓ ଏଥିପାଇଁ ଧନ୍ୟବାଦ ଦେଲେ । ତାଙ୍କ ମୁଖମଣ୍ଡଳକୁ ବହୁଦିନ ଧରି ହଜିଯାଇଥିବା ପ୍ରସନ୍ନତା ପୁଣି ଲେଉଟି ଆସିଲା । ରାଜଗୁରୁଙ୍କ ପ୍ରସ୍ଥାନର ବ୍ୟବସ୍ଥା କରି ରାଜା ପୂର୍ବ ପରି ସାଧାରଣ ଜୀବନଯାପନ କଲେ ଓ ରାଜକାର୍ଯ୍ୟରେ ମନ ଦେଲେ ।

+କୋରୁଆ , ଅସୁରାଳି , ଭଦ୍ରକ
ମୋ: ୭୦୦୮୩୧୫୯୧୬

# ମିକିକୁ ଭଲ ଲାଗିଲା



ସୁବ୍ରତ ଦାସ



ପ୍ରତିଦିନ ମିକି ବିଳମ୍ବରେ ଉଠିବା ଅଭ୍ୟାସ ହୋଇଗଲାଣି ବୋଲି ବାପା ସେଦିନ ବିରକ୍ତ ହେଉଥାନ୍ତି । ରବିବାର ହେଲେ ବି ଘରେ ବହୁତ୍ କାମ କରିବାକୁ ପଡ଼ିବ ବୋଲି ମିକି ଛପିକି ଶୋଇଥାଏ । ସେଦିନ ଘର ସଫା ହେବ, ସୋଫା, ଆଲାମିରା, ଅଇନା, ଡ୍ରେସିଂ ଟେବୁଲ, ଜୋତା, ମୋଜା, ସ୍କୁଲ ବ୍ୟାଗ ଇତ୍ୟାଦି ପରିଷ୍କାର ହେବ । ତାପରେ ବ୍ୟବହାର ସାମଗ୍ରୀ, ପୋଷାକ ପତ୍ର, ସ୍କୁଲ ୟୁନିଫର୍ମ, ସବୁ ସଫା ସୁତୁରା ହେବ ବୋଲି ବାପା ପୂର୍ବଦିନ ସନ୍ଧ୍ୟାରେ ମା 'ଙ୍କୁ କହିଥିଲେ । ଏସବୁ କଥା ମିକି ଟିଭି ଦେଖିଲା ବେଳେ ସବୁ ଶୁଣୁଥାଏ । ଅପରାହ୍ନ ସମୟରେ ଘର ବାଡିରେ ସୁନ୍ଦର ଫୁଲ ଗଛ ଲଗାଯିବ, ଅନାବନା ଗଛ ଉପୁଡ଼ା ଯାଇ ପନିପରିବା ଚାଷ ହେବ । ଲଗାଯାଇଥିବା ଚାରା ମାନଙ୍କରେ ପାଣି ସ୍ପ୍ରେ କରାଯିବ । ମିକି ମନେମନେ ଭାବୁଥାଏ, ସାନ ଭାଇ ମିକୁ ନାହିଁ ମାନେ ସବୁତକ କାମ ତାକୁ ଏକୁଟିଆ କରିବାକୁ ହେବ । ତେଣୁ କିଛି ବାହାନା ଦେଖାଇ ସେ ସାଙ୍ଗ ମାନଙ୍କ ସହ ଖେଳିବାକୁ ବାହାରି ଯିବ । ବର୍ତ୍ତମାନ ମିକିକୁ ଏଗାର ବର୍ଷ ଚାଲିଲା । ସେ ଷଷ୍ଠ ଶ୍ରେଣୀରେ ପଢୁଛି । ତା ପାଇଁ ବାପା ଖଣ୍ଡିଏ ନୂଆ ସାଇକେଲ କିଣି ଦେଇଛନ୍ତି । ସେ ସାଙ୍ଗମାନଙ୍କ ସହ ସାଇକେଲ ଚଳାଇ ସ୍କୁଲକୁ ଯାଏ ଓ ସ୍କୁଲ ସାରି ସନ୍ଧ୍ୟାରେ ଘରକୁ ଫେରେ । ସପ୍ତାହରେ ଗୋଟିଏ ଦିନ ବାପାଙ୍କ ସହ ଖୁବ୍ ବିତାଏ । ବାପା ସାଥିରେ ତାଙ୍କୁ ନେଇ ବଗିଚାର ଯତ୍ନ ନେବା, ବିଭିନ୍ନ ବୃକ୍ଷ ଲତାମାନଙ୍କୁ ଚିହ୍ନାଇ ଦେବା ଓ ତାଙ୍କର ଔଷଧୀୟ ଗୁଣ ବିଷୟରେ ବୁଝାଇ ଦିଅନ୍ତି । ମିକି ମନେ ମନେ ଭାବେ ଏହି ଛୋଟ ଛୋଟ ଗଛ ମାନଙ୍କରେ ଏତେ ଗୁଣ ଭରପୁର ଅଛି । ସେହିଭଳି ପ୍ରତ୍ୟେକ ବ୍ୟକ୍ତିର ମଧ୍ୟ ବିଭିନ୍ନ ଗୁଣ ଭରପୁର ଅଛି, ଯଦି ସେଗୁଡିକୁ ସଠିକ୍ ସମୟରେ ବିନିଯୋଗ କରିବା, ତେବେ ତାର ଗୁଣ ବିକଶିତ ହେବ । ମିକି ମନେମନେ ବୁଝି ପାରିଲା ଓ ତାକୁ ଭଲ ଲାଗିଲା ।

+ରାଜେନ୍ଦ୍ରପୁର, ବାରିକପୁର
ବଜାର,ଭଦ୍ରକ
ମୋ:୯୪୩୭୭୩୧୯୦୩

କବିତା

ତୁମ ପାଇଁ

## କାଉ, କୋଇଲି ଓ କଜଳପାତି

### ଶରତ କୁମାର ଦାସ

ଏପଟରେ କାଉ ସେପଟେ କୋଇଲି
ଚାହୁଁଥିଲେ ଛାତି ଫୁଲେଇ,
କେହି କାହାରିକୁ ଊଣା ତ ନଥିଲେ
ଚାଲୁଥିଲେ ଗୋଡ ବୁଲେଇ ।

ଧାଇଁଗଲା କାଉ କୋଇଲି ପାଖକୁ
କହିଲା- 'ଦେଖେଇ ହଅନା ,
କାମ କିଛି ନାହିଁ, କଥା କହୁ ବଡ
ଦେଖିବୁ ଦିନେ ତୁ, ରହନା ।

ଜଗତର ହିତ କରେ ପରା ମୁହିଁ
ପରିବେଶ ସଫା କରିକି,
ସଭିଙ୍କ ପାଖରୁ ପାଏ ମୁଁ ଆଦର
ରୋଗ-କଷଣକୁ ହରିକି ।'

ମୁହଁକୁ ଛିଂଚାଡି କହିଲା କୋଇଲି
'ଏତେ ତୋ ଗରବ କାହିଁକି,
ଝାଡୁବାଲି ତତେ କହନ୍ତି ସରବେ
ତୋ ମୁହଁକୁ ଲାଜ ନାହିଁକି ?

ବସନ୍ତ ବାରତା ଦିଏ ମୁଁ ଧରାରେ
ମିଠାମିଠା ଗୀତ ଗାଇକି,
ସବୁରି ମନକୁ କିଣେ ମୁଁ ହରଷେ
ସେନେହ ଶରଧା ପାଇକି ।'

କଜଳପାତିଟି ଶୁଣୁଥିଲା ସବୁ
କିଛି ଦୂରେ ଏକା ବସିକି,
ଭାବିଲା ଘଡିଏ ନିରୋଳାରେ ରହି
ମୁରୁକି ମୁରୁକି ହସିକି ।

ଦୁହିଁଙ୍କୁ ଡାକିକି କହିଲା ବୁଝାଇ
କଳିଗୋଳ କାହିଁ କରୁଛ,
ଅକାରଣେ ଯାହା ସାରୁଛ ସମୟ
ଜଣେ ଆନ ଦୋଷ ଧରୁଛ ।

ଆମେ ପରା ସବୁ ଗୋଟିଏ ଜାତିର
ଛୋଟ-ବଡ ନୁହେଁ କେହିରେ,
ସବୁରି ଉପରେ ଅଛନ୍ତି ବିଧାତା
ସବୁଠାରୁ ବଡ ସେହିରେ ।

ଯାହାକୁ ଯେମନ୍ତେ ଗଢ଼ିଛନ୍ତି ବିହି
ତହୁଁ କି ଅନ୍ୟଥା ହୋଇବ,
ମିଳିମିଶି ସଦା ଚଳିଲେ ଏକାଠି
ମମତାର ସୁଅ ବୋହିବ ।

କଜଳପାତିର କଥାକୁ ସରାଗେ
କାଉ କୋଇଲି ତ ଶୁଣିଲେ,
କରିବେନି କଳି, କରିଲେ ଶପଥ
ପୀରତିର ମଂଜି ବୁଣିଲେ ।

+ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

## ଯିବା ଆମେ ବିଦ୍ୟାଳୟ

### ସୁନୀଲ କୁମାର ପ୍ରଧାନ

କୁନାକୁନି ଦୁହେଁ ହୋଇଲେ କଥା
ଯିବାରେ ପାଠପଢି
ପାଠ ପଢି ଭଲ ମଣିଷ ହେବା
ଆକାଶେ ଯିବା ଉଡ଼ି ।
ବିଦ୍ୟାଳୟେ ସଦା ପ୍ରାର୍ଥନା କରିବା
ଡାକିବା ଭଗବାନଙ୍କୁ
ଦୟାକର ପ୍ରଭୁ ବିଦ୍ୟାବୁଦ୍ଧି ଦିଅ
ଯୋଡୁଛୁ ଆମେ କରକୁ ।
ଶାନ୍ତ ମନେ ଯାଇ ଶ୍ରେଣୀରେ ବସିବା
ଥିର ହୋଇ ପଢୁଥିବା
ଶିକ୍ଷକ ଯାହା ସବୁ ପଢ଼ାଉଥିବେ
ସେ ସବୁ ଆମେ ଶୁଣିବା ।
ଦୁଷ୍ଟାମି କେବେବି କରିବା ନାହିଁରେ
ଘୃଣା ହେବେ ଗୁରୁଜନ
ଭଲପାତ୍ର ହେବା ସଭିଙ୍କୁ ମାନିବା
ଖୁସି ହେବେ ଭଗବାନ ।
ଗୁରୁଜୀ ଗୁରୁମା କଥାକୁ ମାନିବା
ନ ଦେବା ତାଙ୍କୁ ଜବାବ
ମୁଣ୍ଡ ନଇଁ ସବୁ ସହି ଯିବା ଭାଇ
କହିବା ମନର ଭାବ ।
ବିଦ୍ୟାଳୟେ ଆମେ ଗଛ ଲଗାଇବା
ସବୁଜ ସୁନ୍ଦର ପାଇଁ
ସେ ଗଛ ଆମକୁ ଅମ୍ଳଜାନ ଦିଏ
ଅଙ୍ଗାରକାମ୍ଳ ଯେ ଖାଇ ।
କୁନାକୁନି ଏବେ ମନ ହରସରେ
ବିଦ୍ୟାଳୟ ଗଲେ ଧାଇଁ
ଗୁରୁଙ୍କୁ ଦେଖିଣ ପ୍ରଣାମ ହୋଇଲେ
ଆନନ୍ଦ ହୋଇବେ ସାଇଁ ।

+ଝାଟିପଦର, ପାଲୁର, ଗଞ୍ଜାମ
ମୋ - ୭୬୦୯୯୩୪୩୬୬

## କୁକୁର ବିରାଡି କଳି

### ଆଦ୍ୟାଶା ମହାପାତ୍ର





ବିରାଡ଼ି କୁକୁର କଥା କଥାରେ
ଲାଗିଲେ ଦିନେ କଳି
କେହି କାହାକୁ ଛାଡିଲେ ନାହିଁ
ଦୁହେଁ ଦୁହିଁଙ୍କୁ ବଳି ।

କୁକୁର କହେ ମୁଁ ବଡ ବିଶ୍ୱାସୀ
ଜଗେ ମାଲିକ ଘର
ଦୁଆର ମୁହେଁ ବନ୍ଧା ହୋଇଲେ
ପଶି ପାରେନା ଚୋର ।

ବିଲେଇ ନାନୀ ନିଶ ଫୁଲେଇ
କଥାରେ ଦେଲା ବାଧା
ମୁଁ ପରା ଥାଏ ଘର ଭିତରେ
ପାଏ ଆଦର ଶ୍ରଦ୍ଧା ।

ବିଶ୍ୱାସ ତୋତେ ନାହିଁ ବୋଲିତ
ମାଲିକ ରଖେ ବାନ୍ଧି
କେବେ ଆଘାତ ଦେଇ ତୁ ପାରୁ
ଦେଖାଇ ମନ୍ଦ ବୁଦ୍ଧି ।

ପାରୁନୁ ଜାଣି ତୁ ଅଲକ୍ଷଣୀ
ଚୁପ ଟିକିଏ ରହ
ଯାତ୍ରା କାଳରେ ଅଶୁଭ ହୁଏ
ଚାହିଁଲେ ତୋର ମୁହଁ ।

ଜାଣୁ ତୁ କିବା ପୋଲିସ କେବେ
ଖୋଜଇ ସେବା ମୋର
ବିଲେଇ କହେ ମୁଁ ଥିଲେ ଘରେ
ମୂଷିକ ଥରହର ।

ଅନ୍ଧ ଲୋକଙ୍କୁ ଭରସା ମୁଁ ଯେ
କଢାଇ ନିଏ ବାଟ
ଚୋରି କରି ତୁ ଖାଉ ଚୋରଣୀ
ବସେ ପିଠିରେ ଛାଟ ।

ଦୁଷ୍ଟ ହୋଇ ତୁ ମାଡ ବି ଖାଉ
କୁକୁର ଭାଇ ମୋର
ଖରାପ ବୁଦ୍ଧି ଛାଡିବା ଆମେ
ନଥିବ ମାଡ ଡର ।

+ନୂଆପଡା, କଟକ

# ଫେବୃୟାରୀ ୧୨ରୁ ୧୪ କ୍ୟାପିଟାଲ ହାଇସ୍କୁଲ ଓ ୟୁନିଟ୍-୩ରେ ଇସ୍ରୋ ମହାକାଶ ବିଜ୍ଞାନ ପ୍ରଦର୍ଶନୀ

ଭୁବନେଶ୍ୱର , ୧୦/୦୨ (ନି.ପ୍ର): ଭାରତୀୟ ମହାକାଶ ଗବେଷଣା ସଂସ୍ଥା(ଇସ୍ରୋ), ମହାକାଶ ପ୍ରୟୋଗ କେନ୍ଦ୍ର, ବିକ୍ରମ ସରାଭାଇ ମହାକାଶ ପ୍ରଦର୍ଶନୀ ଦ୍ୱାରା 'ସ୍ପେସ ଅନ ହୁଇଲ' ପ୍ରଦର୍ଶନୀ ଫେବୃୟାରୀ ୧୨ରୁ ୧୪ତାରିଖ ୩ଦିନ ଧରି କ୍ୟାପିଟାଲ ହାଇସ୍କୁଲ, ୟୁନିଟ-୩ , ଭୁବନେଶ୍ୱର ଠାରେ ଆୟୋଜିତ ହେବ କ୍ଷ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ବିଜ୍ଞାନ ଓ ବୈଷୟିକ ବିଦ୍ୟା ବିଭାଗର ମିଳିତ ସହଯୋଗରେ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରଦର୍ଶନୀ ଆୟୋଜନ ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି ବୈଠକ ରାଜ୍ୟ ବିଜ୍ଞାନ ଓ ବୈଷୟିକ ବିଦ୍ୟା, ସାମାଜିକ ନିରାପତ୍ତା ଓ ଭିନ୍ନକ୍ଷମ ସଶକ୍ତିକରଣ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ସ୍ଥିତ ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହ (ସ୍ୱତନ୍ତ୍ର ସର୍କିଟ ହାଉସ ) ଠାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଖୋର୍ଦ୍ଧା ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ସମେତ ଅନ୍ୟ ଜିଲ୍ଲାସ୍ତରୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ । ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ମହାକାଶ ଓ ମହାକାଶ ବିଜ୍ଞାନ ସମ୍ପର୍କିତ ସୂଚନା ପ୍ରଦାନ ଓ ଜ୍ଞାନ ଆହରଣ କରାଇବା, ୫୦ବର୍ଷ ଧରି ଭାରତୀୟ ମହାକାଶ ବିଜ୍ଞାନର ସଫଳତାକୁ ଲୋକଲୋଚନକୁ ଆଣିବା ଏହି ପ୍ରଦର୍ଶନୀର ମୁଖ୍ୟ ଉଦ୍ଦେଶ୍ୟ । ମହାକାଶ ଗବେଷଣାର ଇତିହାସ, ମହାକାଶକୁ ଯାତ୍ରା, ଉପଗ୍ରହକୁ ଅବସ୍ଥାପିତ କରୁଥିବା ଯାନ, ପାରସ୍ପରିକ ଆଲୋଚନା, ମଡେଲ ଏବଂ ବିଶେଷଜ୍ଞଙ୍କ ସହିତ ଆଲୋଚନା, ବିଷୟଭିତ୍ତିକ ଆଲୋଚନା, ଭିଡିଓ ଚିତ୍ର ଆଦି ଏହି ପ୍ରଦର୍ଶନୀ ଦିନମାନଙ୍କରେ ପ୍ରଦର୍ଶିତ ହେବ । ଏଥିପାଇଁ ଇସ୍ରୋ-ସାକ - ଭିଏସଏସସି ତରଫରୁ ୧୧ ଜଣିଆ ପ୍ରତିନିଧି ଦଳ ୧୦ଫେବୃଆରୀ ସୁଦ୍ଧା ଭୁବନେଶ୍ୱରରେ ପହଂଚି ପ୍ରସ୍ତୁତି କାର୍ଯ୍ୟ ତଦାରଖ କରିବେ । ପ୍ରଦର୍ଶନୀକୁ ପ୍ରତିଦିନପ୍ରାୟ ୧୪୦୦ଛାତ୍ର ଛାତ୍ରୀ ବିଭିନ୍ନ ପର୍ଯ୍ୟାୟରେ ବୁଲି ଦେଖିବା ସହ ସମ୍ପର୍କିତ ଉପରୋକ୍ତ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବେ । ଉଭୟ ସରକାରୀ ଓ ବେସରକାରୀ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ପାଇଁ ଏହି ସୁଯୋଗ ରହିବ । ପ୍ରଦର୍ଶନୀ ୧୨ ଓ ୧୩ ତାରିଖରେ ପ୍ରତ୍ୟହ ସକାଳ ୯ରୁ ଅପରାହ୍ଣ ୫ଟା ଓ ୧୪ତାରିଖରେ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଖୋଲା ରହିବ । ଏହି ପ୍ରଦର୍ଶନୀକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ତରଫରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯିବ । ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଆଂଚଳିକ ପରିବହନ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ସରକାରୀ ବିଦ୍ୟାଳୟରୁ ଛାତ୍ରଛାତ୍ରୀମାନେ ପ୍ରଦର୍ଶନୀ ଦେଖିବା ପାଇଁ ଯାତାୟାତ ବ୍ୟବସ୍ଥା କରାଯିବା ସହ ସମ୍ପର୍କିତ ବିଭିନ୍ନ ବିଭାଗ ତରଫରୁ ଅନୁଷଙ୍ଗିକ ବ୍ୟବସ୍ଥା ପାଇଁ ବୈଠକରେ ମନ୍ତ୍ରୀ ଶ୍ରୀ ପଣ୍ଡା ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ । ବିଶେଷ କରି ସ୍ୱେଚ୍ଛାସେବୀ ମୁତୟନ, ଟାଫିକ ପରିଚାଳନା, ବେରିକେଡିଙ୍ଗ ବ୍ୟବସ୍ଥା, ପାନୀୟଜଳ ଓ ପରିମଳ ବ୍ୟବସ୍ଥା ସଂପର୍କରେ ଆଲୋଚନା କରାଯାଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ, ଭୁବନେଶ୍ୱର ଶ୍ରୀ ପ୍ରଫୁଲ୍ଲ କୁମାର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ, ଖୋର୍ଦ୍ଧା ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ, ଜିଲ୍ଲା ପରିଷଦ ଶ୍ରୀ ଦିଗନ୍ତ କୁମାର ରାଉତରାୟ, ଭୁବନେଶ୍ୱର ମହାନଗର ନିଗମ ଡେପୁଟୀ କମିଶନର ଶ୍ରୀ ଶୁଭେନ୍ଦୁ କୁମାର ସାହୁ, ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ବିଶ୍ୱନାଥ ତରାଇ, ବରିଷ୍ଠ ବୈଜ୍ଞାନିକ ଶ୍ରୀ ଏଲ୍.ଏନ୍. ପାଢୀ, କ୍ୟାପିଟାଲ ହାଇ ସ୍କୁଲ –ୟୁନିଟ-୩ ର ପ୍ରଧାନ ଶିକ୍ଷକ ଶ୍ରୀ ଜିତେନ୍ଦ୍ର ନାୟକଙ୍କ ସମେତ ସଂପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଯୌନ ଅପରାଧରୁ ଶିଶୁଙ୍କ ସୁରକ୍ଷା ଆଇନ୍ ସଚେତନତା ଶିବିର

ଜୟପୁର, ୧୦/୦୨ (ନି.ପ୍ର): ଜିଲ୍ଲା ଆଇନ୍ ସେବାପ୍ରାଧିକରଣ ଜୟପୁର ଆନୁକୂଲ୍ୟରେ ଆଜି ଟାଙ୍କୁଆ ଗ୍ରାମପଂଚାୟତ ର କୁସୁମପୁଟ ଗ୍ରାମରେ ଏକ ଆଇନସଚେତନତା ଶିବିର ଆୟୋଜନ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ତଥା ସ୍ଥାୟୀ ନିରନ୍ତର ଲୋକଅଦାଲତ ବିଚାରପତି ଶ୍ରୀ ସୁମନ ଜେନା ଯୋଗଦେଇଥିଲେ ଅନ୍ୟମାନଙ୍କ ମଧ୍ୟରେ ପ୍ୟାନେଲ୍ ଲୟର କେ.ଦିବାକର ରାଓ, ଜେ.ସତ୍ୟନାରାୟଣ ଆଚାରୀ ଏବଂ ଟାଙ୍କୁଆ ଗ୍ରାମପଂଚାୟତର ସରପଂଚ ରୁକ୍ମଣୀ ଗାଦବା କୁସୁମପୁଟ ଗ୍ରାମର ଓ୍ୱାର୍ଡମେମ୍ବର ଯୋଗ ଦେଇଥିଲେ । ଏହି ଶିବିରକୁ ଆୟୋଜନ କରିବାର ଦାୟିତ୍ୱ ନେଇଥିଲେ ପାରାଲିଗାଲ ସ୍ୱେଚ୍ଛାସେବୀ ରାଜପୁଲକ୍ ମହାନ୍ତି । ମଂଚାସିନ ଅତିଥିମାନେ କହିଥିଲେ ଯେ ଭାରତୀୟ ସମ୍ବିଧାନରେ ପ୍ରଦତ୍ତ ମୌଳିକ ଅଧିକାର ଧାରା ୧୫(୩) ଅନୁଯାୟୀ ସ୍ୱତନ୍ତ୍ର ଆଇନ୍ ପ୍ରଣୟନର ନିର୍ଦ୍ଦେଶ ରହିଛି । ଶିଶୁମାନେ ହେଉଛନ୍ତି ଦେଶ ଭବିଷ୍ୟତ ସେମାନଙ୍କ ସୁରକ୍ଷ୍ୟା ଓ ଯତ୍ନ ପ୍ରତ୍ୟେକ ଦେଶର, ପ୍ରତ୍ୟେକ ଲୋକଙ୍କ କର୍ତବ୍ୟ । ଶିଶୁମାନଙ୍କ ସୁରକ୍ଷା ଅଧିକାରକୁ ଶୁରକ୍ଷ୍ୟା ଦେବାପାଇଁ ୨୦୧୨ ମସିହାରେ ଭାରତ ସରକାର ପୋକ୍ସ ଆକ୍ଟ ପ୍ରଣୟନ କରିଥିଲେ । ଯେ ହେତୁ ଶିଶୁମାନେ ହେଉଛନ୍ତି ସବୁଜସମାଜର ସୁସ୍ଥସମାଜ । କିନ୍ତୁ ସମ୍ବେଦନଶୀଳ ବ୍ୟକ୍ତି ଶିଶୁମାନଙ୍କର ନିରିହତାର ସୁଯୋଗ ନେଇ ସେମାନଙ୍କ ବିରୁଦ୍ଧରେ ଯୌନ ଶୋଷଣ କରାଯାଉଛି । ଶିଶୁମାନଙ୍କ ବିରୋଦ୍ଧରେ ହେଉଥିବା ଅପରାଧର ତୂରିତ୍ୱ ବିଚାରକରି ସେମାନଙ୍କୁ ନ୍ୟାୟପ୍ରଦାନ କରିବା ହେଉଛି ଆଇନ୍ର ମୂଳଲକ୍ଷ୍ୟ । ଏହି ଅପରାଧ ଭିଆଇଥିବା ଅପରାଧିଙ୍କୁ କଠିନ ଦଣ୍ଡରେ ଦଣ୍ଡିତ କରାଯାଇଥାଏ ଏବଂ କଠୋରରୁ ଅତି କଠୋର ର ଦଣ୍ଡ ବ୍ୟବସ୍ଥା ରହିଅଛି ଏବଂ ପିଡ଼ିତାଙ୍କୁ ସରକାର ତରଫରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥାଏ ।

# ଜୁନିୟର ରେଡକ୍ରସ ପରାମର୍ଶଦାତା ଶିବିରର ଦ୍ୱିତୀୟ ଦିନ କାର୍ଯ୍ୟକ୍ରମ

ବଲାଙ୍ଗୀର, ୧୦/୦୨ (ନି.ପ୍ର): ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ରାଜ୍ୟସ୍ତରୀୟ ଜୁନିୟର ରେଡକ୍ରସ ପରାମର୍ଶଦାତାମାନଙ୍କର ଜିଲ୍ଲା ଶିକ୍ଷା ଅଧିକାରୀ ଧୃବଚରଣ ବେହେରାଙ୍କର ପ୍ରତ୍ୟେକ୍ଷ ତତ୍ୱାବଧାନ ରେ ଦ୍ୱିତୀୟ ଦିନ ର କାର୍ଯ୍ୟକ୍ରମର ସମାପନ ହୋଇଯାଇଛି । ପ୍ରଧାନ ଶିକ୍ଷକ ଦିଲିପ ଯୋଷୀଙ୍କର ସଭାପତିତ୍ୱ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପୁଇଁନ୍ତଲା ବ୍ଲକ ଅଧ୍ୟକ୍ଷ ସରୋଜ କୁମାର ପ୍ରଧାନ ମୁଖ୍ୟ ବକ୍ତା ଭାବରେ ପୂର୍ବତନ ରାଜ୍ୟ ଜୁନିୟର ରେଡକ୍ରସ ଅଫିସର, ଓଡିଶା ଧରମସିଂ ମିଶ୍ର, ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ସରପଂଚ ସାଲିନି ସେଠ, ବ୍ଲକ ଉପାଧ୍ୟକ୍ଷା ନୋମିନି ସୁଧୀର ଅମାତ, ପର୍ଯ୍ୟବେକ୍ଷକ ଦିଗାମ୍ବର ନାଏକ, ନିଳମଣି ପଟେଲ, ଜୁନିୟର ରେଡକ୍ରସ ଅଫିସର ସୁବାଷ ପଟେଲ, ସଂପାଦକ ଅନ୍ତର୍ଯ୍ୟାମି ବିଶ୍ୱାଲ ଯୋଗ ଦେଇଥିଲେ । ସକାଳୁ ପ୍ରଭାତଫେରି ପ୍ରାର୍ଥନା, ଯୋଗାଭ୍ୟାସ ଓ ସଫେଇ କାର୍ଯ୍ୟକ୍ରମ ହୋଇଥିଲା । ଆଟଗାଁ ବିଦ୍ୟାଳୟର ଶିକ୍ଷୟତ୍ରୀ ଜ୍ୟୋସ୍ନା ଭୋଇ, ସାଧନକର୍ମୀ ଘନଶ୍ୟାମ ମେହେର ଓ ରବିନ୍ଦ୍ର ଠେଟୁଆଲ ଦାୟିତ୍ୱର ସହିତ କାର୍ଯ୍ୟ ତୁଲାଇଥିଲେ । ପ୍ରଥମ ପର୍ଯ୍ୟାୟରେ ପ୍ରାଥମିକ ଚିକିତ୍ସା ବିଷୟରେ ଫାଷ୍ଟ ଏଡର ରାମ ନାରାୟଣ ଦାଶ ଓ ଅରବିନ୍ଦ କୁମ୍ଭାର, ରକ୍ଷକ ବିଷୟରେ ରାଜ୍ୟ ମାଷ୍ଟର ଟ୍ରେନର ରଶ୍ମିରାଣୀ ଦାଶ ଓ ପ୍ରଭାକର ଛନ୍ଦ ଶିକ୍ଷଣ କାର୍ଯ୍ୟ ତୁଲାଇଥିଲେ । ଦ୍ୱିତୀୟ ଅଧିବେଶନରେ ରକ୍ତଦାନ ମହାପୂଣ୍ୟ ଉପରେ ଭୀମ ଭୋଇ ମେଡିକାଲ କଲେଜ ଓ ହସପିଟାଲର ବ୍ଲଡ ବ୍ୟାଙ୍କ କର୍ମଚାରୀ ସେକ୍ ଅବଦୁଲ ଅସରଫ୍ ବିଷୟରେ ଶିକ୍ଷାଦାନ କରାଇଥିଲେ । ପର୍ଯ୍ୟବେକ୍ଷକ ଦିଗାମ୍ବର ନାଏକ ପତାକା ଉତୋଳନ କରିଥିବା ବେଳେ ପର୍ଯ୍ୟବେକ୍ଷକ ନିଳମଣି ପଟେଲ ଧ୍ୱଜା ଅବତରଣ କରିଥିଲେ । ମାନସ ଦୋରା, ବନବାସ ବାଗ, ପୁନମ କାଲକୋ, ଝୁନିତା ଭୋଇ, ମମତା ମହାଧିକ, ଦୟାସାଗର ଛୁରା,ଚୈତନ୍ୟ ମହାନନ୍ଦ, ଭକ୍ତଚରଣ ସେଠ, ବିଶ୍ୱଜିତ ପଟେଲ, ପ୍ରଶାନନ୍ଦ ବାଗ, ସୁଦର୍ଶନ ନାଏକ, ମଦନ କୁମାର ସୋଏ ପ୍ରମୁଖ ଶିବିରରେ ତାଲିମ ଗ୍ରହଣ କରୁଛନ୍ତି ।

# ଯୁଗ୍ମ ପ୍ରବେଶିକା ପରୀକ୍ଷାରେ ଆଦର୍ଶ ବିଦ୍ୟାଳୟର ସଫଳତା

ଭୁବନେଶ୍ୱର, ୧୦/୦୨ (ନି.ପ୍ର): ଚଳିତ ବର୍ଷ ନ୍ୟାସନାଲ ଟେଷ୍ଟିଙ୍ଗ ଏଜେନ୍ସି ଦ୍ୱାରା ପରିଚାଳିତ ଯୁଗ୍ମ ପ୍ରବେଶିକ ପରୀକ୍ଷା (ଜେଇଇ ମୁଖ୍ୟ)ର ରେଜଲଫ ପ୍ରକାଶ ପାଇଛି । ଏହି ପରୀକ୍ଷାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଆଶାନୁରୂପ ସଫଳତା ହାସଲ କରିଛନ୍ତି । ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଏହି ସଫଳତାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଖୁସି ବ୍ୟକ୍ତକରିବା ସହିତ ଆଦର୍ଶ ବିଦ୍ୟାଳୟ ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀ ଏବଂ ପରିଚାଳକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗ୍ରାମାଞ୍ଚଳରେ ଗୁଣାତ୍ମକ ଶିକ୍ଷାର ବିକାଶ ତଥା ମେଧାବୀ ଛାତ୍ରଛାତ୍ରୀମାନଙ୍କ ଦକ୍ଷତାକୁ ଦ୍ୱିଗୁଣିତ କରିଛି ବୋଲି ଉଲ୍ଲେଖ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ଏହି ସଫଳତା ପାଇଁ ବିଭାଗୀୟ ମନ୍ତ୍ରୀ ଶ୍ରୀ ସମୀର ରଞ୍ଜନ ଦାଶ, ୫-'ଟି' ସଚିବ ଶ୍ରୀ ଭି କେ ପାଣ୍ଡିଆନ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଅଶ୍ୱଥି ଏସ ଅଭିନନ୍ଦନ ଜଣାଇଛନ୍ତି ।

ଏହି ପରୀକ୍ଷାରେ ୩୫ ଜଣ ଛାତ୍ରଛାତ୍ରୀ ୮୦ ପରସେଂଟାଇଲରୁ ଉଦ୍ଧ୍ୱର୍ ମାର୍କ ରଖି କୃତକାର୍ଯ୍ୟ ହୋଇଥିବାବେଳେ ୧୪ଜଣ ଛାତ୍ରଛାତ୍ରୀ ୯୦ ପରସେଂଟାଇଲରୁ ଉଦ୍ଧ୍ୱର୍ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି । ଗତବର୍ଷ ତୁଳନାରେ ଚଳିତବର୍ଷ ପରୀକ୍ଷାଫଳ ଖୁବ ଉତ୍ସାହଜନକ ବୋଲି ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ସଂଗ୍ରାମ କେଶରୀ ମହାପାତ୍ର ଜଣାଇଛନ୍ତି । ୨୦୨୨ରେ ୧୨ ଜଣ ଛାତ୍ରଛାତ୍ରୀ ୮୦ ପରସେଂଟାଇଲରୁ ଉର୍ଦ୍ଧ୍ ମାର୍କ ରଖି କୃତକାର୍ଯ୍ୟ ହୋଇଥିବାବେଳେ ୬ଜଣ ଛାତ୍ର-ଛାତ୍ରୀ ୯୦ ପରସେଂଟାଇଲରୁ ଉଦ୍ଧ୍ୱର୍ ମାର୍କ ରଖି କୃତକାର୍ଯ୍ୟ ହୋଇଥିଲେ ।

## ଏନସିଏସସିଡିଏ ପକ୍ଷରୁ ନିଯୁକ୍ତି ମେଳା ୧୪ରେ

ଭୁବନେଶ୍ୱର, ୧୦/୦୨ (ନି.ପ୍ର): ସମସ୍ତ ଯୁବକ ଏବଂ ଯୁବତୀମାନଙ୍କ ପାଇଁ ଜାତୀୟ ଆଜୀବିକା ସେବା କେନ୍ଦ୍ର (ଏନସିଏସସିଡିଏ) , ଭୁବନେଶ୍ୱର, ତରଫରୁ ଏକ ନିଯୁକ୍ତି ମେଳାର ଆୟୋଜନ କରାଯାଇଅଛି, ସେଥିରେ ଶ୍ରବଣ ଶକ୍ତି ରହିତ ଭିନ୍ନକ୍ଷମ ମାନେ ମଧ ଭାଗ ନେଇ ପାରିବେ । ଏହା ୧୪ ଫେବୃୟାରୀ ୨୦୨୩ ରେ ଏନସିଏସସିଡ଼ିଏ କ୍ୟାମ୍ପସ ପରିସରରେ ଅନୁଷ୍ଠିତ ହେବ । ସକାଳ ୯ଟା ରୁ ଦିନ ୨ଟା ପର୍ଯ୍ୟନ୍ତ ହେବାକୁ ଥିବା ଏହି ମେଳାରେ ୧୮ ବର୍ଷ ରୁ ୩୫ ବର୍ଷ ବୟସ ସୀମା ବିଶିଷ୍ଟ ଓ ୧୦ମ ତଳକୁ ଏବଂ ତାଠାରୁ ଉର୍ଦ୍ଧ୍ୱ ଶିକ୍ଷାଗତ ଯୋଗ୍ୟତା ବିଶିଷ୍ଟ ଶ୍ରବଣ ଶକ୍ତି ରହିତ ଭିନ୍ନକ୍ଷମ ମାନେ ଯୋଗ ଦେଇ ପାରିବେ ।

ଏହି ନିଯୁକ୍ତି ମେଳାରେ ବିଭିନ୍ନ କ୍ଷେତ୍ରରେ ଯଥା:- ଉତ୍ପାଦନ , ଗ୍ରାହକ କେୟାର ଏକ୍ଜିକ୍ୟୁଟିଭ୍, ସେଲ୍ସ ଆସୋସିଏଟ୍, ଟେଲି ମାର୍କେଟିଂ ପ୍ରାୟ ୩୫୦ରୁ ଅଧିକ ପଦବୀ ନିଯୁକ୍ତି ପାଇଁ ୫ରୁ ଅଧିକ କମ୍ପାନୀ / ସଂସ୍ଥା ଅଂଶଗ୍ରହଣ କରୁଛନ୍ତି । ଦଶମଠୁ କମ ଶିକ୍ଷାଗତ , ଦଶମ ପାସ ଏବଂ ଦଶମଠାରୁ ଅଧିକ ଶିକ୍ଷାଗତ ଥିଲେ ଭାଗ ନେଇ ପାରିବେ । ତେଣୁ, ସମସ୍ତ ଚାକିରି ଆଶାୟୀ ପାର୍ଥୀ ନିଜର ଶିକ୍ଷାଗତ ପ୍ରମାଣପତ୍ରର ନକଲ , ଆଧାର କାର୍ଡ, ପାସପୋର୍ଟ ସାଇଜ୍ ଫଟୋଗ୍ରାଫ୍, ଭିନ୍ନକ୍ଷମ ପ୍ରମାଣପତ୍ର(ଯେଉଁ ମାନେ ଭିନ୍ନକ୍ଷମ) ଏବଂ ବାୟୋ ଡାଟା ଇତ୍ୟାଦି ଡକ୍ୟୁମେଣ୍ଟ ସହିତ ଚାକିରି ମେଳାରେ ଯୋଗଦେବାକୁ ଅନୁରୋଧ କରାଯାଇଛି । ଅଧିକ ସୂଚନା ପାଇଁ ୦୬୭୪୨୩୫୨୩୧୭ରେ ସମ୍ପର୍କ କରିପାରିବେ ବୋଲି କାର୍ଯ୍ୟାଳୟ ମୁଖ୍ୟ ସୋନାଲିକା ସୁମନ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି ।

# ଝାରସୁଗୁଡ଼ାରେ କୃଷି ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କ ବିଭାଗୀୟ କାର୍ଯ୍ୟକ୍ରମର ସମୀକ୍ଷା

ଭୁବନେଶ୍ୱର , ୧୦/୦୨ (ନି.ପ୍ର): କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆଜି ଝାରସୁଗୁଡ଼ା ଗସ୍ତ ସମୟରେ ବିଭାଗର ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନର ସମୀକ୍ଷା କରିଛନ୍ତି । ସ୍ଥାନୀୟ ସର୍କିଟ ହାଉସ୍ ଠାରେ ଆୟୋଜିତ ବୈଠକରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କୃଷି ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ପ୍ରକଳ୍ପ, ଫାର୍ମପଣ୍ଡ ଯୋଜନା, ସୌର ଜଳନିଧି, ମିଲେଟ୍ ମିଶନ, କୃଷି ଯାନ୍ତ୍ରିକୀକରଣ, କୃଷି ସାମଗ୍ରୀ ଯୋଗାଣର ସ୍ଥିତି, 'ଘରଦୁଆରେ ପୁଷ୍ଟି' ଆଦି ଯୋଜନାର ଅଗ୍ରଗତି ସଂପର୍କରେ ସମୀକ୍ଷା କରିବା ସହିତ ଗୋ-ସୁଗମ ପୋର୍ଟାଲର କାର୍ଯ୍ୟକାରିତା ସଂପର୍କରେ ପଚାରି ବୁଝିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ବିଭିନ୍ନ ଯୋଜନାର ଧାର୍ଯ୍ୟ ଲକ୍ଷ୍ୟ ପୂରଣ ଓ ବଜେଟ ବ୍ୟୟବରାଦି ଅର୍ଥକୁ ପୂର୍ଣ୍ଣ ବିନିଯୋଗ କରିବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ମନ୍ତ୍ରୀ ଶ୍ରୀ ସ୍ୱାଇଁ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗ ପକ୍ଷରୁ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଯୋଜନାର ଅଗ୍ରଗତି ସଂପର୍କରେ ସମୀକ୍ଷା କରିଥିଲେ । ବୈଠକରେ ବାରି ଅଗଣା କୁକୁଡ଼ା ଚାଷ ସମେତ ବିଭିନ୍ନ ଅଣ୍ଡାଦିଆ ଏବଂ ବ୍ରଏଲର କୁକୁଡ଼ା ଚାଷ, ମତ୍ସ୍ୟ ପୋଖରୀ ଯୋଜନା ଓ ବ୍ଲାୟୋଫ୍ଲକ୍ ପଦ୍ଧତିରେ ମାଛଚାଷ ସଂପର୍କରେ ସମୀକ୍ଷା କରିଥିଲେ । ବୈଠକରେ ଝାରସୁଗୁଡ଼ା ଜିଲ୍ଲାର ସିଡିଭିଓ ଡ. ପବିତ୍ର କୁମାର ପରିଜା, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଶ୍ରୀ ମନୋରଞ୍ଜନ ନନ୍ଦ, ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ପ୍ରସନ୍ନ ଦାଶ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଶ୍ରୀ କୁଟିଳ ଚନ୍ଦ୍ର ଦାସ, କୃଷି ବିଭାଗର ସ୍କିମ୍ ଅଫିସର ଶ୍ରୀ ଡି.ଏସ୍. ବରିହା, ଆପିକଲର ଡିଷ୍ଟ୍ରିକଫ ମ୍ୟାନେଜର ଶ୍ରୀ ଗିରିଶଙ୍କର ବେହେରାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

# ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ଦ୍ୱାରା ଅନୁଗୁଳ-ଝାରସୁଗୁଡା ରୋଡ୍-ସମ୍ବଲପୁର ରେଳ ସେକ୍ସନ ନୀରିକ୍ଷଣ

ଭୁବନେଶ୍ୱର , ୧୦/୦୨ (ନି.ପ୍ର): ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ମନୋଜ ଶର୍ମା ସମ୍ବଲପୁର ଅଞ୍ଚଳ ସହିତ ଅନୁଗୁଳ ଓ ଝାରସୁଗୁଡା ରେଳ ସେକ୍ସନ ଅନ୍ତର୍ଗତ ଜରପଡା ଷ୍ଟେସନ ଠାରୁ ଝାରସୁଗୁଡା ରୋଡ୍ ଷ୍ଟେସନ ମଧ୍ୟରେ ରେଳ ମାର୍ଗ ସହିତ ଅନ୍ୟାନ ଭିତ୍ତିଭୂମି ନିରୀକ୍ଷଣ କରିବା ସହ ସମ୍ବଲପୁରରେ ରେଳ ଅଧିକାରୀଙ୍କ ସହ ଏହି ଅଞ୍ଚଳରେ ଚାଲିଥିବା ବିଭିନ୍ନ ରେଳ ପ୍ରକଳ୍ପ ଏବଂ ଭିତ୍ତିଭୂମି କାର୍ଯ୍ୟର ସମୀକ୍ଷା କରିଛନ୍ତି । ଶ୍ରୀ ଶର୍ମା ୱିଣ୍ଡୋ ଟ୍ରେଲିଂ ସହିତ ଜରପଡା ଠାରୁ ଝାରସୁଗୁଡା ରୋଡ୍ ମଧ୍ୟରେ ଥିବା ଦୋହରୀକରଣ କାର୍ଯ୍ୟକୁ ନିରୀକ୍ଷଣ କରି ଏହି ମାର୍ଗରେ ଥିବା ଷ୍ଟେସନ ମାନଙ୍କରେ ଉପଲବ୍ଧ ବିଭିନ୍ନ ଯାତ୍ରୀ ସୁବିଧା ସହିତ ଟ୍ରେନ୍ ଚଳାଚଳ ପାଇଁ ବିଭିନ୍ନ ଟ୍ରାଫିକ୍ ସୁବିଧା କାର୍ଯ୍ୟ ଓ ଅନ୍ୟାନ୍ୟ ଭିତ୍ତିଭୂମି କାର୍ଯ୍ୟଗୁଡ଼ିକ ସମ୍ବନ୍ଧରେ ଆଲୋଚନା କରିଥିଲେ । ମହାପ୍ରବନ୍ଧକ ସରଲା ଠାରେ ନିୟମିତ ମରାମତି ସୁବିଧା ସହିତ ମାଲବାହୀ ଟ୍ରେନ୍ ପରୀକ୍ଷା (ଫ୍ରେଟ ଟ୍ରେନ ଏକ୍ଜାମିନେସନ ଉଇଥ ଆରଓଏଚ ଫାସିଲିଟି) ପାଇଁ ନିର୍ମାଣ ସ୍ଥାନ ଯାଞ୍ଚ କରିଥିଲେ ଓ ଚାଲୁରହିଥିବା ରେଳ ଭିତ୍ତିଭୂମି କାର୍ଯ୍ୟ ସମୀକ୍ଷା କରିଥିବାବେଳେ ସମ୍ବଲପୁରରେ ରେଳ ଅଧିକାରୀଙ୍କ ସହ ନିର୍ମାଣାଧୀନ ରେଳ ପ୍ରକଳ୍ପ ଗୁଡିକର ମଧ ସମୀକ୍ଷା କରିଥିଲେ । ସମୀକ୍ଷା ବୈଠକରେ ସମ୍ବଲପୁର ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଶ୍ରୀ ବିନୀତ ସିଂହଙ୍କ ସହିତ ସମ୍ବଲପୁର ଏବଂ ପୂର୍ବତଟ ରେଳପଥ ମୁଖ୍ୟାଳୟର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରି ଶ୍ରୀ ଶର୍ମାଙ୍କୁ ତାଙ୍କ ଯାଞ୍ଚ ସମୟରେ ସହାୟତା କରିଥିଲେ । ମହାପ୍ରବନ୍ଧକ ଶ୍ରୀ ଶର୍ମା ରେଳ ଅଧିକାରୀ ମାନଙ୍କୁ ଏହି ଅଞ୍ଚଳରେ ଚାଲୁରହିଥିବା ରେଳ ଭିତ୍ତିଭୂମି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଏବଂ ତୃଣମୂଳ ସ୍ତରରୁ ସ୍ଥାନୀୟ ପ୍ରଶାସନ ସମେତ ସମସ୍ତ ଭାଗିଦାରୀ ମାନଙ୍କ ସହିତ ଘନିଷ୍ଠ ସମନ୍ୱୟ ରକ୍ଷା କରିବାକୁ ପରାମର୍ଶ ଦେଇଛନ୍ତି ଯାହା ଦ୍ୱାରା ନିର୍ମାଣାଧୀନ କାର୍ଯ୍ୟ ଶୀଘ୍ର ସମାପନ ହୋଇପାରିବ ।

# ପ୍ରୟାଗରାଜରେ ସେବା ଯୋଗାଇବାପରେ ସେଂଟ ଜୋନ ଆମ୍ବୁଲାନ୍ସ ଜଗନ୍ନାଥ ଧାମ ଡିଭିଜନ

ପୁରୀ, ୧୦/୦୨ (ନି.ପ୍ର): ଉତରପ୍ରଦେଶର ପ୍ରୟାଗରାଜ ରେ ସେବା ଯୋଗାଇବାପରେ ସେଂଟ ଜୋନ ଆମ୍ବୁଲାନ୍ସ ଜଗନ୍ନାଥ ଧାମ ଡିଭିଜନ ପୁରୀର ସ୍ୱେଚ୍ଛାସେବୀ ମାନେ ଫେରିଆସିଛନ୍ତି । ଆଜି ପୁରୀ ରେଲଷ୍ଟେସନରେ ସେଂଟ ଜୋନ ଆମ୍ବୁଲାନ୍ସ ର ପୁରୀ ଜିଲ୍ଲା ଯୁଗ୍ମ ସମ୍ପାଦକ ମଧୁସୂଦନ ମିଶ୍ର ଜଗନ୍ନାଥ ଧାମ ବିଗ୍ରେଡର ସଦସ୍ୟ ଓ କମାଣ୍ଡରଙ୍କୁ କ ସ୍ୱାଗତ କରିଥିଲେ ଏବଂ ଭୂରି ଭୂରି ପ୍ରଶଂସା କରିଥିଲେ । ପ୍ରୟାଗରାଜ ରେ ଉତମ କାମ କରି ସମସ୍ତଙ୍କର ଆସ୍ଥାଭାଜନ ହୋଇଥିଲେ । ।ଗତ ୨ତାରିଖରୁ ଓଡିଶାରୁ ଯାଇ ସେଂଟ ଜୋନ ଆମ୍ବୁଲାନ୍ସ ର ଶିବିରରେ ଯୋଗଦାନ କରି ସେବା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ତ୍ରିବେଣୀ ସଙ୍ଗମ ରେ ସେବାକାର୍ଯ୍ୟରେ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କୁ ମାକ୍ସ ବଂଟନ, ପ୍ରାଥମିକ ଚିକିତ୍ସା ସେବା ଯୋଗାଇଥିଲେ । ଏହି ଜାତୀୟ ସ୍ତରୀୟ କ୍ୟାମ୍ପରେ ଓଡିଶାରୁ ୧୦ଜଣ ଯୋଗଦାନକରି ଟେଂଟରେ ଦିନ ଠାରୁ ରାତି ପର୍ଯ୍ୟନ୍ତ ରହି ଚିକିତ୍ସା ସେବା ଯୋଗାଇଥିଲେ । ଶ୍ରୀଜଗନ୍ନାଥ ଧାମ ଶ୍ରୀକ୍ଷେତ୍ର ପୁରୀରୁ ଆସିଥିବା ସ୍ୱେଚ୍ଛାସେବୀ ମାନଙ୍କୁ ଭୂରି ଭୂରି ପ୍ରଶଂସା କରିଥିଲେ ପ୍ରୟାଗ ରାଜ ର ସ୍ଥାନୀୟ ଲୋକେ ପ୍ରଶାସନ ଓ ପୋଲିସ ବିଭାଗର କର୍ମଚାରୀ । ସେଂଟଜୋନର କମାଣ୍ଡର ଲାଲା ଅନନ୍ତ କୁମାର ସିଂହ ଗୋଟିଏ ଭକ୍ତ ଙ୍କ ମନି ପସ୍ ପାଇଁ ପୋଲିସ ଷ୍ଟସନରେ ଦେଇଥିଲେ ସେଥିରେ ଥିବା ଟଙ୍କା ୮୨୦ ଟଙ୍କାକୁ ପୋଲିସ ଗ୍ରହଣ କରି ଭକ୍ତଙ୍କୁ ଫେରାଇ ଥିଲେ ଯାହାକୁ ନେଇ ଲାଲା ଅନନ୍ତ ସିଂହ ଏବଂ ସମସ୍ତ ସଦସ୍ୟଙ୍କୁ ପ୍ରଶଂସା କରିଥିଲେ ପୋଲିସ କର୍ମଚାରୀ । ପୁରୀ ଜିଲ୍ଲାର ସେଂଟ ଜୋନ ଆମ୍ବୁଲାନ୍ସ ର ସହ ସମ୍ପାଦକ ମଧୁସୂଦନ ମିଶ୍ର ତତ୍ୱାବଧାନରେ ପୁରୀ ରୁ ୫ଜଣ ସେବା କାରଘ ଯାଇଥିଲେ ପ୍ରୟାଗରାଜ । କମାଣ୍ଡର ଲାଲା ଅନନ୍ତ କୁମାର ସିଂହ ସହ ଯୋଗରେ ,ବିଗ୍ରେଡ ର ମେମ୍ବର ଅଜୟ କୁମାର ପ୍ରଧାନ, ଜି .ବାପି ,ବିକ୍ରମ ବେହେରା ,ରମାକାନ୍ତ ଜେନା, ଭୁବନେଶ୍ୱର ରୁ ଡିଭିଜନ କମାଣ୍ଡର ସନ୍ତୋଷ କୁମାର ପଂଚୁଆତି, ବିଗ୍ରେଡ ମେମ୍ବର ସୂର୍ଯ୍ୟ ନାରାୟଣ ମହାରଣା, ପଦ୍ମନାଭ ମହାପାତ୍ର, ହିମାଂଶୁ ନାୟକ, ନିରୋଦ କୁମାର ଭୂୟାଁ, ତ୍ରିବେଣୀ ସଙ୍ଗମ ରେ ସେବା କାର୍ଯ୍ୟରେ ଯୋଗ ଦେଇଥିଲେ ।

## ବିଜେପିରେ ଯୋଗ ଦେଲେ ଅବସରପ୍ରାପ୍ତ ଯୋଗାଣ ବିଭାଗ ଅଧିକାରୀ ରଞ୍ଜନ କୁମାର ସେଠ୍

ଭୁବନେଶ୍ୱର, ୧୦/୦୨ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶ ନୀତି ଏବଂ ସର୍ବଦା ଓଡ଼ିଶାର ଉନ୍ନତି ପାଇଁ ଚିନ୍ତା କରୁଥିବା ଭାରତୀୟ ଜନତା ପାର୍ଟି ପ୍ରତି ଆସ୍ଥା ପ୍ରକଟ କରି ଆଜି ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି ଅବସରପ୍ରାପ୍ତ ଯୋଗାଣ ବିଭାଗ ଅଧିକାରୀ ଶ୍ରୀ ରଞ୍ଜନ କୁମାର ସେଠ୍ । ଆଜି ରାଜ୍ୟ କାର୍ଯ୍ୟାଳୟରେ ରାଜ୍ୟ ସଭାପତି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଏବଂ ବିରୋଧୀ ଦଳ ନେତା ଶ୍ରୀ ଜୟନାରାୟଣ ମିଶ୍ର ଦଳୀୟ ଉତରୀୟ ଓ ଟୋପି ପିନ୍ଧାଇ ଶ୍ରୀ ସେଠ୍ଙ୍କୁ ସ୍ୱାଗତ କରିଥିଲେ । ମୋଦି ସରକାରଙ୍କ ଉପରେ ସାଧାରଣ ଜନତାଙ୍କ ଆସ୍ଥା ବୃଦ୍ଧି ପାଇଚାଲିଛି ଏବଂ ଆଗାମୀ ଦିନରେ ଓଡ଼ିଶାରେ ମଧ ଏହା ନିଶ୍ଚିତ ପ୍ରତିଫଳିତ ହେବ ବୋଲି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି କହିଛନ୍ତି ।

# ପାଚିକା ସଂଘ ତରଫରୁ ବିଇଓଙ୍କ ଜରିଆରେ ଶିକ୍ଷାମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ମାଲକାନଗିରି, ୧୦/୦୨ (ନି.ପ୍ର): ସରକାରଙ୍କ ଦ୍ୱାରା ପ୍ରଚଳିତ ବିଦ୍ୟାଳୟ ଗୁଡିକରେ ମଧ୍ୟାହ୍ନ ଭୋଜନ ରୋଷେଇ କାର୍ଯ୍ୟରେ ନିୟୋଜିତ ପାଚିକା ଓ ସହାୟିକା ମାନେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରୁଥିଲେ ମଧ୍ୟ ସେମାନଙ୍କୁ ସର୍ବନିମ୍ନ ମଜୁରୀରୁ ବଂଚିତ ଓ ସେମାନଙ୍କର ସାମାଜିକ ସୁରକ୍ଷାର ବ୍ୟବସ୍ଥା କରି ନାହାଁନ୍ତି ସରକାର । ଆଜି ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ନିଖିଳ ଓଡିଶା ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକା ସଂଘର ସଭାପତି ଉତମ ମଲ୍ଲିକ ଓ ସମ୍ପାଦିକା ଥିଲିକା ପୂଜାରୀଙ୍କ ନେତୃତ୍ୱରେ ବ୍ଲକର ସମସ୍ତ ବିଦ୍ୟାଳୟର ପାଚିକା ଓ ସହାୟିକା ମାନେ ଏକତ୍ରିତ ହୋଇ ମାଥିଲି ସଦର ମହକୁମାରେ ଥିବା ସହିଦ ଲକ୍ଷ୍ମଣ ନାୟକ ଭବନ ଠାରୁ ଏକ ବିରାଟ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ମାଥିଲି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଂଚିଥିଲେ । ଏବଂ ମାଥିଲି ଗୋଷ୍ଠୀ ଶିକ୍ଷାଧିକାରୀ ଶଶୀଭୂଷଣ ମିଶ୍ରଙ୍କ ଜରିଆରେ ରାଜ୍ୟ ସରକାରଙ୍କ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧-୧୨-୨୦୦୯ ତାରିଖ ଠାରୁ କେନ୍ଦ୍ର ସରକାର ପାଚିକା ଓ ସହାୟିକା ମାନଙ୍କର ପ୍ରାପ୍ୟ ଏକ ହଜାର ଟଙ୍କା ସ୍ଥିର କରିଥିଲେ ମଧ୍ୟ ୧-୧୨-୨୦୦୯ ଠାରୁ ୩୧-୦୩-୨୦୧୨ ତାରିଖ ପର୍ଯ୍ୟନ୍ତ ପାଚିକା ଓ ସହାୟିକା ମାନଙ୍କୁ ୬୦୦ ଓ ୪୦୦ ଟଙ୍କା ଲେଖାଏଁ ଦିଆଯାଇଛି । ଏଣୁ ସେମାନଙ୍କର ୨୮ ମାସର ବକେୟା ପ୍ରାପ୍ୟ ପ୍ରଦାନ କରାଯାଉ । ଦଶ ମାସ ବଦଳରେ ବାର ମାସର ପ୍ରାପ୍ୟ ପ୍ରଦାନ କରାଯାଉ । ବର୍ଷକୁ ଦୁଇ ଯୋଡ଼ା ବସ୍ତ୍ର ଯୋଗାଇ ଦିଆଯାଉ । ୬୦ ବର୍ଷ ପରେ ଛଟେଇ ହେଉଥିବା ପାଚିକା ଓ ସହାୟିକା ମାନଙ୍କୁ ଅବସରକାଳୀନ ପ୍ରାପ୍ୟ ପ୍ରଦାନ କରାଯାଉ । ଯେଉଁ ବିଦ୍ୟାଳୟରେ କମ ଛାତ୍ରଛାତ୍ରୀ ଥିବା ଯୋଗୁ କିମ୍ବା ମିଶ୍ରଣ ଯୋଗୁ ଯେଉଁ ପାଚିକା ଓ ସହାୟିକା ମାନଙ୍କୁ ଛଟେଇ କରି ଦିଆଯାଉଛି । ସେମାନଙ୍କୁ ତାଙ୍କର ନିଜ ବ୍ଲକ ମଧ୍ୟରେ ଖାଲିଥିବା ବିଦ୍ୟାଳୟ ଗୁଡିକରେ ନିୟୋଜିତ କରାଯାଉ । ବିଦ୍ୟାଳୟ ମାନଙ୍କରେ ଛାତ୍ରଛାତ୍ରୀ ସଂଖ୍ୟା ଭିତିରେ ପାଚିକା ମାନଙ୍କୁ ନିଯୁକ୍ତି ଦିଆଯାଉ । ପାଚିକା ଓ ସହାୟିକା ମାନଙ୍କୁ ବାର୍ଷିକ ଅତି କମରେ ୧୫ ଦିନର ଛୁଟି ମଞ୍ଜୁର କରିବା ସହ ପ୍ରସୂତିକାଳୀନ ଛୁଟି ମଧ କରାଯାଉ । ପାଚିକା ଓ ସହାୟିକା ମାନଙ୍କୁ ଶ୍ରମିକର ମାନ୍ୟତା ଦେବା ସହ ସର୍ବନିମ୍ନ ମଜୁରୀ ପ୍ରଦାନ କରାଯାଉ । ଏହିପରି ଆଠ ଦଫା ସମ୍ବଳିତ ଏକ ଦାବି ପତ୍ର ପ୍ରଦାନ କରିଥିଲେ ।

# ପଟିଆ ଡିଗ୍ରୀ ମହାବିଦ୍ୟାଳୟକୁ ନାକ୍ର ବି-ପ୍ଲସ ମାନ୍ୟତା

ଭୁବନେଶ୍ୱର, ୧୦/୦୨ (ନି.ପ୍ର): ପଟିଆସ୍ଥିତ ରାଜା ମଧୁସୂଦନ ଦେବ ଡିଗ୍ରୀ ମହାବିଦ୍ୟାଳୟକୁ ରାଷ୍ଟ୍ରୀୟ ମୂଲ୍ୟାଙ୍କନ ଓ ମାନ୍ୟତା ପରିଷଦ (ନାକ୍)ର ତିନିଜଣିଆ ଉଚ୍ଚପଦସ୍ଥ ପ୍ରତିନିଧି ଗତ ସପ୍ତାହରେ ଦୁଇଦିନ ଧରି ପରିଦର୍ଶନ କରି ଅନୁଷ୍ଠାନକୁ 'ବି+' ମାନ୍ୟତା ପ୍ରଦାନ କରିଛନ୍ତି । ଭିତିଭୂମି, ଶିକ୍ଷାଦାନ ପ୍ରଣାଳୀ, ଅନୁସନ୍ଧାନ, ନବୀକରଣ, ବିସ୍ତୃତିକରଣ, ଶିକ୍ଷାଦାନର ଉତ୍ସ, ବିଦ୍ୟାର୍ଥୀ ପ୍ରଗତୀ ଓ ସହାୟତା, ପ୍ରବନ୍ଧନ, ଗବେଷଣା, ନେତୃତ୍ୱ ଓ ପ୍ରଶାସନ ସଂସ୍ଥାଗତ ମୂଲ୍ୟବୋଧ ଓ ଶ୍ରେଷ୍ଠ କାର୍ଯ୍ୟପଦ୍ଧତି ଆଦି ୭ଟି ଭିନ୍ନ ଭିନ୍ନ ବିଷୟକୁ ଅନୁଧ୍ୟାନ କରିବା ପରେ ଉକ୍ତ ପ୍ରତିନିଧି ଦଳ ମହାବିଦ୍ୟାଳୟକୁ ଆସନ୍ତା ୫ ବର୍ଷ ପାଇଁ ଏହି ମାନ୍ୟତା ପ୍ରମାଣପତ୍ର ପ୍ରଦାନ କରିଛନ୍ତି ।

ସୂଚନାଯୋଗ୍ୟ ଯେ, ପ୍ରଥମଥର ପାଇଁ ନାକ୍ ପ୍ରତିନିଧି ଦଳ ଏହି ମହାବିଦ୍ୟାଳୟକୁ ପରିଦର୍ଶନରେ ଆସିଥିଲେ । ୧୯୯୩ ମସିହାରେ ପ୍ରତିଷ୍ଠା ହୋଇଥିବା ପଟିଆ ଡିଗ୍ରୀ ମହାବିଦ୍ୟାଳୟ ଏହି ମାନ୍ୟତାପ୍ରାପ୍ତ ହେଲା ପରେ, ରାଜଧାନୀରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଏକ ଅଗ୍ରଣୀ ମହାବିଦ୍ୟାଳୟରେ ପରିଣତ ହୋଇ ରାଜ୍ୟରେ ସୁନାମ ଅର୍ଜନ କରିବ ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ ରାଉତ ଦୃଢ ବିଶ୍ୱାସ ସହ ମତ ରଖିଛନ୍ତି । ଏହି ସଫଳତା ପାଇଁ ପରିଚାଳନା ସମିତି ଅଧ୍ୟକ୍ଷ ତଥା ଭୁବନେଶ୍ୱର ଉପଜିଲ୍ଲାପାଳ ଶ୍ରୀ ଦେବବ୍ରତ ସାହୁ, ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଛାତ୍ରଛାତ୍ରୀ, ଅଭିଭାବକ, ପୁରାତନ ବିଦ୍ୟାର୍ଥୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ଓ ବାଲିଆପାଳ ଅବକାରୀ ବିଭାଗ ମିଳିତ ଚଢ଼ାଉ, ଜଣେ ଗିରଫ : ୩୨ ଲିଟର ମଦ ଜବତ

ବସ୍ତା,୧୦/୦୨ (ନି.ପ୍ର): ବସ୍ତା ଓ ବାଲିଆପାଳ ଅଂଚଳରେ ନିଶା କାରବାର ପେଣ୍ଠସ୍ଥଳ ଥିବା ବେଳେ ବସ୍ତା ଓ ବାଲିଆପାଳ ଅବକାରୀ ବିଭାଗ ର ମିଳିତ ଚଢ଼ାଉ ହୋଇଛି ।ବାଲିଆପାଳ ରୁ ଜଣେ ଗିରଫ ସହ ୩୨ ଲିଟର ମଦ ଜବତ କରାଯାଇଛି କ୍ଷ ଗିରଫ ଜଣଙ୍କ ହେଲେ ବାଲିଆପାଳ ବ୍ଲକ ଅନ୍ତର୍ଗତ ନୂଆବାଲି ଗ୍ରାମର ରାମ ଚନ୍ଦ୍ର ଦଳେଇ । ତାଙ୍କୁ ଶୁକ୍ରବାର ଅପରାହ୍ନ ସମୟ ରେ କେସ ନଂ ୧୬୪/୨୨-୨୩ ରେ ମାମଲା ରୁଜୁ କୋର୍ଟ ଚାଲାଣ କରାଯାଇଛି ।

## ବିଦ୍ୟୁତ ସ୍ପର୍ଶରେ କାଟୁଲିଡିହା ସ୍କୁଲର ପ୍ରଧାନ ଶିକ୍ଷକଙ୍କ ମୃତ୍ୟୁ

ବସ୍ତା,୧୦/୦୨ (ନି.ପ୍ର): ବିଦ୍ୟୁତ ଆଘାତରେ ଶୁକ୍ରବାର ଜନୈକ ହେଡ ପଣ୍ଡିତଙ୍କର ପ୍ରାଣହାନୀ ଘଟିଛି ।ସୂଚନାରୁ ପ୍ରକାଶ ଯେ ବସ୍ତା ଥାନା କାଟୁଲିଡିହା ବାଗଦେବ ସଂସ୍କୃତ ବିଦ୍ୟାଳୟର ପ୍ରଧାନଶିକ୍ଷକ ହେମନ୍ତ କୁମାର ପାଣି (୪୪ ବର୍ଷ)ନିଜ ଘରବାଡି ରେ ଥିବା ବିଦ୍ୟୁତ ଷ୍ଟାଟର ରେ ସୁଇଚ ଅନ କରିବାକୁ ଯାଇ ଆଘାତ ପ୍ରାପ୍ତ ହୋଇଥିଲେ ଏବଂ ଗୁରୁତର ହୋଇ ପଡ଼ିଥିଲେ ।ତାଙ୍କୁ ସଂଗେ ସଂଗେ ବସ୍ତା ଡାକ୍ତରଖାନା ନିଆଯାଥିଲା ।ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣ । କରିଥିଲେ। ଅନିରୁଦ୍ଧ ପାଣିଙ୍କ ପୁଅ ସ୍ୱର୍ଗତ ପାଣିଙ୍କ ସହଧର୍ମଣୀ ବନସ୍ମିତା ପଣ୍ଡା ସମ୍ପ୍ରତି ବସ୍ତା ଶମ୍ଭୁନାଥ ସରକାରୀ ହାଇସ୍କୁଲ ରେ ସଂସ୍କୃତ ଶିକ୍ଷୟିତ୍ରୀ ଥିବା ବେଳେ ସେମାଙ୍କର ଗୋଟିଏ ଛୋଟ ଝିଅ ରହିଛି ।ବସ୍ତା ପୁଲିସ ପାଣିଙ୍କ ଶବ ବ୍ୟବଚ୍ଛେଦ ସହ ୫/୨୩ ନମ୍ବର ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

## ବାଇପାସରୁ ସାଇକଲ ଆରୋହିଠୁ ମୋବାଇଲ ଲୁଟି

ବସ୍ତା,୧୦/୦୨ (ନି.ପ୍ର): ଗୁରୁବାର ସନ୍ଧ୍ୟାରେ ୬୦ ନଂ ଜାତୀୟ ରାଜପଥର ବସ୍ତା ବାଇପାସ ନିକଟରେ ଜଣେ ସାଇକଲ ଆରୋହି ଙ୍କ ଠାରୁ ଗୋଟିଏ ମୂଲ୍ୟବାନ ମୋବାଇଲ ଲୁଟ ହୋଇଯାଇଛି ।ସୂଚନାରୁ ପ୍ରକାଶ ଯେ ବସ୍ତା ନିବାସୀ ରବୀନ୍ଦ୍ର ବେହେରା ବରୁଣ ଗଡ଼ିଆରୁ ସାଇକଲରେ ବସ୍ତା ଆସୁଥିବା ବେଳେ ଦୁଇ ଜଣ ଅଜ୍ଞାତ ଦୁର୍ବୃତ ଏକ ବାଇକ ରେ ଆସି ତାଙ୍କ ଠାରୁ ମୋବାଇଲ ଟି ଛଡାଇ ନେଇ ଆଖି ପିଛୁଳାକେ ପଳାଇ କୁଆଡେ ଅନ୍ତର୍ଧାନ ହୋଇଯାଇଥିଲେ । ଏ ସମ୍ପର୍କରେ ସେ ପୁଲିସରେ ଅଭିଯୋଗ କରିଥିବା ଜଣାପଡ଼ିଛି ।

## ଅଟୋରୁ ୫୦ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ଗଞ୍ଜାମ,୧୦/୦୨ (ନି.ପ୍ର): ଆଜି ସକାଳେ ବ୍ରହ୍ମପୁର-ଦେଙ୍ଗାପଦର ରାସ୍ତାରୁ ଅବକାରୀ ବିଭାଗ ଏକ ଅଟୋରୁ ୫୦ କେଜି ଗଞ୍ଜେଇ ଜବତ କରିଛି । ଘଟଣାରେ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତର ନାମ ଅଭିଜିତ ସିଂ । ତାର ଘର ଗଜପତି ଜିଲ୍ଲା ପାଣିଗଣ୍ଡା ଗ୍ରାମରେ ବୋଲି ଜଣାପଡିଛି । ଗଜପତିରୁ ବ୍ରହ୍ମପୁର ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ପାଇ ଅବକାରୀ ବିଭାଗ କର୍ମଚାରୀ ମାନେ ଦିଗପହଣ୍ଡି -ବ୍ରହ୍ମପୁର ରାସ୍ତାରେ ଛକି ରହିଥିଲେ ଏବଂ ଅଟୋ ସହିତ ଗଞ୍ଜେଇକୁ ଜବତ କରିଥିଲେ ।

# ନେସ୍କୋ ଶକ୍ତି କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ : ଦାବି ପୂରଣ ନହେଲେ ମାର୍ଚ୍ଚରେ ଆନ୍ଦୋଳନ

ଜଳେଶ୍ୱର ୧୦/୨(ନି.ପ୍ର): ବିଦ୍ୟୁତ୍ ବିଭାଗର ସୁଧାର ଲାଗି ସରକାର ଉତ୍ତର ଓଡିଶାର ୫ଟି ଜିଲାର ଦାୟିତ୍ୱ ଟାଟା ପାୱାର ସପ୍ଲାୟକୁ ପ୍ରଦାନ କରିଛି । ନେସ୍କୋ ଶକ୍ତି ସଂଗଠନର କର୍ମଚାରୀମାନଙ୍କ ଏକ ବାର୍ଷିକ ସମ୍ମିଳନୀ ଆଜି ଜଳେଶ୍ୱରସ୍ଥିତ ନୂଆବଜାର ସେକ୍ସନ-୨ ସମ୍ମୁଖ ପଡିଆରେ ଅନୁଷ୍ଠିତ ହୋଇ ଯାଇଛି । କମ୍ପାନୀ ପକ୍ଷରୁ ବିଭିନ୍ନ ପ୍ରକାର କର୍ମଚାରୀ ନିଯୁକ୍ତି କରିଥିବା ବେଳେ କର୍ମଚାରୀମାନଙ୍କ ହକ୍‌ଲାଗି ଏହି ବିଭିନ୍ନ ସମୟରେ ଦାବି ଉପସ୍ଥାପନ କରାଯାଇଛି । ମାର୍ଚ୍ଚ ସୁଦ୍ଧା ଦାବି ପୂରଣ ନ ହେଲେ ଆନ୍ଦୋଳନମୂକ ପନ୍ଥା ଗ୍ରହଣ ଗ୍ରହଣ କରାଯିବ ବୋଲି ଆଜି ବାର୍ଷିକ ଉତ୍ସବରେ ମତପ୍ରକାଶ ପାଇଛି । ଜଳେଶ୍ୱର ବିଦ୍ୟୁତ୍ ସେକ୍ସନ-୨ ସମ୍ମୁଖରେ ଶକ୍ତି କର୍ମଚାରୀ ସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ଏଥିରେ ସଂଘର କାର୍ଯ୍ୟକାରୀ ସଭାପତି ଶିବନାରାୟଣ ଗିରି ଏଥିରେ ଅଧ୍ୟକ୍ଷତା କରି ରାଜ୍ୟର ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଂଜ, କେଉଁଝର ଜିଲାକୁ ନେଇ ଟାଟା ପାୱାର କାର୍ଯ୍ୟ କରୁଛି । କିନ୍ତୁ ସେମାନଙ୍କ ବିଭିନ୍ନ ଦାବି ପ୍ରତି ଏବେ ଟାଟା ପାୱାର ଦେଉନଥିବାରୁ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସେ ଦାବି କରିଥିଲେ । ମୁଖ୍ୟ ଅତିଥିଭାବେ ନିଖିଳ ଓଡିଶା ମଜଦୁର ମହାସଂଘର ସାଧାରଣ ସଂପାଦକ ସତ୍ୟବ୍ରତ ପରିଡା ଯୋଗ ଦେଇ ଆଉଟସୋର୍ସ କର୍ମଚାରୀଙ୍କୁ ସ୍ଥାୟୀ କରିବା, ସମାନ କାମକୁ ସମାନ ଦରମା, ସମସ୍ତଙ୍କୁ ସ୍ୱାସ୍ଥ୍ୟବୀମା ପରିସରଭୁକ୍ତ କରିବା, ସରକାରୀ କର୍ମଚାରୀ ଭଳି ୮ଘଣ୍ଟିଆ କାର୍ଯ୍ୟ କରିବା ଦାବିରେ ଆସନ୍ତା ମାର୍ଚ୍ଚରୁ ଆନ୍ଦୋଳନମୂକ ପନ୍ଥା ଗ୍ରହଣ ଗ୍ରହଣ କରାଯିବ ବୋଲି କହିଥିଲେ । ମୁଖ୍ୟବକ୍ତାଭାବେ ସଂଘର ସଭାପତି ତଥା ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗ ଦେଇ ନିଖିଳ ଓଡିଶା ମହାସଂଘ ନେଇଥିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ । ସମ୍ମାନୀତ ଅତିଥିଭାବେ ସଂଘର ସାଧାରଣ ସଂପାଦକ ଡ. ଅନ୍ତର୍ଯ୍ୟାମୀ ମହାପାତ୍ର ଯୋଗ ଦେଇ ନାର୍ଯ୍ୟ ହକ୍ ପାଇବାପାଇଁ ସମସ୍ତ କର୍ମଚାରୀ ସଂଘବଦ୍ଧଭାବେ ଆନ୍ଦୋଳନାମୂକ ପନ୍ଥା ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଭୁଦତ୍ତ ମିଶ୍ର, ଉମାକାନ୍ତ ପଡିଆରୀ, ଜୟନ୍ତ ମଣ୍ଡଳ, ଅଜୟ ପଡିଆରୀ, ଚନ୍ଦନ ଭୂୟାଁ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ । ଜଳେଶ୍ୱର ବିଦ୍ୟୁତ୍ ଡିଭିଜନ୍ ର ସଂପାଦକ ପ୍ରଦୀପ ଜେନାଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ନିଗମାନନ୍ଦ ଗିରି ସଭାକାର୍ଯ୍ୟ ସଂଚାଳନ କରିଥିଲେ । ଏଥିରେ ଚନ୍ଦନ ବେହେରା, ଚିତ୍ତ ସାମଲ, ଅଶୋକ ଜେନା, ଉମେଶ ସିଂ, ରାଜକିଶୋର ରାଉଳ, ସୁକୁମାର ଦେ, ଅଶୋକ ରଣା, ରାଜେନ୍ଦ୍ର କର, ସୁଭେନ୍ଦୁ ସୂର୍ଯ୍ୟନାରାୟଣ ବେହେରା, ପ୍ରଣବ ମହାପାତ୍ର, ମକଳଲୋଚନ ସାହୁ, ସୁକୁମାର ଗନ୍ତାୟତ ପ୍ରମୁଖ ପରିଚାଳନାରେ ସହାୟତା କରିଥିବା ବେଳେ ୫ଟି ଜିଲାର ବହୁ କର୍ମଚାରୀ ଯୋଗ ଦେଇଥିଲେ ।

# ଶ୍ରୀବାଲାଜୀ ଜୀଉଙ୍କ ନୂତନ ମନ୍ଦିର ଓ ଶ୍ରୀହନୁମାନ ପ୍ରତିଷ୍ଠା ଉତ୍ସବ

ନୀଳଗିରି,୧୦/୦୨ (ନି.ପ୍ର): ନୀଳଗିରି ସାନଅଡା ନିକଟସ୍ଥ ମାଉସୀମା ମନ୍ଦିର ସମ୍ମୁଖରେ ଥିବା ଶ୍ରୀ ବାଲାଜୀ ଜୀଉଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ସହିତ ନୂତନ ହନୁମାନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଦିନ ଅଧିବେଶ, ୨ୟ ଦିନ ନୂତନ ବିଗ୍ରହ ନ୍ୟାସ ଦିଆଯାଇଥିବା ବେଳେ ଆଜି ଶେଷ ଦିନରେ ପ୍ରଭୁଙ୍କର ସମସ୍ତ ରୀତିନୀତୀ ଅନୁସାରେ ପୂଜାର୍ଚ୍ଚନା ହୋଇଥିଲା । ଏହି ଅବସରରେ ୧୦୮ କଳସ ଶୋଭାଯାତ୍ରା ହୋଇଥିଲା । ୩ଦିନ ଧରି ଭଜନ କୀର୍ତନ, ଅଷ୍ଟପ୍ରହରୀ ଓ ପ୍ରସାଦ ସେବନ ହୋଇଥିଲା । ପୂଜକ ରବିନ୍ଦ୍ର ମହାପାତ୍ର ଉପସ୍ଥିତ ରହି ରୀତିନୀତି ପୂଜାର୍ଚ୍ଚନା କରିଥିଲେ । ଉକ୍ତ କମିଟିର ଉଦ୍ୟକ୍ତା ହେମନ୍ତ କୁମାର ସାହୁ, ସଭ୍ୟ- ପିତାମ୍ବର ପାତ୍ର, ସଂଜୟ କୁମାର ପତି, ସଂଜିବ କୁମାର ମହାପାତ୍ର, ବ୍ରହ୍ମାନନ୍ଦ ଦାସ, ଗିରିଶ ଚନ୍ଦ୍ର ପୋଇ, ଜଗବନ୍ଧୁ ମୁନି, ବିଶ୍ୱନାଥ ମହାପାତ୍ର, ଚେମନ ପରିଛା, ଗଜେନ୍ଦ୍ର ବିଶ୍ୱାଳ, ପ୍ରମୁଖ ଭକ୍ତଙ୍କୁ ସହଯୋଗ କରିବା ସହିତ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ । ଏହି ଉତ୍ସବରେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ଚନ୍ଦ୍ରବିନ୍ଦୁ ଦାସ, ସବ୍ୟସାଚୀ ମହାପାତ୍ର, ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ହଜାର ହଜାର ଭକ୍ତ ପ୍ରସାଦ ସେବନ କରିବା ସହିତ ଭଗବାନ ବାଲାଜୀଙ୍କର ବିଭୁକୃପା ଲାଭ କରିଥିଲେ ।

# ବିଜାତଳା ଲ୍ୟାମ୍ପସରେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ

ବାରିପଦା,୧୦/୦୨ (ନି.ପ୍ର): ମାଣ୍ଡିଆ ଚାଷ ପାଇଁ ସରକାର ଚାଷୀମାନଙ୍କୁ ବହୁ ଯୋଜନା ପ୍ରଣୟନ କରି ସହାୟତା ପ୍ରଦାନ ସହ ଉତ୍ସାହିତ କରୁଛନ୍ତି । ଚାଷୀମାନଙ୍କୁ ସାର, ବିହନ ଯୋଗାଇବା ସହ ଏବଂ କ୍ରୟ କରିବା ପାଇଁ ମଧ ରାଜ୍ୟ ସରକାର ବ୍ୟବସ୍ଥା କରିଛନ୍ତି । ମୟୂରଭଂଜ ଜିଲ୍ଲା ବିଜାତଳା ବ୍ଲକ ଅନ୍ତର୍ଗତ ବିଜାତଳା ଲ୍ୟାମ୍ପସରେ ମାଣ୍ଡିଆ ମଣ୍ଡି ଉଦଘାଟିତ ହୋଇଯାଇଛି । ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ଅନିରୁଦ୍ଧ ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ରାଣୀ ମୁର୍ମୁ, ସମ୍ମାନୀୟ ଅତିଥି ଲ୍ୟାମ୍ପସ ପରିଚାଳନା ସଭାପତି ରାମଚନ୍ଦ୍ର ବେଶ୍ରା,ଏଆରସିଏସ ରାମଚନ୍ଦ୍ର



ବିଶ୍ୱାଳ, ବିଏଓ ନିହାରିକା ଦଳେଇ, ଏଏଓ ଅଜୟ କୁମାର ମହାନ୍ତି, ଟିଡିସିସି ଅରୁଣ କୁମାର ଦାସଅଧିକାରୀ ଓ ଦୁଲାଲ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତା ଯୋଗ ଦେଇ ମଣ୍ଡିକୁ ଉଦଘାଟନ କରିଥିଲେ । ପ୍ରଥମ ଦିନରେ ୨୧ ଜଣ ଚାଷୀଙ୍କଠାରୁ ନବେ କୁଇଂଟାଲ ମାଣ୍ଡିଆ କ୍ରୟ କରାଯାଇଥିଲା । ଲ୍ୟାମ୍ପସ କର୍ମଚାରୀ ସଂଜୟ କୁମାର ବେହେରା, ଭାଗିରଥି ମୁର୍ମୁ, ନିରୋଜ କୁମାର ଗିରି, କ୍ଷୀରୋଦ ଧଳ, ଶଙ୍କର ମୁର୍ମୁ, ରାମଜିତ ବେଶ୍ରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ନିର୍ଦ୍ଦେଶକ ପାରାଉ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ମୟୁରଭଂଜ କପ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଂଟ : ବିଜେଏମସିସି ଟିମ୍ ଫାଇନାଲକୁ ଉତ୍ତୀର୍ଣ୍ଣ



ବାରିପଦା,୧୦/୦୨ (ନି.ପ୍ର): ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ପଡିଆରେ ମୟୁରଭଂଜ କ୍ରିକେଟ ଏକାଡେମୀ ଆନୁକୂଲ୍ୟରେ ମୟୁରଭଂଜ କପ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଂଟର ପ୍ରଥମ ସେମି ଫାଇନାଲ ମ୍ୟାଚରେ ବିଜେଏମସିସି ଦଳ ସିକ୍ରେଟ ଇଲେଭେନକୁ ୫୫ ରନରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି । ପ୍ରଥମେ ବ୍ୟାଟିଂ କରି ବିଜେଏମସିସି ୧୫ ଓଭରରେ ୫ଉଇକେଟ ହରାଇ ୧୭୬ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଦୀପକ ମୁଣ୍ଡା ୪୯, ଦିବ୍ୟ ଲୋଚନ ଦାସ ୩୨ ଓ ଲକ୍ଷ୍ମୀଧର ସିଂ ୨୮ ରନ ସଂଗ୍ରହ କରିଥିଲେ । ଉତରରେ ସିକ୍ରେଟ ଇଲେଭେନ ୧୫ ଓଭରରେ ୪ ଉଇକେଟ ହରାଇ ୧୨୧ ରନ କରିପାରିଥିଲେ । ଦଳ ପକ୍ଷରୁ ଦୀନକୃଷ୍ଣ ନାୟକ ସର୍ବାଧିକ ୫୨ ରନ କରିଥିବା ହୋଇଥିବା ବେଳେ ବିପକ୍ଷ ଦଳର ସାମନ୍ତ ଶେଖର ପାଲ ୨ଟି ଉଇକେଟ ଅକ୍ତିଆର କରିଥିଲେ । ଦୀପକ ମୁଣ୍ଡା ମେନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି । ମନମୋହନ ମୁର୍ମୁ ଓ ଉତମ ମହାକୁଡ଼ ଖେଳ ପରିଚାଳନା କରିଥିବା ବେଳେ ରାକେଶ କୁମାର ବେହେରା ସ୍କୋରିଂରେ ସହାୟତା କରିଥିଲେ ।

# ଜାମଶୂଳି ବିଦ୍ୟୁତ ସବଡିଭିଜନ ପକ୍ଷରୁ ଅମୃତ କୁମ୍ଭ ଅନୁଷ୍ଠିତ

ଲଙ୍ଗଳେଶ୍ୱର,୧୦/୦୨ (ନି.ପ୍ର): ସିଂଲା ଥାନା ଅନ୍ତର୍ଗତ ପୁଟୁରା ପଞ୍ଚାୟତର ଜାମସୁଳି ବିଦ୍ୟୁତ ସବଡିଭିଜନ ପକ୍ଷରୁ ଶାରଦୀୟ ଅମୃତ କୁମ୍ଭ ଲକିଡ୍ର ଅନୁଷ୍ଠିତ ହୋଇଯାଇଛି ।ଠିକ ସମୟରେ ବିଲ ପୈଠ କରୁଥିବା ଗ୍ରାହକ ମାନଙ୍କୁ ନେଇ ଆୟୋଜିତଏଇ ଲକିଡ୍ର ରେ ସାତ ଜଣ ଭାଗ୍ୟଶାଳୀ ଗ୍ରାହକ ବିଜୟ ହୋଇଥିଲେ ।ଜାମସୁଳି ଗ୍ରାହକ ସେବା କେନ୍ଦ୍ରର ସହକାରୀ ଯନ୍ତ୍ରୀ ରବୀନ୍ଦ୍ର କୁମାର ନାୟକ ପୁରସ୍କାର ବିତରଣ କରିଥିଲେ । ଏହି ଭାଗ୍ୟଶାଳୀ ବିଜେତା ମଧରୁ ଗଡ଼ସାହି ବାଲିଆପାଳ ର ଲକ୍ଷ୍ମୀକାନ୍ତ ସେନାପତି, ବୋଲଂ ଗ୍ରାମର କାହ୍ନୁ ଚରଣ ତ୍ରିପାଠୀ,




ରାଇଦେଙ୍କ ର ବିଯାଧର ପାତ୍ର, ସିଂଲା ର ଗଙ୍ଗାଧର ପାତ୍ର, ଖଗଡାପାଳ ର କୁମୁଦି ପାଣିଗ୍ରାହୀ, ଦୁନ୍ଦକୁଟ ର ରବୀନ୍ଦ୍ର ଦାସ, ଜମାଲପୁର ର ନରେନ୍ଦ୍ର ସାହୁ ପ୍ରମୁଖ ବିଜେତାଙ୍କୁ ଗ୍ରାଇଣ୍ଡର, ପ୍ରେସରକୁକର ଇତ୍ୟାଦି ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ପୁରସ୍କାର ବିତରଣୀ ସଭାରେ ପ୍ରଦୀପ କୁମାର ପଣ୍ଡା, ଭବାନୀ ପ୍ରସାଦ ସ୍ୱାଇଁ, ଚିନ୍ମୟ ପତ୍ରି ପ୍ରମୁଖ ପରିଚାଳନା କରିଥିଲେ ।

## ଜିଲ୍ଲାବ୍ୟାପୀ ବାତଜ୍ୱର ଔଷଧ ସେବନ ଓ କୃମି ନାଶକ ଅଭିଯାନ ଉଦ୍‌ଘାଟିତ

ବାଲେଶ୍ୱର,୧୦/୦୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଶୁକ୍ରବାର ଜିଲ୍ଲାବ୍ୟାପୀ ସାମୂହିକ ବାତଜ୍ୱର/ ଫାଇଲେରିଆ ଓଷଧ ସେବନ ଓ ଜାତୀୟ କୃମି ନାଶକ ସପ୍ତାହ ଶୁଭାରମ୍ଭ ହୋଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥିତ ପ୍ରଶିକ୍ଷଣ ହଲ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ଯୋଗଦେଇ ଶିଶୁଙ୍କୁ ଆଲବେଣ୍ଡାଜୋଲ୍ ସିରପ ପିଆଇ ଓ ନିଜେ ଡ଼ିଇସି ଏବଂ ଆଲବେଣ୍ଡାଜୋଲ୍ ବଟିକା ସେବନ ସହ ଏହି ଅଭିଯାନକୁ ଶୁଭାରମ୍ଭ କରିଥିଲେ ।ଏହି ଅଭିଯାନରେ ଜିଲ୍ଲାର ୫ ପୌରାଂଚଳ ଓ ୧୨ ଗୋଟି ବ୍ଲକର ପ୍ରାୟ ୨୫ ଲକ୍ଷ ଲୋକଙ୍କୁ ସାମିଲ କରାଇବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ସେ ସୂଚନା ଦେଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଲସେନ ଜଗଦେବ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ବାତଜ୍ୱର ଓ ୧୭ ତାରିଖ ପର୍ଯ୍ୟନ୍ତ କୃମି ନାଶକ ଔଷଧ ସେବନ ଅଭିଯାନ ଜାରି ରହିବ ବୋଲି ସୂଚନା ଦେଇଥିଲେ । ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶଶାଙ୍କ ଶେଖର ଚୌଧୁରୀ ଏଥିରେ ଉପସ୍ଥିତ ରହି ଅଭିଯାନର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ । ଜିଲ୍ଲାରେ ୧୦୨୦୯ ଜଣ ଆଶା, ଅଙ୍ଗନୱାଡ଼ି ଏବଂ ଅନ୍ୟାନ୍ୟ ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ ଘରକୁ ଘର ବୁଲି ଏହି ଲୋକଙ୍କୁ ଔଷଧ ସେବନ ଅରମ୍ଭ କରିଛନ୍ତି । ଏହି ଅଭିଯାନ ସୁଚାରୁ ରୂପେ ପରିଚାଳନା ପାଇଁ ୧୦୨୧ ଜଣ ସୁପରଭାଇଜର ନିୟୋଜିତ ହୋଇଛନ୍ତି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଜିଲ୍ଲାସ୍ତରୀୟ ୧୮ ଜଣ ଅଧିକାରୀ ପ୍ରତ୍ୟେକ ବ୍ଲକକୁ ଯାଇ ଏହି କାର୍ଯ୍ୟକ୍ରମର ତଦାରଖ କରିବେ ବୋଲି ଡାକ୍ତର ଚୌଧୁରୀ ସୂଚନା ଦେଇଥିଲେ । ବାହକ ରୋଗ ପରାମର୍ଶଦାତା ଆଲୋକ କୁମାର ପତି, ଜିଲା ମୁଖ୍ୟ ଚିକିତ୍ସାଳୟ ଡେପୁଟି ମ୍ୟାନେଜେର ଏଲିନା ସାମଲ, ଏନଏଚଏମ ଜିଲା ପ୍ରକଳ୍ପ ସଂଯୋଜକ ଅନୀଲ କୁମାର ମହାନ୍ତି ପ୍ରମୁଖଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଡ଼ିଇସି ଏବଂ ଆଲବେଣ୍ଡାଜୋଲ୍ ବଟିକା ସେବନ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ରମାଦେବୀ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ....

ବିଦ୍ୟାଳୟ ଶିକ୍ଷା ପରେ, ଏହି ମହାବିଦ୍ୟାଳୟରେ ମୋର କଲେଜ ଜୀବନ ବିତିଥିଲା । ଚାରି ବର୍ଷ ମୁଁ ଏହିଠାରେ ପାଠ ପଢ଼ିଛି । ସେ କହିଛନ୍ତି ଯେ ଏହି ସୁପ୍ରସିଦ୍ଧ ଶିକ୍ଷାନୁଷ୍ଠାନର ମହତୀ ମାଟିରେ ପାଦ ଦେଲାକ୍ଷଣି ମୁଁ ଅତୀତମନସ୍କ ହୋଇପଡ଼ିଲି । ଏହି ଅନୁଷ୍ଠାନର ଛାତ୍ରୀ ଭାବରେ ମୁଁ ଗର୍ବିତ । ସେତେବେଳେ ଏହା ବିଶ୍ୱବିଦ୍ୟାଳୟରେ ରୂପାନ୍ତରିତ ହୋଇ ନ ଥିଲା । ସେ ସମୟରେ ବି ଏହା ଥିଲା ଅନ୍ୟତମ ଅଗ୍ରଣୀ ଶିକ୍ଷାନୁଷ୍ଠାନ । ଓଡ଼ିଶାର ଅନେକ ଝିଅ ହକି, ଫୁଟବଲ, କ୍ରିକେଟ, ଚେସ୍, ସାଇକ୍ଲିଙ୍ଗ୍, ଆଥଲେଟିକ୍ସ, ପାରା-ଆଥଲେଟିକ୍ସ, ସୁଟିଂ, ବ୍ୟାଡମିଂଟନ, ରଗ୍ ବୀ, କରାଟେ ଓ ପର୍ବତାରୋହଣ ତଥା ଅନ୍ୟାନ୍ୟ କ୍ରୀଡ଼ାରେ କୃତୀତ୍ୱ ଅର୍ଜନ କରିଛନ୍ତି । ମୁଁ ସେମାନଙ୍କୁ ଶୁଭେଚ୍ଛା ଜଣାଉଛି । ସେ କହିଛନ୍ତି ଯେ ଭାରତର ମୁନୀଋଷିମାନେ ଯେଉଁ ଶାଶ୍ୱତ ମୂଲ୍ୟବୋଧର କଥା କହିଛନ୍ତି, ସେସବୁକୁ ପୁଞ୍ଜି କରି, ଟେକ୍ନୋଲୋଜିକୁ ମାଧ୍ୟମ କରି ଆମକୁ ଆମ ଜାତୀୟ ଲକ୍ଷ୍ୟପଥରେ ଅଗ୍ରସର ହେବାକୁ ପଡ଼ିବ । ସୁତରାଂ, ପରମ୍ପରା ଓ ଆଧୁନିକତାର ସମନ୍ୱୟରେ ଏକ ସୁସମୃଦ୍ଧ ଭାରତ ଗଠନ କରିବା ପାଇଁ ତୁମେମାନେ ସଂକଳ୍ପବଦ୍ଧ ହୋଇ ଅଗ୍ରସର ହେବା ଉଚିତ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହିତ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ରାଜ୍ୟ ଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ପ୍ରମୁଖ ମଂଚାସୀନ ଥିଲେ । ଆଜି ରାଷ୍ଟ୍ରପତି ମୁର୍ମୁ ମଂଚ ଉପରେ ୪ଜଣ ବିଶିଷ୍ଟ ମହିଳାଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରିଛନ୍ତି । ବିଜ୍ଞାନ ଓ ବୈ ?ଷୟିକ ଜ୍ଞାନ କ୍ଷେତ୍ରରେ ସୌମ୍ୟା ସ୍ୱାମୀନାଥନ୍‌ଙ୍କୁ ଡି.ଏସ୍‌ସି ଡିଗ୍ରି, ସାହିତ୍ୟ ଓ ସମାଜସେବା ପାଇଁ ପୂର୍ଣ୍ଣମାସୀ ଜାନୀ, ସମାଜସେବା ଓ ମହିଳା ସଶକ୍ତୀକରଣ ଲାଗି ସୁନିତା କ୍ରିଷ୍ଣନ୍, କଳା ଓ ସଂସ୍କୃତି କ୍ଷେତ୍ର ଲାଗି ଓଡ଼ିଶୀ ନୃତ୍ୟଶିଳ୍ପୀ ଅରୁଣା ମହାନ୍ତିଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଡି.ଲିଟ୍ ଡିଗ୍ରି ପ୍ରଦାନ କରାଯାଇଛି ୨୦୨୨ ମସିହା ପାଇଁ ୨୨ଜଣ ଛାତ୍ରୀଙ୍କୁ ସମାବର୍ତନ ଉତ୍ସବରେ ସ୍ୱର୍ଣ୍ଣପଦକ ଦିଆଯାଇଛି । ଯେଉଁଥିରେ ପିଜି ବିଭାଗର ଶ୍ରେଷ୍ଠ ୧୫ଜଣ ଛାତ୍ରୀ, ୪ଜଣ ଶ୍ରେଷ୍ଠ ବିଜ୍ଞାନ ଗ୍ରାଜୁଏଟ୍, କଳାର ଶ୍ରେଷ୍ଠ ଗ୍ରାଜୁଏଟ୍, ବାଣିଜ୍ୟର ଶ୍ରେଷ୍ଠ ଗ୍ରାଜୁଏଟ୍ ଓ ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ଗ୍ରାଜୁଏଟ୍ ଛାତ୍ରୀଙ୍କୁ ସ୍ୱର୍ଣ୍ଣପଦକ ମିଳିଛି ।

## ଆଦାନୀ-ହିଣ୍ଡେନବର୍ଗ ମାମଲା....

୩ରୁ ୪ ମିନିଟରେ କ୍ଷୁଦ୍ର ବିକ୍ରୟ ମାଧ୍ୟମରେ ଅନେକ ବାଣିଜ୍ୟ ହୋଇଥାଏ । ମିଳିଥିବା ସୂଚନା ମୁତାବକ ନିବେଶକମାନେ କୋଟି କୋଟି ଟଙ୍କା ହରାଇଛନ୍ତି । ଏହା ଉପରେ ସଲିସିଟର କହିଛନ୍ତି କି, ଏସବୁ ପାଇଁ ଭାରତ ବାହାରେ ଥିବା ଏକ ସଂସ୍ଥା ଦାୟୀ । ଏନେଇ ଆଗକୁ କିଭଳି ନିବେଶକଙ୍କୁ ସୁରକ୍ଷିତ ରଖାଯାଇପାରିବ ତାହା ନେଇ ଆମେ ଚିନ୍ତିତ, ହେଲେ ତୁରନ୍ତ କିଛି କହିବା ଠିକ୍ ନୁହେଁ ବୋଲି ସଲିସିଟର କହିଛନ୍ତି । ମୁଖ୍ୟ ବିଚାରପତି କହିଛନ୍ତି କି ଆସନ୍ତା ସୋମବାରକୁ ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ବ୍ୟବସ୍ଥା ହୋଇଛି । ଏଥିରେ କିଭଳି ସୁଧାର ହୋଇପାରିବ ତାହା ଉପରେ ବିଚାର କରାଯିବ । ଏହାସହ ସେ କହିଥିଲେ କି କେବଳ ଧନୀ ଲୋକ ନିବେଶ କରିନାହାଁନ୍ତି, ଏହି ନିବେଶରେ ମଧ୍ୟମବର୍ଗର ଲୋକମଧ ସାମିଲ ଅଛନ୍ତି ।

## ରମାଦେବୀ ବିଶ୍ୱବିଦ୍ୟାଳୟକୁ ଏକକ....

କାର୍ଯ୍ୟକ୍ରମ ରହିଛି । ଏହି ସମୟରେ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ବିଶେଷ ଭାବରେ ଗୃହ ବିଜ୍ଞାନ ବିଭାଗର ଛାତ୍ରୀମାନେ ରାଜ୍ୟକୁ ଆସୁଥିବା ଅତିଥି ମାନଙ୍କୁ ମାଣ୍ଡିଆ ଜାଉ ପରଷିବାର ଦାୟିତ୍ୱ ନିଅନ୍ତୁ । ଆଜି ସମାବର୍ତନ ସମାରୋହରେ ସମ୍ମାନସୂଚକ ଉପାଧି, ସ୍ୱର୍ଣ୍ଣ ପଦକ ଏବଂ ପିଏଚଡି ଉପାଧି ଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ବିଶ୍ୱବିଦ୍ୟାଳୟର ସମାବର୍ତନ ଉତ୍ସବ ହେଉଛି ଖୁସି ଏବଂ ଉଲ୍ଲାସର ଦିନରୁ ଦାୟିତ୍ୱ ନେବାର ଅବସର । ଆଜି ଉପାଧି ଗ୍ରହଣ କରିଥିବା ଛାତ୍ରୀଛାତ୍ରୀମାନେ ଏକବିଂଶ ଶତାବ୍ଦୀରେ ମାନବତାର ମର୍ଯ୍ୟାଦାକୁ ବଢାଇବେ ବୋଲି କେନ୍ଦ୍ରମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି । ଏହି ଅନୁଷ୍ଠାନର ପୂର୍ବତନ ଛାତ୍ରୀ, ଆମ ସମସ୍ତଙ୍କ ପାଇଁ ଗୌରବ ଆଣିଥିବା ଜନଜାତି ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଏଠାକୁ ଆସିବା ନେଇ ମନରେ ବହୁତ ଉତ୍କଣ୍ଠା ଓ ଆଗ୍ରହ ଥିଲା । ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିବାରୁ ରାଷ୍ଟ୍ରପତିଙ୍କୁ କେନ୍ଦ୍ରମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ ।

## ୟୁପିରେ ଗ୍ଲୋବାଲ ଇନଭେଷ୍ଟର୍ସ ସମ୍ମିଳନୀ....

ସମସ୍ତ ୭୫ ଟି ଜିଲ୍ଲାରେ ଏକକାଳୀନ ପୁଞ୍ଜି ବିନିଯୋଗ କରାଯାଉଛି । ୟୁପି ଗ୍ଲୋବାଲ ଇନଭେଷ୍ଟର୍ସ ସମ୍ମିଳନୀ -୨୦୨୩ ରାଜ୍ୟକୁ ୧ ଟ୍ରିଲିୟନ ଡଲାର ଅର୍ଥନୀତି କରିବା ସହ ଦେଶକୁ ୫ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ କରିବାର ସଂକଳ୍ପ ପୂରଣ କରିବ ବୋଲି ସେ କହିଛନ୍ତି । ବିଶ୍ୱ ନିବେଶକ ସମ୍ମିଳନୀ ଅବସରରେ ନିବେଶ ନେଇ ବିଭିନ୍ନ ଶିଳ୍ପ ସଂସ୍ଥାର ମୁଖ୍ୟ, ନୀତି ନିର୍ଦ୍ଧାରକ ଏବଂ ବିଶେଷଜ୍ଞ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ସେମାନଙ୍କର ସୁଚିନ୍ତିତ ମତାମତ ଉପସ୍ଥାପନ କରିବେ । ୪୧ଟି ଦେଶର୪୦୦ ପ୍ରତିନିଧିଙ୍କୁ ମିଶାଇ ଏହି ସମ୍ମିଳନୀରେ ପ୍ରାୟ ୧୦ ହଜାର ପ୍ରତିନିଧି ଅଂଶ ଗ୍ରହଣ କରୁଛନ୍ତି । ଏଥିରେ ବିଭିନ୍ନ ଦେଶର ମନ୍ତ୍ରୀ ଏବଂ କୁଟନୀତିଜ୍ଞମାନେ ମଧ ଯୋଗଦେଇଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଏହି ବିଶ୍ୱସମ୍ମିଳନୀ ମାଧ୍ୟମରେ ଲକ୍ଷ୍ନୌ ସମଗ୍ର ବିଶ୍ୱରେ ନିଜର ଉପସ୍ଥିତିକୁ ଜାହିର କରିପାରିବ । ଉତ୍ତରପ୍ରଦେଶରେ ହେଉଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ନିବେଶକ ଅଂଶ ଗ୍ରହଣ କରିବାର ସୁଯୋଗ ମଧ ଏହି ଅବସରରେ ପାଇବେ । ଉତ୍ତରପ୍ରଦେଶର ଯୁବବର୍ଗଙ୍କ ପାଇଁ ମାଧ୍ୟମରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମୋଦୀ କହିଛନ୍ତି ।

# ଦିନିକିଆ ଜିଲ୍ଲା ଗ୍ରସ୍ତରେ ବିଜେପିର ରାଜ୍ୟ ସଭାପତି

ଭୁବନେଶ୍ୱର,୧୦/୦୨ (ନି.ପ୍ର): ବିଜେପିର ରାଜ୍ୟ ସଭାପତି ସମୀର ମହାନ୍ତି ଆଜି ଦିନିକିଆ ଭଦ୍ରକ ଜିଲ୍ଲା ଗ୍ରସ୍ତରେ ଆସିଛନ୍ତି । ଭଦ୍ରକ ବିଧାନସଭା ନିର୍ବାଚନ ମଣ୍ଡଳରେ ମଣ୍ଡଳ ସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଇଚ୍ଛାପୁର ସ୍ଥିତ କାଂଚନବାଳା କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ସମ୍ପାଦକ ତଥା ଜିଲ୍ଲା ପ୍ରଭାରୀ କାଳନ୍ଦୀ ସାମଲ, ମହିଳା ମୋର୍ଚ୍ଚାର ଜିଲ୍ଲା ପ୍ରଭାରୀ ସଭାନେତ୍ରୀ ସିପ୍ରା ବାଜପେୟୀ, ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ଧାମନଗର ର ଯୁବ ବିଧାୟକ ସୂର୍ଯ୍ୟବଂଶୀ ସୁରଜ, ଭଣ୍ଡାରିପୋଖରୀ ବିଧାନସଭା ନେତା ବଦ୍ରିନାରାୟଣ ଧଳ, ଭଦ୍ରକ ବିଧାନସଭା ନେତା ଡା. ପ୍ରଦୀପ ନାୟକ, ଜିଲ୍ଲା ସଭାପତି ହେମନ୍ତ ପାଢ଼ୀ ଙ୍କ ସମେତ ଜିଲ୍ଲାର ବହୁ କର୍ମକର୍ତା ମାନେ ଉପସ୍ଥିତ ରହିଥିଲେ ।

# ମାତୃଭୂମି, ମାତୃଭାଷା ପ୍ରୀତି ଜାଗ୍ରତ କରାଏ ମହୋତ୍ସବ



ବସ୍ତା,୧୦/୦୨ (ନି.ପ୍ର): ରୂପସା ପୋଡାଡିହା ଷ୍ଟାର କ୍ଲବ ଓ ମହୋତ୍ସବ କମିଟି ଆନୁକୂଲ୍ୟରେ ୧୧ ତମ ବାର୍ଷିକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଜିଲା ପରିଷଦ ସଭ୍ୟ ସଞ୍ଜୟ କୁମାର ସେଠୀ ଉତ୍ସବକୁ ଉଦଘାଟନ କରି ମହୋତ୍ସବ ସଭିଙ୍କୁ ସମ୍ପର୍କ ରଜ୍ଜୁରେ ବାନ୍ଧି ରଖେ ବୋଲି କହିଥିଲେ । ମୁଖ୍ୟବକ୍ତା ବିଜେଡି ଜିଲା ସାଧାରଣ ସମ୍ପାଦକ ବରଦାପ୍ରସନ୍ନ ପଟ୍ଟନାୟକ ଯୋଗ ଦେଇ ମହୋତ୍ସବ ମାଧ୍ୟମରେ ମାତୃଭାଷା, ମାତୃଭୂମି ପ୍ରୀତି ଜାଗ୍ରତ ହୋଇଥାଏ ବୋଲି ବକ୍ତବ୍ୟରେ କହିଥିଲେ । ସମ୍ମାନୀତ ଅତିଥି ରୂପସା ସରପଞ୍ଚ ମାଳତୀ ପ୍ରଧାନ, କସିପଦା ସରପଞ୍ଚ ଗଙ୍ଗାମଣି ବେହେରା ଓ ସମାଜସେବୀ ବଂଶୀଧର ପଣ୍ଡା ଯୋଗ ଦେଇ ଏହା ମନ, ହୃଦୟର ମିଳନସ୍ଥଳ ବୋଲି କହିଥିଲେ । କମିଟି ସଭାପତି ଅଧାପକ ରବୀନ୍ଦ୍ର କୁମାର ପଣ୍ଡା ଏଥିରେ ପୌରାହିତ୍ୟ କରିଥିଲେ । ସଙ୍ଗୀତଜ୍ଞ ଜୟନ୍ତ କୁମାର ପାଣିଗ୍ରାହୀ ବେଦ ପାଠ କରିଥିଲେ । ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ମାନେ ସ୍ୱାଗତ ସଂଗୀତ ଓ ନୃତ୍ୟ ପରିବେଷଣ କରିଥିଲେ । ଉପଦେଷ୍ଟା ସୁଧାକର ଗିରି ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ସରଗମ ଅରକେଷ୍ଟ୍ରାର ନାଚ ଗୀତ ରେ ସମସ୍ତେ ଝୁମିଥିଲେ । ଓଡ଼ିଆ ଧାରାବାହିକ ଅଭିନେତ୍ରୀ ଝିଲ୍ଲୀଙ୍କ ଅଭିନୟ ଓ ନାଚ ଦର୍ଶକ ମାନଙ୍କୁ ଆକର୍ଷିତ କରିଥିଲା ।

# ରାଧାବଲ୍ଲଭପୁର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାସୁଦେବପୁର, ୧୦/୦୨ (ନି.ପ୍ର): ବାସୁଦେବପୁର ପୌରପାଳିକା ଅନ୍ତର୍ଗତ ରାଧାବଲ୍ଲଭପୁର ପ୍ରାଥମିକ ବିଦ୍ୟାଳୟ ରେ ନବମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ର ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ବେହେରା ଏଥିରେ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ବ୍ଲକ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ, ମୁଖ୍ୟବକ୍ତା କବି ସୁଧାଂଶୁ ଶେଖର ମିଶ୍ର, ସମ୍ମାନିତ ଅତିଥି ସାଂସଦ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, କାଉନ ସିଲର ଭକ୍ତ ରଞ୍ଜନ ପଟ୍ଟନାୟକ, କାର୍ତ୍ତିକ ଖିଲାର, ଲାଲମୋହନ ମଣ୍ଡଳ, ସିଆରସିସି କନକଲତା ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସର୍ବେଶ୍ୱର ମହାନ୍ତି ଶିକ୍ଷକ ସୁକାନ୍ତ ଦାସ ପ୍ରମୁଖ ଏହି ଉତ୍ସବରେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ସମସ୍ତ ଅତିଥି ଛାତ୍ର ଛାତ୍ରୀଙ୍କର ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ । ବିଦ୍ୟାଳୟର ଛାତ୍ର ଛାତ୍ରୀ ଙ୍କୁ ବିଭିନ୍ନ କ୍ଷେତ୍ରରେ ଉଲେଖନୀୟ କୃତିତ୍ୱ ପାଇଁ ପୁରସ୍କାର ପ୍ରଦାନ କରାଯାଇଥିଲା ।

## ରେଳ ଷ୍ଟେସନରେ ବନ୍ଦ ପାଦଚଲା ପୋଲ ଖୋଲିବାକୁ ଦାବି

ବାଲେଶ୍ୱର,୧୦/୦୨ (ନି.ପ୍ର): ବାଲେଶ୍ୱର ରେଳ ଷ୍ଟେସନର ୧ନମ୍ବର ପ୍ଲାଟଫର୍ମରୁ ଅନ୍ୟ ପ୍ଲାଟଫର୍ମକୁ ସଂଯୋଗ କରୁଥିବା ପାଦ ଚଲା ପୋଲ ଦୀର୍ଘ ଦିନ ଧରି ବନ୍ଦ ରହିବା ଫଳରେ ରେଳଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଦକ୍ଷିଣ ପୂର୍ବ ରେଳପଥ ଖଡଗପୁର ଡିଭିଜନର ଏଡିଆରଏମ ବାଲେଶ୍ୱର ଗସ୍ତରେ ଆସିଥିବା ବେଳେ ଯୁବନେତା ବିକ୍ରମ ପଣ୍ଡାଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ଏ ସମ୍ପର୍କରେ ତାଙ୍କୁ ଅବଗତ କରିଥିଲେ। ଷ୍ଟେସନର ମଧ ସ୍ଥଳରେ ଥିବା ଏହି ପାଦ ଚଳା ପୋଲ ବନ୍ଦ ରହିବା କାରଣରୁ ଯାତ୍ରୀମାନଙ୍କୁ ୨ନଂ କିମ୍ବା ୩ ନମ୍ବର ପ୍ଲାଟଫର୍ମକୁ ଚାଲିଚାଲି ଯିବାକୁ ପଡୁଛି । ବିଶେଷ କରି ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମଙ୍କ ବ୍ୟକ୍ତିଙ୍କ ପାଇଁ ଏହା ଯନ୍ତ୍ରଣାଦାୟକ ହୋଇଛି। ଲୋକେ ବାଧ ହୋଇ ଖୋଲା ରେଳ ଲାଇନ ପାରି ହୋଇ ଅନ୍ୟ ପ୍ଲାଟଫର୍ମକୁ ଯାଉଛନ୍ତି। ରେଳଯାତ୍ରୀ ସମେତ ସାଧାରଣ ଲୋକଙ୍କ ବାରମ୍ବାର ଦାବି ପରେ ବି ରେଳ ବିଭାଗ କୌଣସି ପଦକ୍ଷେପ ନ ନେବା ଦୁର୍ଭାଗ୍ୟର ବିଷୟ ବୋଲି ଶ୍ରୀ ପଣ୍ଡା ଆରୋପ କରିଛନ୍ତି। ଆଗାମୀ ୧୫ ଦିନ ମଧ୍ୟରେ ଏହାର ସମାଧାନ କରା ନଗଲେ ବାଲେଶ୍ୱରର ସଚେତନ ନାଗରିକଙ୍କ ସମେତ ଯୁବଗୋଷ୍ଠୀ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ ହେବେ ବୋଲି ସେମାନେ ଚେତାବନୀ ଦେଇଥିଲେ।ଏହି ଅବସରରେ ସେମାନେ ଏକ ଦାବି ପତ୍ର ଖଡ଼ଗପୁର ଡିଭିଜନ ଡିଆରଏମଙ୍କ ଉଦ୍ଦେଶ୍ୟରେ ବାଲେଶ୍ୱର ରେଳ ଷ୍ଟେସନ ପ୍ରବନ୍ଧକଙ୍କୁ ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ବେଳେ ଶ୍ରୀ ପଣ୍ଡାଙ୍କ ସମେତ ନିଶିତ ବାରିକ, ହ୍ରିତିକ ନାୟକ, ସୁରେଶ ଉପାଧ୍ୟାୟ, ସୁଶାନ୍ତ ରଣା, ଶେଖ ଆରଫନ, ଜୀବନ ସଂଗ୍ରାମ ମିଶ୍ର, ସୁମିତ ରଞ୍ଜନ କର, ଅରୁପ ସାହୁ, ରଜତ ଘଡ଼େଇ, ରୁଦ୍ର ନାରାୟଣ ପିରି, ସୁଧାଂଶୁ ଶେଖର ବାରିକ୍, ଦିବ୍ୟ ରଞ୍ଜନ ଦାସ, ପଙ୍କଜ ଘୋଷ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

# ଦୁଇଦିନିଆ 'ଆକ୍ୱା ଏକ୍ସପୋ-୨୦୨୩' ଉଦ୍‌ଘାଟିତ




ବାଲେଶ୍ୱର,୧୦/୦୨ (ନି.ପ୍ର): ହାଇଦରାବାଦର ଏନଆରଏସ ପବ୍ଲିକେସନ, ଓଡ଼ିଶା ଆକ୍ୱାଟିକ ଫିଡ୍ ଓ ମେରାଇନ ଏକ୍ସପୋଟର୍ସ ଆସୋସିଏସନ, ଓଡିଶା ଶ୍ରିମ୍ପ ଫାର୍ମର୍ସ ଆସୋସିଏସନ, ବାଲେଶ୍ୱର ଶିଳ୍ପ ଓ ବାଣିଜ୍ୟ ସଙ୍ଘ ଏବଂ ଓଡିଶା ଆକ୍ୱା ଏମ୍ପ୍ଲୋୟିଜ ଆସୋସିଏସନର ମିଳିତ ସହଯୋଗରେ ଜାତୀୟ ସ୍ତରର ଜଳଚର ପ୍ରଦର୍ଶନୀ 'ଆକ୍ୱା ଏକ୍ସପୋ-୨୦୨୩'ସ୍ଥାନୀୟ ଆଇଟିଆଇ ପଡ଼ିଆରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ରାଜ୍ୟ କୃଷି, ମତ୍ସ୍ୟଚାଷ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଆକ୍ୱା ଏକ୍ସପୋକୁ ଉଦ୍‌ଘାଟନ କରିଥିଲେ। କେବଳ ବାଲେଶ୍ୱର ନୁହେଁ ମତ୍ସ୍ୟ ଚାଷ କ୍ଷେତ୍ରରେ ଓଡ଼ିଶାର ଚାଷୀଙ୍କୁ ସଚେତନତା କରିବାରେ ଏହି ମେଳା ବେଶ ଗୁରୁତ୍ୱ ବହନ କରୁଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରକାଶ କରିଥିଲେ। ଓଡ଼ିଶାର ସମଗ୍ର ଉପକୂଳ ଅଞ୍ଚଳରେ ୨୪ ହଜାର ବର୍ଗ କିଲୋମିଟର ଜମିର ସାମୁଦ୍ରିକ ଓ ୬ ଲକ୍ଷ ୮୭ ହଜାର ହେକ୍ଟର ମଧୁର ଜଳ ଥିବା ଅଞ୍ଚଳରେ ମଧୁର ମାଛ ଚାଷର ସୁଯୋଗ ରହିଛି। ଏହାର ବ୍ୟବହାର ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ମତ୍ସ୍ୟ ଚାଷ ଓ ମତ୍ସ୍ୟ ଶିଳ୍ପର ବିକାଶ ପାଇଁ ବହୁ ଯୋଜନା କାର୍ଯ୍ୟକାରୀ ହେଉଛି। ଗତ ୨୦ ବର୍ଷ ମଧ୍ୟରେ ବିଦେଶକୁ ମତ୍ସ୍ୟ ରପ୍ତାନୀ କ୍ଷେତ୍ରରେ ବି ଓଡ଼ିଶା ଅଗ୍ରଣୀ ସ୍ଥିତିରେ ରହିଛି। ଗତବର୍ଷ ୪୫୨୬ କୋଟି ଟଙ୍କାର ମାଛ ବିଦେଶକୁ ରପ୍ତାନୀ କରାଯାଇଥିବା ବେଳେ ଆସନ୍ତା ୫ ବର୍ଷ ମଧ୍ୟରେ ଏହା ୨୦ ହଜାର କୋଟି ଟଙ୍କାକୁ ଟପିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। କୃଷି ଭଳି ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ମଧ୍ୟ ଓଡ଼ିଶା ଆଶାତୀତ ସଫଳତା ପାଇ ଅନ୍ୟ ରାଜ୍ୟମାନଙ୍କ ପାଇଁ ଉଦାହରଣ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ। ସଦର ବିଧାୟକ ସ୍ୱରୂପ କୁମାର ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଭାରତ ସରକାରଙ୍କ ସାମୁଦ୍ରିକ ଦ୍ରବ୍ୟ ରପ୍ତାନୀ ଉନ୍ନୟନ ପ୍ରାଧିକରଣ (ଏମପିଇଡିଏ) ରାଜ୍ୟ ଉପ-ନିର୍ଦ୍ଦେଶକ ରାଜକୁମାର ନାୟକ, ମ୍ୟାଗନମ ଗ୍ରୁପ ଅଫ ଇଣ୍ଡଷ୍ଟ୍ରିଜର ନିର୍ଦ୍ଦେଶକ ପ୍ରେମ ଶଙ୍କର ଶତପଥୀ, ଫାଲକନ ମେରାଇନର ନିର୍ଦ୍ଦେଶିକା ପ୍ରିୟଙ୍କା ମହାନ୍ତି, ଓଡିଶା ସ୍ରିମ୍ପ ଫାର୍ମାର୍ସ ଆସୋସିଏସନର ଅଧ୍ୟକ୍ଷ ସଞ୍ଜୟ ମହାନ୍ତି ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମତ୍ସ୍ୟଚାଷର ବିକାଶ, ଚାଷୀଙ୍କ ଉନ୍ନତି ଓ ସଫଳ ବ୍ୟବସାୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।ଏହି ପ୍ରଦର୍ଶନୀରେ ଉପଲବ୍ଧ ପ୍ରଶିକ୍ଷଣ ବ୍ୟବସ୍ଥା ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ଚିଙ୍ଗୁଡ଼ି ଚାଷୀଙ୍କ ପାଇଁ ମତ୍ସ୍ୟ ଉତ୍ପାଦନ ଓ ବ୍ୟବସାୟ ପାଇଁ ବେଶ ସହାୟକ ହେବ ବୋଲି ଅତିଥିମାନେ ଆଶା ପ୍ରକାଶ କରିଥିଲେ। ମତ୍ସ୍ୟ ଚାଷ ସମ୍ପ୍ରତି ଓଡ଼ିଶାର ଗ୍ରାମାଞ୍ଚଳ ଆର୍ଥିକ ସ୍ଥିତି ସୁଧାରରେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ବ୍ୟାପକ ଆତ୍ମ ନିଯୁକ୍ତିର ସୁଯୋଗ ସୃଷ୍ଟି କରିପାରିଛି। ଏଥିରେ ଅଧିକରୁ ଅଧିକ ଯୁବଗୋଷ୍ଠୀ ସାମିଲ ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଆକ୍ୱାଟିକ୍ ଫିଡ ଡିଲର୍ସ ଆସୋସିଏସନର ଉପ-ସଭାପତି ତଥା ବାଲେଶ୍ୱର ଚାମ୍ବର ଅଫ ଇଣ୍ଡଷ୍ଟ୍ରିଜ୍ ଏଣ୍ଡ କମର୍ସ (ବିସିଆଇସି)ର ସମ୍ପାଦକ ସଂଗ୍ରାମ ଦାସ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବା ସହ ପ୍ରଦର୍ଶନୀ ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅତ୍ୟାଧୁନିକ ବୈଷୟିକ ଜ୍ଞାନ କୌଶଳ ବ୍ୟବହାର କରି ଅଧିକ ଉତ୍ପାଦନକ୍ଷମ ମତ୍ସ୍ୟ ଚାଷ ପାଇଁ ଚାଷୀଙ୍କୁ ସଚେତନ କରିବା ଆକ୍ୱା ଏକ୍ସପୋର ମୂଳ ଲକ୍ଷ୍ୟ ବୋଲି ସେ କହିଥିଲେ । ହାଇଦ୍ରାବାଦରୁ ପ୍ରକାଶିତ ଆକ୍ୱା ଇଣ୍ଟରନ୍ୟାସନାଲ ପତ୍ରିକାର ସମ୍ପାଦକ ତଥା ବାଲେଶ୍ୱର ଆକ୍ୱାକଲଚର ଏକ୍ସପୋ ୨୦୨୩ର ମୁଖ୍ୟ କାର୍ଯ୍ୟନିର୍ବାହୀ ଏମଏ ନଜିର ଏଥିରେ ମଞ୍ଚାସୀନ ଥିବା ବେଳେ ରହି ଓଡିଶା ଆକ୍ୱାଟିକ୍ ଫିଡ ଡିଲର୍ସ ଓ ମେରାଇନ ଏକ୍ସପୋର୍ଟର୍ସ ଆସୋସିଏସନର ସମ୍ପାଦକ ଅଭୟ ମହାପାତ୍ର ଏଥିରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆକ୍ୱା ଏକ୍ସପୋର ଆୟୋଜନ କମିଟିର ସମ୍ପାଦକ (ଫାଇନାନ୍ସ) ଦିଲ୍ଲୀପ କୁମାର ସାହୁଙ୍କ ସଂକଳିତ ଓ ସେଭ ସି ଫୁଡ ଦ୍ୱାରା ପ୍ରକାଶିତ ସମାଜିକ ସଚେତନଧର୍ମୀ ଦୁଇଗୋଟି ପୁସ୍ତକ 'ମୁଁ ଗଛ କହୁଛି' ଓ 'ଆମେ କଣ ବାଞ୍ଚ ହେବା ?'କୁ ଅତିଥିମାନେ ଉନ୍ମୋଚନ କରିଥିଲେ।

## ପଂଚଲିଙ୍ଗେଶ୍ୱର ଶୈବପୀଠରେ ଦୋକାନୀ ଓ ଯାତ୍ରୀ ସୁରକ୍ଷା କମିଟିର ସଫେଇ କାର୍ଯ୍ୟକ୍ରମ

ନୀଳଗିରି,୧୦/୦୨ (ନି.ପ୍ର): ନୀଳଗିରି ଉପଖଣ୍ଡର ପ୍ରସିଦ୍ଧ ଶୈବପୀଠ ବାବା ପଂଚଲିଙ୍ଗେଶ୍ୱରକୁ ଦୈନନ୍ଦିନ ହଜାର ହଜାର ଭକ୍ତ, ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥାଏ ଏବଂ ସେମାନେ ସେହିଠାରେ ଅଳିଆ ଆର୍ବଜନାକୁ ଫୋପାଡ଼ି ଦେଇଥାନ୍ତି। ଆଜି ସକାଳେ ପ୍ରାୟ ୧୦ଟା ସମୟରେ ପଂଚଲିଙ୍ଗେଶ୍ୱର ପୀଠରେ ଥିବା ସମସ୍ତ ଦୋକାନୀ ମାନଙ୍କୁ ନେଇ ଯାତ୍ରୀ ସୁରକ୍ଷା କମିଟିର ମିଳିତ ଉଦ୍ୟମରେ ପଂଚଲିଙ୍ଗେଶ୍ୱରକୁ ପ୍ଲାଷ୍ଟିକ ମୁକ୍ତ କରିବା ଏବଂ ସଫା ରଖିବା ଏକ ସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି । ଶୈବପୀଠ ଠାରୁ ପାର୍କିଙ୍ଗ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱକୁ ସଫା ସୁତୁରା କରାଯାଇଥିଲା । ଆଗକୁ ମହା ଶିବରାତ୍ରୀ ଥିବାରୁ ଶୈବପୀଠକୁ ପରିଷ୍କାର ଓ ପରିଚ୍ଛନ୍ନ ରଖିବା ପାଇଁ ସମସ୍ତଙ୍କୁ ସଚେତନ କରାଯାଇଥିଲା । ଏହି ସଫେଇ କାର୍ଯ୍ୟକ୍ରମରେ ଦୋକାନ ଭାଇମାନେ ଓ ଯାତ୍ରୀ ସୁରକ୍ଷା କମିଟିର ସମସ୍ତ ସଭ୍ୟ/ସଭ୍ୟାମାନେ ହାତରେ ଝାଡୁ, ପାଛିଆ, ବୁରା ଧରି ବିଭିନ୍ନ ଜାଗାରୁ ପ୍ଲାଷ୍ଟିକ ଝରି, କାଗଜ ସହ ବିଭିନ୍ନ ଅପରିଷ୍କାର ଜାଗାକୁ ପରିଷ୍କାର କରିଥିଲେ। ଏହି ଅବସରରେ ଶ୍ୟାମସୁନ୍ଦରପୁର ଗ୍ରା.ପ. ସରପଂଚ ପୁରୁଷୋତମ ସେଠୀ, ସମାଜସେବୀ ମନୋରଂଜନ ଦାସ, ଦୋକାନୀ ଓ ଯାତ୍ରୀ କମିଟିର ସଭାପତି ସୁରେନ୍ଦ୍ର ଦାସ, ସମ୍ପାଦକ ସିଦ୍ଧାର୍ଥ ସେଠୀ, ମଂଜୁଲତା ବେହେରା, ଶଙ୍କର୍ଷଣ ଜେନା, ଗୋବିନ୍ଦ ଦାସ, ପ୍ରଶାନ୍ତ କୁମାର ବିଶ୍ୱାଳ, ଅନିଲ ସେଠୀ, ସୁରେନ୍ଦ୍ର ବେହେରା, ବିଭାସ ସେଠୀ, ସନାତନ ସେଠୀ, ସୁନିଲ ସେଠୀ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏପରି କାର୍ଯ୍ୟକ୍ରମକୁ ଜନସାଧାରଣ ବେଶ୍ ପ୍ରଶଂସା କରିଥିଲେ ।

## ଶିଳ୍ପୀ ବିକାଶ ମହୋତ୍ସବ ଓ କୁଞ୍ଜମେଳାର ଦ୍ୱିତୀୟ ସଂଧ୍ୟା

### ଶିଳ୍ପୀର ସ୍ପର୍ଶ ସୃଷ୍ଟିକରେ ଜୀବନ୍ତ ମୂର୍ତ୍ତି : ମଣିଷର ଆବେଗକୁ କରେ ଆହ୍ୱାନ




ଜଳେଶ୍ୱର,୧୦/୦୨ (ନି.ପ୍ର): ଜଳେଶ୍ୱରର ଶାଳିକୋଠାଠାରେ ଆରମ୍ଭ ହୋଇଥିବା ଶିଳ୍ପୀବିକାଶ ମହୋତ୍ସବ ଓ କୁଞ୍ଜ ମେଳାର ୨ୟ ସଂଧ୍ୟାରେ ଶିଳ୍ପୀ ନିର୍ଜିବକୁ ଦେଇପାରେ ଜୀବନ୍ୟାସ, ଆବେଗକୁ କରେ ଅଧିକ ଆନ୍ଦୋଳତ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ଆୟୋଜିତ ସଭାରେ ଅବସରପ୍ରାପ୍ତ ସାମରିକ ଅଧିକାରୀ ତାରାକାନ୍ତ ମହାନ୍ତି ସଭାପତିତ୍ୱ କରି ଶିଳ୍ପୀ ଗାଁକୁ ସରକାର ଶିଳ୍ପୀ ଗ୍ରାମର ମାନ୍ୟତା ଦେବାକୁ କହିଥିଲେ । ମୁଖ୍ୟ ଅତିଥିଭାବେ ସମାଜସେବୀ ତଥା ଯୁବନେତା କନିଷ୍କ ବୋଧିସତ୍ୱ ଦାସ ଯୋଗ ଦେଇ ଜଣେ ଶିଳ୍ପୀ ତାର ଅଭିଜ୍ଞତାରୁ ସମାଜ ସଂସ୍କାର ସୃଷ୍ଟି କରିପାରୁଥିବାରୁ ସେମାନଙ୍କର ଉଚ୍ଚ ଶିକ୍ଷା ଏବଂ ସାମାଜିକ ନ୍ୟାୟ ମିଳିବା ସଂପର୍କରେ କହିଥିଲେ । ମୁଖ୍ୟବକ୍ତାଭାବେ ବାଗିଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିବେକାନନ୍ଦ ସାହୁ ଶିଳ୍ପୀଙ୍କୁ ବିଶ୍ୱକର୍ମା ସହିତ ତୁଳନା କରି ଆଧ୍ୟାତ୍ମିକ ଚିନ୍ତା ଚେତନା ମଧ୍ୟରେ ସମାଜକୁ ଦିଗ୍‌ଦର୍ଶନ ଦେଇଥାନ୍ତି ବୋଲି କହିଥିଲେ । ସମ୍ମାନୀତ ଅତିଥିଭାବେ ସାମ୍ବାଦିକ ଦୁର୍ଗାଶଂକର ଗିରି ଓ ରବିନାରାୟଣ ପାତ୍ର ଯୋଗ ଦେଇ ଶିଳ୍ପୀର ସ୍ଥାପତ୍ୟ ଯୁଗାନ୍ତକାରୀ ସୃଷ୍ଟି । ସମାଜକୁ ଦେଉଥିବା ଦର୍ଶନ ପ୍ରତି ସରକାର ସମବେଦନ ହେବା ଉଚିତ ବୋଲି କହିଥିଲେ । ମଂଚ ଆହ୍ୱାନ ଅନୁପ କୁମାର ପଣ୍ଡା କରିଥିବା ବେଳେ ବସନ୍ତ ଦାସ ଧନ୍ୟବାଦ ଓ କେଶବ ଦାସ ଉଦ୍ଦେଶ୍ୟଜ୍ଞାପନ କରିଥିଲେ । ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ପ୍ରଶାସନ ସହାୟତାରେ ଆପତକାଳୀନ ମକଡ୍ରିଲ



ବାଲେଶ୍ୱର,୧୦/୦୨ (ନି.ପ୍ର): ଜିଲା ପ୍ରଶାସନର ସହଯୋଗରେ ଚାନ୍ଦିପୁର ରୋଡ଼ର ହିଡିଗାଁ ସ୍ଥିତ ଇଣ୍ଡିଆନ ଅଏଲର ପାରାଦୀପ-ହଳଦିଆ ପାଇପ ଲାଇନ୍ ଷ୍ଟେସନରେ ଏକ ଆପାତକାଳୀନ ମକ ଡ୍ରିଲ୍ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏନଡିଆଁରଏଫ, ଅଗଶମ ବିଭାଗ, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ଜିଲ୍ଲା ପ୍ରକଳ୍ପ ଅଫିସ, ଆଇଓସିଏଲ ବଟଲିଂ ପ୍ଲାଣ୍ଟ, ଆଇଓସିଏଲ ସୋମନାଥପୁର ଡିପୋ, ଏଚବିଏମ୍ଏଲ ପାଇପ ଲାଇନ୍ କର୍ମଚାରୀଙ୍କ ସମେତ ପାଇପ ଲାଇନ୍ ଷ୍ଟେସନରେ କାର୍ଯ୍ୟରତ କର୍ମଚାରୀ ଠିକା କର୍ମଚାରୀ ଏହି ଡ୍ରିଲରେ ଅଂଶ ଗ୍ରହଣ କରିଥିଲେ। ତୈଳ ସଂସ୍ଥାରେ ନିଆଁ ଲାଗିଲେ କିପରି ଆୟତ୍ତ କରାଯିବ, ଆହତଙ୍କୁ ଉଦ୍ଧାର ଓ ଚିକିତ୍ସା ଆଦି ସମ୍ପର୍କରେ ଡ୍ରିଲ ଦ୍ୱାରା ଅଭ୍ୟାସ କରାଯାଇଥିଲା। ଏନ୍‌ଡିଆରଏଫ୍ ଓ ଜିଲ୍ଲା ହସ୍ପିଟାଲ ଟିମ୍ ଆହତ ମାନଙ୍କୁ ଉଦ୍ଧାର ଓ ଆଶୁ ଚିକିତ୍ସା ପ୍ରଦାନ ସମ୍ପର୍କରେ ମକଡ୍ରିଲ ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ଜିଲ୍ଲା ପ୍ରକଳ୍ପ ଅଧିକାରୀ ପ୍ରଭୁ ପ୍ରସାଦ ମହାରଣା, ପାର୍ଥ ସାରଥୀ ନାୟକ, ଏନଡିଆରଏଫ୍‌ରୁ ଏସଏସସୁମନ, ଜିଲ୍ଲା ଅଗ୍ନି ସେବା ଅଧିକାରୀ, ଆଇଓସିଏଲର ଚିଫ୍ ଅପରେସନ ମ୍ୟାନେଜର ମହେନ୍ଦ୍ର କୁମାର ସାହୁ ଓ ଫାୟାର ଅଫିସର୍ ସମୀରଣ ଗୋଗୋଇ ପ୍ରମୁଖ ଏହି ଆପାତକାଳୀନ ମକଡ୍ରିଲକୁ ପରିଚାଳନା କରିଥିଲେ।

## ପୁରୁଷ ଶୂନ୍ୟ ଏକ ପରିବାରର କରୁଣ ଚିତ୍କାର ମାତା ଶାନ୍ତିଙ୍କୁ ମିଳିଲା ନାହିଁ ସାମାଜିକ ସୁରକ୍ଷା : ପାଠ ପଢ଼ାରେ ଡ଼ୋରି ବାନ୍ଧିଲେ ବାପ ଛେଉଣ୍ଡ କନ୍ୟା ସବିତା



ଉଦଳା,୧୦/୦୨ (ନି.ପ୍ର): ଏ ହେଉଛି ଉଦଳା ବ୍ଲକର ନୂଆଗାଁ ଗ୍ରାମପଂଚାୟତ ଅନ୍ତର୍ଗତ ଅଶନବଣୀ ଗ୍ରାମର ଦୃଶ୍ୟ । ଗୋଟିଏ ପରିବାର ସମ୍ପୂର୍ଣ୍ଣ ପୁରୁଷ ଶୂନ୍ୟ ହୋଇଗଲା ପରେ, ପରିବାରର ଲୋକେ ଯେଉଁ ଯନ୍ତ୍ରଣା ଅନୁଭବ କରୁଛନ୍ତି ତାହାକୁ ଭାଷାରେ ବର୍ଣ୍ଣନା କରାଯାଇ ପାରିବ ନାହିଁ । ଅଶନବଣୀ ଗ୍ରାମର ବାସିନ୍ଦା କାଳିଆ ଦଳେଇ ଆଜକୁ ୨ ବର୍ଷ ପୂର୍ବେ ସବୁଦିନ ପାଇଁ ଆଖି ବୁଜି ଦେଲେ । ତହିଁ ପରଠାରୁ ତାଙ୍କର ସହଧର୍ମିଣୀ ଶାନ୍ତି ଦିନ ମଜୁରିଆ ଭାବରେ କାମ କରି ତାଙ୍କର ୩ଟି କନ୍ୟା ସନ୍ତାନଙ୍କୁ ପାଠ ପଢ଼ାଉଛନ୍ତି । ସରକାରଙ୍କର ସାମାଜିକ ସୁରକ୍ଷା ଯୋଜନାରେ ଏ ପର୍ଯ୍ୟନ୍ତ ଶାନ୍ତିଙ୍କୁ ଭତା ଟଙ୍କା ମିଳୁନାହିଁ । ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବା ବେଳେ ଜ୍ୟେଷ୍ଠ କନ୍ୟା ସବିତା ପାଠ ପଢ଼ାରେ ଡ଼ୋରିବାନ୍ଧିବାକୁ ବାଧ ହେଲେ। ସେ ଗ୍ରାମରେ ଥିବା ବିଦ୍ୟାଳୟରେ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଛନ୍ତି । ସବିତାଙ୍କୁ ବର୍ତ୍ତମାନ ବୟସ ୧୩ ଛୁଇଁଲା । ସେ ମଧ ମା'ଙ୍କ ସହିତ ପରଘରେ ଦିନ ମଜୁରିଆ ଭାବରେ କାମ କରି ସାନ ଦୁଇ ଭଉଣୀକୁ ପାଠ ପଢ଼ାରେ ସାହାଯ୍ୟ କରୁଛନ୍ତି । ସରକାରଙ୍କ ଘୋଷଣା ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ପ୍ରଦାନ କରାଯିବ। କିନ୍ତୁ ଏହି ଘୋଷଣା ଏବେ ପ୍ରହସନରେ ପରିଣତ ହୋଇ ଯାଇଛି । ବାପ ଛେଉଣ୍ଡ କନ୍ୟା ସବିତା ଏହାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ।

## ବାରାପାଳ ସ୍କୁଲର ବାର୍ଷିକ ଉତ୍ସବ : ସ୍କୁଲ ପ୍ରତିଷ୍ଠାତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ଅମର୍ଦାରୋଡ,୧୦/୦୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ରୂପସା ଥାନା ଅନ୍ତର୍ଗତ ବାରାପାଳ ସ୍ଥିତ ଉଦୟନାଥ ମହାପାତ୍ର ଉଚ୍ଚ ବିଦ୍ୟାନିକେତନ ଓ ରାଧାକୃଷ୍ଣ ଉପ୍ରା ବିଦ୍ୟାଳୟର ମିଳିତ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ କମିଟିର ପୂର୍ବତନ ସଭାପତି ଅକ୍ଷୟ କୁମାର ମହାପାତ୍ର ପୌରାହିତ୍ୟରେ ମୁଖ୍ୟ ଅତିଥି ଭାବେ ବିଧାୟକ ନିତ୍ୟାନନ୍ଦ ସାହୁ ଯୋଗଦେଇ ଉତ୍ସବକୁ ଉଦଘାଟନ କରି ପିଲାମାନେ ରାଷ୍ଟ୍ର ବିକାଶର ସାରଥୀ ହେବେ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ସହକାରୀ ପ୍ରାଧ୍ୟାପକ ରାଧାଗୋବିନ୍ଦ କୁଇଲା, ସମ୍ମାନୀତ ଅତିଥି ସମାଜସେବୀ ସୁବାସିନୀ ଜେନା ଓ ଜିଲା ଶିକ୍ଷାଧିକାରୀ ବିଷ୍ଣୁଚରଣ ସୁତାର ଯୋଗ ଦେଇ ଧୈର୍ଯ୍ୟ, ଦୃଢ ମନୋବଳ ଓ ଆପ୍ରାଣ ଉଦ୍ୟମ ବଳରେ ଛାତ୍ର ଛାତ୍ରୀ ସଫଳତା ପ୍ରାପ୍ତି ହୋଇଥାନ୍ତି ବୋଲି କହିଥିଲେ। ଅନ୍ୟତମ ଅତିଥି ଡ. ଅନୁପମ ମହାପାତ୍ର, ସିଆରସିସି ଅନିଲ କୁମାର ପାତ୍ର, ସରପଞ୍ଚ ଅଞ୍ଜୁଲତା ମଣି, ସମିତିସଭ୍ୟ ହରେକୃଷ୍ଣ ପାଲ,ସମାଜସେବୀ ମହାଦେବ ଦାସ, ପୂର୍ବତନ ବ୍ୟାଙ୍କ ମେନେଜର ଯୋଗେଶ୍ୱର ମହାପାତ୍ର, ଏସଏମସି ସଭାପତି ଭାଗିରଥି ନାୟକ ପ୍ରମୁଖ ଯୋଗଦେଇ ନିଜ ନିଜ ବକ୍ତବ୍ୟ ରଖିଥିଲେ। ହାଇସ୍କୁଲ ପ୍ରଧାନ ଶିକ୍ଷକ ଗିରିଜା ଶଙ୍କର ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଂସ୍କୃତ ଶିକ୍ଷକ ବାସୁଦେବ ବେହେରା ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥି ମାନେ ବିଦ୍ୟାଳୟର ପ୍ରତିଷ୍ଠାତା ଉଦୟନାଥ ମହାପାତ୍ର ଓ ରାଧାକୃଷ୍ଣ ମହାପାତ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଶିକ୍ଷକ ଭବାନୀ ଶଙ୍କର ଭୋଇଙ୍କ ମଞ୍ଚ ସଂଯୋଜନାରେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଚିତ୍ରରେଖା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁଇ ଘଟଣାରେ ୨୭୩ ଗ୍ରାମ ବ୍ରାଉନ୍‌ସୁଗର ଜବତ୍ : କାର୍ ଓ ବାଇକ୍ ସହିତ ୩ ଗିରଫ



ଜଳେଶ୍ୱର,୧୦/୦୨ (ନି.ପ୍ର): ଦୀର୍ଘଦିନ ବ୍ୟବଧାନ ପରେ ଜଳେଶ୍ୱର ପୋଲିସ୍ ବ୍ରାଉନ୍ ସୁଗର ବ୍ୟବସାୟୀଙ୍କୁ ସାବାଡ କରିବାଲାଗି ପଦକ୍ଷେପ ହାତକୁ ନେଇଛି । ଜଳେଶ୍ୱର ଥାନାର ଦୁଇଟି ଘଟଣାରେ ମୋଟ ୨୭୩ ଗ୍ରାମ ବ୍ରାଉନ୍‌ସୁଗର ଜବତ୍ ସହିତ ୧ କାର, ୧ବାଇକ୍ ସହିତ ୩ଯୁବକଙ୍କୁ ଗିରଫ କରିଛି ବୋଲି ଆଜି ବାଲେଶ୍ୱର ଏସ୍‌ପି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛି । ଜଳେଶ୍ୱର ବଜାର ଅନତୀଦୂର ପୂର୍ତ୍ତ ବିଭାଗର ଡାକବଂଗଳ ନିକଟରୁ ଜଣେ ଅଲାଲପୁର ଗାଁର ୩୩ ବର୍ଷିୟ ଯୁବକ ଏକ ଟିଭିଏସ୍ ସ୍କଟ (ଓଆର୦୧-ଟି-୯୫୯୩) ରେ ୧୭ଗ୍ରାମ ବ୍ରାଉନ୍ ସୁଗର ଧରି ଗଲାବେଳେ ପୂର୍ବରୁ ଏସ୍‌ପିଙ୍କ ନିର୍ଦ୍ଦେଶରେ ଜାଲ ବିଛାଇଥିବା ଟାକ୍ସଫୋର୍ସ ଜଣକୁ ମାଡି ବସିଥିଲା । ତା ନିକଟରୁ ଜବତ୍ ହୋଇଥିବା ବ୍ରାଉନ୍‌ସୁଗରର ମୂଲ୍ୟ ୧ଲକ୍ଷ୭୦ହଜାର ଟଙ୍କା ହେବ ବୋଲି ଏସ୍‌ପତ ସାଗରିକ ନାଥ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ତା ନିକଟରୁ ଏକ ସାମସଙ୍ଗ ମୋବାଇଲ ଜବତ୍ କରାଯାଇ ମାମଲା ନଂ ଏଡିପିଏସ୍-୫୬ରେ କୋର୍ଟ ଚାଲାଣ କରାଯାଇଛି । ସେହିପରି ଅନ୍ୟଏକ ଘଟଣାରେ ଆଜି ଜଳେଶ୍ୱରରୁ କମର୍ଦ୍ଦ ଅଭିମୁଖେ ଯାଉଥିବା ମାରୁତି ସୁଜକି ଅଲଟୋ (ଓଡି-୦୧-କ୍ୟୁ-୦୬୯୪)ରେ ୨୫୬ ଗ୍ରାମ ବ୍ରାଉନ୍ ସୁଗର ଧରି ଗଲାବେଳେ ପୁଲିସ୍ ହାତରେ ଧରାପଡିଛନ୍ତି । ଏହାର ଆନୁମାନିକ ମୂଲ୍ୟ ୨୫ଲକ୍ଷ୬୦ହଜାର ହେବ ବୋଲି କୁହାଯାଇଥିବା ବେଳେ ସଂପୃକ୍ତ ୨ ଯୁବକଙ୍କ ଘର କଣ୍ଠାବଣି ଓ ବାଉଁଶଡିହା ଅଂଚଳର ବୋଲି ଜଣାଯାଇଛି । ଏନ୍‌ଡିପିଏସ୍- ୫୭ ମୂଳେ ସେମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ସେମାନଙ୍କ ନିକଟରୁ ୨ଟି ସ୍ମାଟ ମୋବାଇଲ, ୧ଟି ଆଧାର କାର, ଭୋଟର ଆଡିକାର୍ଡ, ୭ଟି ବ୍ୟାଙ୍କର ଡେବିଟ୍ କାର୍ଡ, ଗୋଟିଏ ମନିପର୍ସ ଓ ୧୯୦ ଟଙ୍କା ଜବତ୍ କରାଯାଇଥିବା ଏସ୍‌ପି ସାଗରିକା ନାଥ ସାମ୍ବାଦିକ ମାନଙ୍କୁ ସୁଚନା ଦେବା ସହ ଆଗାମୀ ଦିନରେ ବହୁ ନୂତନ ତଥ୍ୟ ପଦାକୁ ଆସିବ ବୋଲି ସୂଚନା ଦେଇଛନ୍ତି । ଜଳେଶ୍ୱର ଏସ୍‌ପିଙ୍କ ସହିତ ଏସ୍‌ଡିପିଓ ତଥା ଟାକ୍ସଫୋର୍ସର ସଦସ୍ୟ ଦିଲ୍ଲିପ କୁମାର ସାହୁ, ଆଇଆଇସି ରୋଜାଲିନ୍ ବେହେରା ଓ ଶିବପ୍ରସାଦ ଭଦ୍ରା ଉପସ୍ଥିତ ଥିଲେ । ପ୍ରକାଶଯୋଗ୍ୟ ପୂର୍ବରୁ ଜଳେଶ୍ୱର ଆଇଆଇସି ସାମ୍ବାଦିକ କୌଣସି ଖବର ନ ଦେବା ସହିତ କଟୁ ମନ୍ତବ୍ୟ ଦେଉଥିବା ବେଳେ ଏବର ଏସ୍‌ପିଙ୍କ ନିର୍ଦ୍ଦେଶରେ ଜରୁରୀ ଖବର ସଂପର୍କରେ ଜଳେଶ୍ୱର ଏସ୍‌ଡିପିଓଙ୍କ ମତାମତ ଲୋଡିବାକୁ କହିଥିବାରୁ ସାମ୍ବାଦିକଙ୍କ ମହଲରେ ବଧେଇ ଦିଆଯାଇଛି ।

## ରାଷ୍ଟ୍ରପତିଙ୍କ ଦ୍ୱାରା ରାଜଭବନରେ ନୂତନ ଅଭିଷେକ ହଲ୍ ଉଦ୍‌ଘାଟିତ

ଭୁବନେଶ୍ୱର,୧୦/୦୨ (ନି.ପ୍ର): ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆଜି ଅପରାହ୍ନରେ ରାଜଭବନ ପରିସରରେ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ସଦୟ ଉପସ୍ଥିତିରେ ନୂତନ ଭବ୍ୟ ଅଭିଷେକ ହଲର ଶୁଭ ଉଦ୍‌ଘାଟନ କରିଛନ୍ତି । ଉଦ୍‌ଘାଟନ ସମୟରେ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ସମେତ ରାଜ୍ୟ ପ୍ରଶାସନର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ୪୭ ହଜାର ୩୯୦ ବର୍ଗଫୁଟ ବିଶିଷ୍ଟ ଏହି ଅତ୍ୟାଧୁନିକ ଭବ୍ୟ ଅଭିଷେକ ହଲର ନିର୍ମାଣରେ ୨୫.୨୩ କୋଟି ଟଙ୍କା ବ୍ୟୟ ହୋଇଛି । ଏହାର ମୁଖ୍ୟ ସମ୍ମିଳନୀ କକ୍ଷରେ ୯୦୦ ଅତିଥିଙ୍କ ବସିବା ସୁବିଧା ରହିଥିବାବେଳେ ୧୨୦୦ ଲୋକ ଠିଆ ହୋଇପାରିବେ ।

## ବରଣ୍ଡୁଆ ଜଗନ୍ନାଥ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ବାସୁଦେବପୁର,୧୦/୦୨ (ନି.ପ୍ର): ବାସୁଦେବପୁର ବ୍ଲକ ର ବରଣ୍ଡୁଆ ଗ୍ରାମ ପଂଚାୟତ ରେ ଥିବା ତୋଟା ପଡିଆ ରେ ଜଗନ୍ନାଥ କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି ଓ ପ୍ରଥମ ସେମିଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ର ରୂପଖଣ୍ଡ ଓ ସୋର ଓଦା ଆ ଡିଆ ମଧରେ ଖେଳ ହୋଇଥିଲା । ପ୍ରଥମେ ଟସ ଜିତି ବାଲେଶ୍ୱର ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ୨୦ ଓଭରରେ ୬ ଉଇକେଟ ହରାଇ ୨୧୯ ରନ ସଂଗ୍ରହ କରିଥିଲେ । ଏହାର ଜବାବ ରେ ସୋର ୧୫୮ ରନ କରି ଅଲ ଆଉଟ ହୋଇ ପରାଜୟ ବରଣ କରିଥିଲେ । ବାଲେଶ୍ୱର ବିଜୟୀ ହୋଇ ରବିବାର ଫାଇନାଲ ଖେଳିବା ର ସୁଯୋଗ ସୃଷ୍ଟି କରିଛି । ଏହି ଖେଳରେ ଅମ୍ପାୟାର ଦାୟିତ୍ୱ ରେ ରହିଥିଲେ ଶରତ ଜେନା ଓ ହେମନ୍ତ ମଲିକ। ସ୍କୋର ବୋର୍ଡ ରେ ସହଯୋଗ କରିଥିଲେ ଶିକ୍ଷକ ପ୍ରଫୁଲ୍ଲ ବେହେରା, ଦୀପକ ପୋଇ, ସ୍ୱପ୍ନ ସାଗର ନାୟକ, ସୁରେଶ ସାହୁ। ବିଶିଷ୍ଟ ସାହିତ୍ୟିକ ଡ଼କ୍ଟର ରଘୁନାଥ ମହାନ୍ତି ଓ ରଙ୍ଗରାଗ ର ସମ୍ପାଦକ କବି ତଥା ସାମ୍ବାଦିକ ପ୍ରଦୀପ୍ତ କୁମାର ମହାନ୍ତି ଏହି ପ୍ରଥମ ଦିନର ଖେଳରେ ଅତିଥି ଭାବେ ଯୋଗ ଦେଇ ଉଭୟ ଦଳର ଖେଳାଳିଙ୍କର ଭବିଷ୍ୟତ ଉଜ୍ଜଳ କାମନା କରିଥିଲେ। ଆସନ୍ତା କାଲି ଶନିବାର ଦ୍ୱିତୀୟ ସେମିଫାଇନାଲ ଖେଳ ଅନୁଷ୍ଠିତ ହେବ। ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ର ଦୀର୍ଘ ୩୩ ବର୍ଷ ଧରି ଏହି ଖେଳ ଖୁବ ଆକର୍ଷଣୀୟ ହୋଇ ରେକର୍ଡ ସୃଷ୍ଟି କରିଛି।


❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo